# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୩/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, August 23/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 268 | ମୂଲ୍ୟ ₹୭/-




## ଫିଲ୍ମ ଫେୟାରରୁ କଙ୍ଗନା ବାଦ୍

ହିନ୍ଦୀ ଫିଲ୍ମ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ ଫିଲ୍ମ ଫେୟାର କର୍ତ୍ତୃପକ୍ଷ ହଇରାଣ କରୁଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।

୧୨

୧୪

## ଶୁବମନ ଗିଲ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ

ଜିମ୍ବାଓ୍ୱେ ବିପକ୍ଷରେ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶୁବମନ ଗିଲ୍ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ** ଖାତିର ନାହିଁ

ବନ୍ୟାଞ୍ଚଳରେ ବଣ୍ଟାଯିବ ସାନିଟାରି ନାପ୍‌କିନ ପୃ-୪

# ସମୁଦ୍ରକୁ ଯାଉଛି ଅଧା ପାଣି

■ ପରିବେଶବିତ୍‌ଙ୍କ ଆଶଙ୍କା: ୨୦୫୧ ବେଳକୁ ସୃଷ୍ଟି ହୋଇପାରେ ଜଳସଙ୍କଟ

■ ଅଟକାଇବାକୁ ନିର୍ମାଣ ହେବ ୪୬ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର: ମନ୍ତ୍ରୀ



**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ଓ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଅଧିକାଂଶ ନଦୀରେ ଜଳପ୍ରବାହ କ୍ରମଶଃ ହ୍ରାସ ପାଇଚାଲିଛି। ଓଡ଼ିଶାର ଅନେକ ନଦୀ ବର୍ଷାଦିନେ ଶୁଖିଲା ପଡୁଛି। ଜଳ ସଂରକ୍ଷଣ ନ କଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ପରିବେଶବିତ୍ ଚେତାବନୀ ଦେଲେଣି। ରାଜ୍ୟରେ ଥିବା ପ୍ରମୁଖ ନଦୀ ଜଳକୁ ଅଟକା ଯାଇପାରୁ ନାହିଁ। ଅଧାରୁ ଅଧିକ ପାଣି ସମୁଦ୍ର ଗର୍ଭକୁ ଚାଲିଯାଉଛି। ୨୦୫୧ ବେଳକୁ ରାଜ୍ୟରେ ଉତ୍କଟ ପାନୀୟଜଳ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ରାଜ୍ୟରେ ବଡ଼ ସମେତ ଶାଖା ଓ ଉପନଦୀକୁ ମିଶାଇ ପ୍ରାୟ ୩୩ ନଦୀ ବିଭିନ୍ନ ଜିଲା ଦେଇ ପ୍ରବାହିତ ହେଉଛି। ରାଜ୍ୟର ୧୧ ପ୍ରମୁଖ ନଦୀରୁ ସେହି ସବୁ ନଦୀ ଜଳପ୍ଳାବିତ ହୋଇଥାଆନ୍ତି। ତେବେ ପ୍ରମୁଖ ନଦୀଗୁଡ଼ିକରୁ ମିଳୁଥିବା ପାଣିକୁ ବିନିଯୋଗ ପାଇଁ ରୋକାଯାଇପାରୁନାହିଁ। ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ☞ପୃଷ୍ଠା-୪

**ପ୍ରମୁଖ ନଦୀରୁ ସମୁଦ୍ରକୁ ବୋହିଯାଉଥିବା ପାଣି**

| ନଦୀ | ନିୟୁତ କ୍ୟୁବିକ୍ ମିଟର |
| --- | --- |
| ମହାନଦୀ | ୨୫୯୪୦.୨୮ |
| ବ୍ରାହ୍ମଣୀ | ୭୮୧୯.୭୧ |
| ବୈତରଣୀ | ୨୨୧୫.୮୦ |
| ବଂଶଧାରା | ୨୪୬୮.୪୭ |
| ବୁଢ଼ାବଳଙ୍ଗ | ୧୬୬୮.୦୪ |
| କୋଲାବ | ୪୬୯୯.୮୧ |
| ଇନ୍ଦ୍ରାବତୀ | ୨୦୩୮.୬୭ |
| ନାଗାବଳୀ | ୧୬୧୪.୮୧ |
| ସୁବର୍ଣ୍ଣରେଖା | ୧୪୫୧.୫୯ |

# ଭାରତରେ ଆକ୍ରମଣ ଯୋଜନା ପଣ୍ଡ କଲା ରୁଷିଆ

■ ଆଇଏସ୍ ଆତଙ୍କବାଦୀ ଗିରଫ

■ ଟାର୍ଗେଟ୍‌ରେ ଥିଲେ ଶାସକ ଦଳ ନେତା

**ମସ୍କୋ/ନୂଆଦିଲ୍ଲୀ, ୨୨।୮**

ପ୍ରଫେଟ ମହମ୍ମଦଙ୍କ ଉପରେ ଟିପ୍ପଣୀକୁ କେନ୍ଦ୍ର କରି ଭାରତର ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ଉପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଯୋଜନାକୁ ରୁଷିଆ ପଣ୍ଡ କରିଛି। ମଧ୍ୟ ଏସୀୟ ଦେଶର ଏହି ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିବା ରୁଷୀୟ ଗୋଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ନେଇ ରୁଷିଆ ସରକାରୀ ଗଣମାଧ୍ୟମ ଟାସ୍‌ରେ ରିପୋର୍ଟ ପ୍ରକାଶ ପାଇଛି।

ରୁଷିଆ ସଂଘୀୟ ସୁରକ୍ଷା ସେବା (ଏଫ୍‌ଏସ୍‌ବି) ସୂଚନା ଅନୁସାରେ, ଗତ ଏପ୍ରିଲରୁ ଜୁନ୍ ମଧ୍ୟରେ ଆଇଏସ୍ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ସଙ୍ଗଠନରେ ସାମିଲ କରିଥିଲା। ଆଇଏସ୍‌ର ଏହି ସଦସ୍ୟଙ୍କୁ ଏଫ୍‌ଏସ୍‌ବି ସଦସ୍ୟ ରୁଷିଆରେ ଚିହ୍ନଟ କରି ଗିରଫ କରିଥିଲେ। ସେ ଭାରତରେ ଆତ୍ମଘାତୀ ଆକ୍ରମଣ କରିବା ଯୋଜନା ବାବଦରେ ରୁଷୀୟ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଟେଲିଗ୍ରାମ ଜରିଆରେ ଆଇଏସ୍ ତାଙ୍କ ମୁଣ୍ଡରେ ଆତଙ୍କବାଦୀ କାର୍ଯ୍ୟକଳାପ ☞ପୃଷ୍ଠା-୪







# ବିଲୁପ୍ତି ପଥେ ବଜ୍ରକାପ୍ତା

ସାରା ପୃଥିବୀରେ ଶିକାର ଓ ଚୋରାଚାଲାଣ ହେଉଥିବା ସବୁଠାରୁ ନିରୀହ ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଛାଲ, କାତି, ମାଂସ ପାଇଁ ଏହି ପ୍ରାଣୀ ଆଜି ବିଲୁପ୍ତପ୍ରାୟ ହେବାକୁ ବସିଲାଣି। ଓଡ଼ିଶାରେ ମଧ ବଜ୍ରକାପ୍ତା ଶିକାର ଜୋର୍‌ସୋରରେ ଚାଲିଛି। ଏଠାରେ ଦେଖାଯାଉଥିବା ବଜ୍ରକାପ୍ତା ବିରଳ ତଥା ଏହାର କାତି, ମାଂସ ସବୁଠୁ ଭିନ୍ନ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ରହିଛି। ଏଥିପାଇଁ ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ଚୋରା ଚାଲାଣ ରାକେଟ ରାଜ୍ୟରେ ସକ୍ରିୟ ରହିଛି। ଇତିମଧ୍ୟରେ ଅନେକ ଶିକାରୀ ଓ ବେପାରୀ ଗିରଫ ହୋଇଥିଲେ ମଧ ବଜ୍ରକାପ୍ତାର ବେଆଇନ କାରବାର ଥମିବାର ନାଁ ନେଉନାହିଁ। ବଜ୍ରକାପ୍ତା ଆମ ଇକୋ ସିଷ୍ଟମ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି।

- ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର







**ବଢୁଛି ଶିକାର, ଚୋରାଚାଲାଣ**

- ୮ ମାସରେ ୧୯ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର
- ୨୮କେଜି କାତି ଜବତ, ଢେଙ୍କାନାଳରୁ ଏକାଥରକେ ୧୪ କେଜି

ଓ୍ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ)ର ତଥ୍ୟାନୁସାରେ, ୨୦୧୮ ଅଗଷ୍ଟରୁ ୨୦୨୨ ଜୁନ୍ ମଧ୍ୟରେ ୧୮ ଜିଲାରେ ୪୫ଟି ଚଢ଼ାଉ ଘଟଣାରେ ୪୬ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେଥିମଧ୍ୟରୁ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୫ଟି ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି। ତା' ପଛକୁ କୋରାପୁଟ ଓ କନ୍ଧମାଳରୁ ୪ ଲେଖାଏ, ବରଗଡ଼, କଟକ ଓ ବୌଦ୍ଧରୁ ୩ ଲେଖାଏ, ମାଲକାନଗିରି, ରାୟଗଡ଼ା, ଖୋର୍ଦ୍ଧା ଓ ସୋନପୁରରୁ ୨ ଲେଖାଏ, ସୁନ୍ଦରଗଡ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, ଗଜପତି, ଦେବଗଡ ଓ ନୂଆପଡ଼ା ଜିଲାରୁ ଗୋଟିଏ ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି। ୨୦୧୮ ଅଗଷ୍ଟରୁ ୨୦୨୧ ଅଗଷ୍ଟ ମଧ୍ୟରେ ମୋଟ ୨୬ ଚଢ଼ାଉ ଘଟଣାରେ ସମୁଦାୟ ୨୭ଟି ବଜ୍ରକାପ୍ତାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ମାତ୍ର ୮ ମାସ ମଧ୍ୟରେ ୧୮ଟି ଚଢ଼ାଉ ଘଟଣାରେ ୧୯ ବଜ୍ରକାପ୍ତା ଉଦ୍ଧାର ହୋଇଛନ୍ତି। ସେହିଭଳି ୨୦୧୬ ସେପ୍ଟେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ମୋଟ ୨୧ ଘଟଣାରେ ସମୁଦାୟ ୫୪ କେଜି କାତି ଜବତ ହୋଇଥିବାବେଳେ କେବଳ ଗତ ୮ ମାସ ଭିତରେ ପ୍ରାୟ ୨୮ କେଜିରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ଏଥିରୁ ରାଜ୍ୟରେ ବଜ୍ରକାପ୍ତା ଶିକାର ଓ ଚୋରାଚାଲାଣ ବୃଦ୍ଧି ହୋଇଥିବା ସ୍ପଷ୍ଟ ହୋଇଛି। ଗତବର୍ଷ ବ୍ରହ୍ମପୁର ଡିଭିଜନ ଦିଗପହଣ୍ଡି ରେଞ୍ଜ ଅନ୍ତର୍ଗତ ନକାମୁଡିଆଠାରେ ସର୍ବାଧିକ ୬.୯ କେଜି କାତି ଜବତ ହୋଇଥିଲା। ତେବେ ବିଗତ ୬ ବର୍ଷ ଭିତରେ ଗୋଟିଏ ଘଟଣାରେ ସବୁଠାରୁ ଅଧିକ କାତି ଜବତ କରି ରେକର୍ଡ ବଜାୟ ରଖିଛି ଢେଙ୍କାନାଳ ବନଖଣ୍ଡର କପିଳାସ ରେଞ୍ଜ। ୨୪ ଜୁଲାଇ ୨୦୨୧ରେ ଏଠାରୁ ଏକାଥରକେ ସବୁଠାରୁ ଅଧିକ ୧୪.୨ କେଜି ବଜ୍ରକାପ୍ତା କାତି ଜବତ ହୋଇଥିଲା। ସେହିପରି ୨୦୨୧ ନଭେମ୍ବର ୨୦ରେ କରଞ୍ଜିଆ ବାଇପାସ୍‌ରେ ସ୍ଥାନୀୟ ପୋଲିସ ଓ କରଞ୍ଜିଆ ରେଞ୍ଜ କର୍ମଚାରୀ ଚଢ଼ାଉ କରି କମ୍ ପରିମାଣର ଅର୍ଥାତ୍ ୧୫ଟି କାତି ଜବତ କରିଥିଲେ। ହେଲେ ଏହି ମାମଲାରେ ସର୍ବାଧିକ ୧୫ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି କ୍ଷେତ୍ରରେ ଏହା ହେଉଛି ନୂଆ ରେକର୍ଡ। ସେହିଭଳି ନୂଆପଡ଼ା ଜିଲା ଖରିଆର ରେଞ୍ଜରେ ଜୋଙ୍କ ଥାନା ତରଫରୁ ଏକ ସ୍କର୍ପିଓକୁ ଯାଞ୍ଚବେଳେ ଏକ ୪ x ୪ ଇଞ୍ଚର ବଜ୍ରକାପ୍ତା କାତି ଜବତ କରିବା ସହ ଗାଡ଼ିରେ ଥିବା ୩ ଜଣଙ୍କୁ ଗିରଫ କରିଥିଲା।





## କାହିଁକି ହେଉଛି ଶିକାର

ବଜ୍ରକାପ୍ତା ଶିକାର ଓ ଚୋରାଚାଲାଣ ପାଇଁ ଓଡ଼ିଶା ପ୍ରାଥମିକ କେନ୍ଦ୍ର ପାଲଟିଛି। କାରଣ ରାଜ୍ୟରେ ଏହାର ମାର୍କେଟ ଆଦୌ ନାହିଁ। କିନ୍ତୁ ଓଡ଼ିଶାରୁ ହିଁ ବଜ୍ରକାପ୍ତା ଓ କାତିକୁ ସଂଗ୍ରହ କରାଯାଇ ବେଆଇନ ଭାବେ ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ସୀମା ଦେଇ ବିଦେଶକୁ ଯାଇଥାଏ। ବିଶେଷକରି ଅଧିକାଂଶ ଚୋରା ଚାଲାଣ ବାଂଲାଦେଶ, ମ୍ୟାନ୍‌ମାର ଆଦି ଦେଶ ଦେଇ ଚାଇନାକୁ ହୋଇଥାଏ। ଚାଇନା, ତାଇୱାନ ଓ ଭିଏତ୍‌ନାମ ପରି ଦେଶରେ ବଜ୍ରକାପ୍ତା ମାଂସ ସୁସ୍ୱାଦୁ ଖାଦ୍ୟ ଭାବରେ ବ୍ୟବହାର ହୋଇଥାଏ। ସେହିପରି କାତିର ସିଂହ ଭାଗ ଏସବୁ ଦେଶକୁ ଯାଇଥାଏ। ମାଂସ ଓ କାତି ଔଷଧ ବ୍ୟବହାରରେ ଲାଗିଥାଏ। ଆମେରିକା ଓ ମେକ୍ସିକୋରେ ବଜ୍ରକାପ୍ତା କାତିରୁ ପ୍ରସ୍ତୁତ ଜୋତାର ଚାହିଦା ଅଧିକ। ବଜ୍ରକାପ୍ତା କାତିରୁ ଫ୍ୟାଶନ ଭାବେ ବେଲ୍ଟ ଏବଂ ମହିଳାଙ୍କ ପାଇଁ ଭ୍ୟାନିଟ୍ ଓ ପର୍ସ ଆଦି ମଧ ତିଆରି ହୋଇ ଚଢ଼ା ଦରରେ ବିକ୍ରି ହୁଏ। ବଜ୍ରକାପ୍ତା କାତିରେ ତିଆରି ଜୋତା, ବେଲ୍ଟ, ବ୍ୟାଗ୍, ହାତ ଘଣ୍ଟା ବ୍ୟାଣ୍ଡ୍, ଆଦି ସାମଗ୍ରୀର ମୁଖ୍ୟ ବଜାର ଯୁକ୍ତରାଷ୍ଟ୍ର ଆମେରିକା ବୋଲି ଓ୍ୱାର୍ଲଡ ଓ୍ୱାଇଲ୍ଡଲାଇଫ୍ ଫଣ୍ଡ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ତଥ୍ୟରୁ ଜଣାପଡ଼ିଛି। ବଜ୍ରକାପ୍ତା କାତିକୁ ବ୍ୟବହାର କରି ଜ୍ୟାକେଟ ତିଆରି ହେବା ମଧ ନଜିର ରହିଛି। ସେହିଭଳି ବଜ୍ରକାପ୍ତା କାତିରେ ନିର୍ମିତ ମୁଦିକୁ ହାତ ଆଙ୍ଗୁଠିରେ ପିନ୍ଧିଲେ ରୋଗ ଭଲ ହୁଏ ବୋଲି ଭାରତ ସମେତ ଅନ୍ୟ କେତେକ ଦେଶରେ ବିଶ୍ୱାସ ରହିଛି। ଓଡ଼ିଶାରେ କାଁ ଭାଁ କେହି ବଜ୍ରକାପ୍ତା କାତିରେ ତିଆରି ମୁଦି ପିନ୍ଧିଥିବା ଦେଖାଯାଏ। କିନ୍ତୁ ଭାରତରେ ଏହିସବୁ ସାମଗ୍ରୀର ଆମଦାନୀ ଓ କାରବାର ନିଷିଦ୍ଧ ଘୋଷଣା କରାଯାଇଛି।

## ତଦନ୍ତ ଓ ମାମଲା ପରିଚାଳନା ଦୁର୍ବଳ

ଯଦିଓ ବଜ୍ରକାପ୍ତା ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ତଫସିଲ ୧ ପ୍ରାଣୀ ଭାବରେ ସର୍ବାଧିକ ସଂରକ୍ଷଣପ୍ରାପ୍ତ, କିନ୍ତୁ ଆଜିପର୍ଯ୍ୟନ୍ତ ଜଣେ ହେଲେ ଶିକାରୀ, ଚାଲାଣକାରୀ ବା ବେପାରୀଙ୍କୁ ଦଣ୍ଡ ବିଧାନ ହୋଇପାରିଲା ନାହିଁ। ଆଗରୁ କେବଳ ବନ ବିଭାଗ ବନ୍ୟପ୍ରାଣୀ ମାମଲା ରୁଜୁ କରି କୋର୍ଟକୁ ମାମଲା ପଠାଉଥିଲା। ତେବେ ରାଜ୍ୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗଠନ ହେବା ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଲ୍ଲେଖନୀୟ କାର୍ଯ୍ୟକରି ବଜ୍ରକାପ୍ତା ଶିକାରୀ ଓ ବେପାରୀଙ୍କୁ ଧରି ନିଜେ କୋର୍ଟକୁ ମାମଲା ପଠାଇ କଡ଼ାକଡ଼ି ଭାବରେ ତଦନ୍ତ କରୁଥିଲା। ହେଲେ ଗତ କିଛିବର୍ଷ ହେଲା ଏସ୍‌ଟିଏଫ୍ କେବଳ ବଜ୍ରକାପ୍ତା ବା କାତି ଧରି ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରୁଛି, ଆଉ ନିଜେ ମାମଲା ରୁଜୁ କରୁନାହିଁ। ମାତ୍ର ବନ ବିଭାଗ ସେପରି ଦୃଢ଼ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହିଁ। ଫଳରେ ଏହା ଶିକାରୀ ଓ ଚାଲାଣକାରୀଙ୍କୁ ସୁଯୋଗ ଦେଉଛି।

## ସ୍ଥାଣୁ ବନ୍ୟପ୍ରାଣୀ ବିଭାଗ



" ବନ ବିଭାଗର ବନ୍ୟପ୍ରାଣୀ ୱିଙ୍ଗ୍ ଥାଇ ନ ଥିବା ଭଳି କାମ କରୁଛି। ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟରେ ଏକ ୱାଇଲ୍ଡଲାଇଫ କ୍ରାଇମ୍ ସେଲ୍ ରହିଥିଲେ ମଧ କାମ ଶୂନ। ସାମଗ୍ରିକ ଭାବରେ ବନବିଭାଗ ବଜ୍ରକାପ୍ତା ଶିକାର ରୋକିବାରେ ଫେଲ୍ ମାରିଛି। କାରଣ ଓଡ଼ିଶା ଇତିହାସରେ ଜଣେ ହେଲେ ବି ଅପରାଧୀଙ୍କୁ ଦଣ୍ଡ ବିଧାନ କରିବାରେ ବିଭାଗ ବିଫଳ ହୋଇଛି। ଅପରାଧ ପାଇଁ ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଆର୍ଥିକ ପୁରସ୍କାର ଦେବା କଥା, କିନ୍ତୁ ପୁରସ୍କାର ବଦଳରେ ବନ ବିଭାଗ ସୂଚନାଦାତାଙ୍କୁ ଅନେକ ହଇରାଣ କରିବା ଖବର ମଧ ରହିଛି। ଏପରି ସ୍ଥିତିରେ ରାଜ୍ୟର ଶିକାର ରୋକିବା ସମ୍ଭବ ହେଉନାହିଁ।

- ବିଶ୍ୱଜିତ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ

## ହାତୀ, ବାଘ ଯେଉଁଠି ଅସୁରକ୍ଷିତ, ବଜ୍ରକାପ୍ତା ସୁରକ୍ଷା ଚିନ୍ତା କରିବା ବୃଥା



" ରାଜ୍ୟରେ ବହୁ ସମୟରେ ଜୀବନ୍ତ ବଜ୍ରକାପ୍ତା ଓ କାତି ଜବତ ହେଉଛି। ହେଲେ ଏଥିରେ କୌଣସି ଠିକ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ନ ଧରି ମୂଲିଆ ଲୋକଙ୍କୁ ଗିରଫ କରାଯାଉଛି। ହାତୀ, ବାଘକୁ ଯେଉଁ ବନ ବିଭାଗ ସୁରକ୍ଷା ଦେଇପାରୁନି, ସେଠି ବଜ୍ରକାପ୍ତା ଭଳି ଛୋଟିଆ ଜୀବକୁ କିପରି ସୁରକ୍ଷା ଦେବ। ତେବେ ହାତୀ, ବାଘ ପାଇଁ ଯେପରି ପ୍ରୋଜେକ୍ଟ ରହିଛି, ସେହିଭଳି ବଜ୍ରକାପ୍ତାକୁ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ପ୍ରୋଜେକ୍ଟ କରାଯିବା ଦରକାର। ବଜ୍ରକାପ୍ତା ଉପରେ ନଜର ରଖିବାକୁ ଉତ୍ସର୍ଗୀକୃତ ଅଧିକାରୀ ଓ ଏକ ଇଣ୍ଟେଲିଜେନ୍ସ ରହିବା ଆବଶ୍ୟକ। ଏମାନେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ମୁଖ୍ୟ ଭୂମିକା ନେବେ।

- ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ପିସିସିଏଫ୍

## ଆଇପିସି ୧୨୦ (ବି) ଭଳି ଦଫାର ଆବଶ୍ୟକତା ରହିଛି



" ବଜ୍ରକାପ୍ତା ଶିକାର ଓ ଚୋରା ଚାଲାଣ ରୋକିବା ପାଇଁ ଖାଲି ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ଦଫା ଲଗାଇଲେ ହେବ ନାହିଁ, ଏଥିସହିତ ଆଇପିସି ୧୨୦ (ବି) (ଆପରାଧିକ ଷଡ଼ଯନ୍ତ୍ର) ଭଳି ଦଫା ଲଗାଯିବା ଦରକାର। ମାତ୍ର ଏହି ଦଫା ବନ ବିଭାଗର କ୍ଷମତା ବର୍ହିଭୁକ୍ତ। ରାଜ୍ୟରେ ଯେଉଁଠି ବି ଜୀବନ୍ତ ବଜ୍ରକାପ୍ତା ବା କାତି ଜବତ ହେଉଛି, ସେହିସବୁ ମାମଲାକୁ ସରକାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ତଦନ୍ତ କରିବ ବୋଲି ନିର୍ଦ୍ଦେଶନାମା ଜାରି କରିବା ଉଚିତ। ଏହା ନ ହେଲେ ଓଡ଼ିଶାରେ ବଜ୍ରକାପ୍ତା ଶିକାର ରୋକିବା ଅସମ୍ଭବ।

- ଶୁଭେନ୍ଦୁ ମଲ୍ଲିକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଖୋର୍ଦ୍ଧା

## ପାଟ୍ରୋଲିଂକୁ ବ୍ୟାପକ କରାଯାଉଛି



" ରାଜ୍ୟରେ ବ୍ୟାପକ ଭାବେ ରେଡ୍ କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଯେତେ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହେଉଛି, ତାକୁ ପୁଣି ତା'ର ବାସସ୍ଥାନରେ ଛାଡ଼ିଦେଉଛୁ। ରୋକିବା ପାଇଁ ପାଟ୍ରୋଲିଂକୁ ବ୍ୟାପକ କରାଯିବା ସହିତ ବନ ସୁରକ୍ଷା ସମିତି ଓ ଇକୋ ଡେଭଲପ୍‌ମେଣ୍ଟ କମିଟିକୁ ସଚେତନ କରାଯାଉଛି।

- କେଦାର ସ୍ୱାଇଁ, ବନ ସଂରକ୍ଷକ(ବନ୍ୟପ୍ରାଣୀ)

## ନନ୍ଦନକାନନରେ ଅଛି ପ୍ରଜନନ କେନ୍ଦ୍ର

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୨୦୦୮ରୁ ଏକ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛି। ଏବେ ସେଠାରେ ୨୬ଟି ବଜ୍ରକାପ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାପ୍ତବୟସ୍କ ଅଛନ୍ତି। ଯଦିଓ ଏହି ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତାମାନେ ସଫଳ ପ୍ରଜନନ କଲେଣି, ହେଲେ ଯେ ପର୍ଯ୍ୟନ୍ତ ଏଠାରେ ଜନ୍ମିତ ଛୁଆଙ୍କୁ ବଡ଼ କରି ଜଙ୍ଗଲରେ ପ୍ରାକୃତିକ ପରିବେଶରେ ବଞ୍ଚିବା ପାଇଁ ଛଡ଼ା ନ ଯାଇଛି, ସେ ପର୍ଯ୍ୟନ୍ତ ଏହି ପ୍ରୋଜେକ୍ଟ ସଫଳ ହୋଇଛି ବୋଲି କହିହେବ ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ସେପଟେ ନନ୍ଦନକାନନ କର୍ତ୍ତୃପକ୍ଷ ମଧ ପ୍ରଜନନ କେନ୍ଦ୍ରରୁ ବଜ୍ରକାପ୍ତାକୁ ବାହାରେ ଛାଡ଼ିବା ପାଇଁ ଯୋଜନା କରିଛନ୍ତି ସିଜେଡ୍‌ଏ ଏବଂ ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିବା ପରେ ବାହାରେ ଛଡ଼ାଯିବ ବୋଲି ଜଣାପଡ଼ିଛି।





ସଂକ୍ଷେପରେ

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ, ଗୋଟିଏ ପରିବାରରୁ ୩ ଆହତ

ରସୁଲପୁର,୨୨।୮(ଡି.ଏନ.ଏ.): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବ୍ରାହ୍ମଣ ନରସିଂହପୁର ଗ୍ରାମରେ ରବିବାର ଜମିବାଡି ବିବାଦକୁ କେନ୍ଦ୍ରକରି ପରିବାର ସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଉକ୍ତ ଗଣ୍ଡଗୋଳରେ ବୋହୂ, ଶାଶୁ ଓ ଶ୍ୱଶୁର ଆହତ ହୋଇଛନ୍ତି । ବୋହୂ ମଧୁବନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବେଳେ ଶାଶୁ ଓ ଶ୍ୱଶୁର ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଏ ନେଇ ବୋହୂ ସବିତା ମଲ୍ଲିକ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏ ନେଇ ଏକ ମାମଲା(ନଂ. ୨୫୭/୨୨) ରୁଜୁ କରି ତଦନ୍ତ ଚଳାଇଛି । ଘଟଣାଦିନ ବୋହୂ ସବିତାଙ୍କୁ ଶାଶୁ ଚାଉଳ ମାଗିଥିଲେ । ବୋହୂ ନ ଦେବାରୁ ଶାଶୁ ଓ ଶ୍ୱଶୁର ମିଳିମିଶି ତାକୁ ମାଡ ମାରିଥିଲେ । ଏହାକୁ ଦେଢଶୁର ଦେଖିବାରୁ ସେ ମା'ବାପାଙ୍କୁ ଗଣ୍ଡଗୋଳରୁ ରୋକିବାକୁ ପ୍ରୟାସ କରିଥିଲେ । ମାତ୍ର ସେମାନେ ପୁଅର କଥାକୁ ନ ଶୁଣି ସବିତାକୁ ମାଡ ମାରି ଚାଲିଥିଲେ । ଏହାକୁ ବିରୋଧ କରି ଦେଢଶୁର ସେମାନଙ୍କୁ ମାଡ଼ ମାରିଥିଲେ । ଶାଶୁ ଶ୍ୱଶୁରଙ୍କ ମାଡ଼ରେ ବୋହୂ ଆହତ ହୋଇଥିବା ବେଳେ ପୁଅ ମାଡ଼ରେ ମା'ବାପା ଆହତ ହୋଇଛନ୍ତି ବୋଲି ସବିତା ଅଭିଯୋଗରେ ଦର୍ଶାଇଛନ୍ତି । ଏ ସମ୍ପର୍କରେ ଖବର ପାଇ ସବିତାର ନଣନ୍ଦ ଯାଜପୁର ସଦର ଥାନା ଅନ୍ତର୍ଗତ ଦେବିଲିସିପୁର ଗ୍ରାମର ନିରଞ୍ଜନ ଜେନାଙ୍କ ସ୍ତ୍ରୀ ପାକେଇ ମଲ୍ଲିକ ଆସି ଘରେ ପହଞ୍ଚି ଥିଲେ । ମା'ବାପାଙ୍କୁ ମାଡ ହୋଇଥିବା ଜାଣି ସେ ଭାଉଜ ସବିତାଙ୍କ ବାକ୍ସକୁ ଆଣି ପଦାରେ ଫୋପାଡି ଦେଇ ତାଙ୍କ ସହ ଝଗଡା କରିଥିଲେ । ଉକ୍ତ ବାକ୍ସରେ ଥିବା ୫ହଜାର ଟଙ୍କା ଚୋରି କରିନେଇଥିବା ସମ୍ପର୍କରେ ଅଭିଯୋଗ କରାଯାଇଛି । ଉକ୍ତ ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ବିଞ୍ଝାରପୁର କଂଗ୍ରେସର ପ୍ରତିବାଦ ସଭା



ବିଞ୍ଝାରପୁର,୨୨।୮(ଡି.ଏନ.ଏ.): ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଞ୍ଝାରପୁର କଂଗ୍ରେସ ପକ୍ଷରୁ ସୋମବାର ବ୍ଲକର ବିତନାଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ନେତ୍ରୀ କନକଲତା ମଲିକଙ୍କ ନେତୃତ୍ୱରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଏକଜୁଟ ହୋଇ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ମାରଣା ନୀତି, ଶିକ୍ଷିତ ବେକାରୀ ସୃଷ୍ଟି, ଦରଦାମ୍ ବୃଦ୍ଧି ଆଦି ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ପ୍ରାକ୍ତନ ସରପଞ୍ଚ ପ୍ରବୋଧ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପରିଡ଼ା, ଚନ୍ଦ୍ରଶେଖର ଧଳ, ପିତାମ୍ବର ଜେନା, ନାରାୟଣ ମଲ୍ଲିକ, କାଶିନାଥ ଦାସ, ଅଲେଖ କାଣ୍ଡି, ହିମାଂଶୁ ମହଲ, ପ୍ରଭାତ ଦାସ, ମହେନ୍ଦ୍ର ଜେନା, ସୁଲୋଚନା ଦାସ, ସରୋଜ ନାୟକ, ବିଜନ ଦାସ, ମେର୍ଜା କବୁଲ ବେଗ୍, ସେକ ଫୟାଜୁଦ୍ଦିନ, ମହେନ୍ଦ୍ର ଦାଶ, ବାପି ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ଜୀବନ ପାଇଁ ଯୋଜନାର ଅଭାବ

ଯାଜପୁର ଅଫିସ,୨୨।୮



ବନ୍ୟାବିପନ୍ନ ହୃଷୀକେଶ ନାୟକ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି ।



ବନ୍ୟା ଜଳ ଘେରରେ ଏକ ପରିବାର ।

ଯାଜପୁର ଜିଲାରେ ୨୦୨୦ ଅଗଷ୍ଟ ବନ୍ୟାରେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା । ୧୦ ବ୍ଲକ ଓ ୧ ପୌର ପରିଷଦର ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ଏହି ପ୍ରଳୟଙ୍କରୀ ବନ୍ୟାକୁ ୨ ବର୍ଷ ପୂରିଛି । ପୁଣି ଏକ ବନ୍ୟା ଆସିଛି । ଗତ ୧୭ ବର୍ଷ ମଧ୍ୟରେ ଏହାକୁ ମିଶାଇ ପ୍ରାୟ ୭ଟି ବନ୍ୟା ହୋଇଛି । ହେଲେ ସରକାର ଏହି ସମ୍ବେଦନଶୀଳ ଘଟଣାକୁ ଅତି ହାଲୁକା ଭାବେ ନେଇଥିବା କୁହାଯାଉଛି । ବିଭିନ୍ନ ସହରରେ ସୌନ୍ଦର୍ଯ୍ୟକରଣ, ଉନ୍ନତିମୂଳକ କାର୍ଯ୍ୟ ଆଦିକୁ ଗୁରୁତ୍ୱ ଦିଆଯାଉଥିବାବେଳେ ବନ୍ୟା ଦୁର୍ଗତଙ୍କ ଜୀବନ ରକ୍ଷା ପାଇଁ ଏଯାଏ କୌଣସି ଆଖିଦୃଶିଆ ଯୋଜନା ହୋଇ ପାରିନାହିଁ ବୋଲି ବନ୍ୟା ବିପନ୍ନ ଏବଂ ରିଲିଫ କାର୍ଯ୍ୟରେ ନିୟୋଜିତ କେତେକ ଅନୁଷ୍ଠାନ ମତବ୍ୟକ୍ତ କରିଛନ୍ତି ।

ଯାଜପୁର ଜିଲା ଦେଇ ବ୍ରାହ୍ମଣୀ, ବୈତରଣୀ, ବୁଢ଼ା, ଖରସ୍ରୋତା ଓ ବିରୂପା ଆଦି ନଦୀ ପ୍ରବାହିତ ହୋଇଛି । ବ୍ରାହ୍ମଣୀ ନଦୀକୁ ମୁଖ୍ୟତଃ ଚିରସ୍ରୋତା କରାଯିବା ପାଇଁ ୧୯୫୬ରୁ ଦାବି ହୋଇ ଆସୁଥିଲେ ହେଁ ରାଜନୈତିକ ଆନ୍ତରିକତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ସେହିପରି ବନ୍ୟା ନିୟନ୍ତ୍ରଣ ପାଇଁ ଏହି ନଦୀଗୁଡିକରେ ସମନ୍ୱିତ ନଦୀ ପରିଚାଳନା, ବ୍ୟାରେଜ ଆଦି ଯୋଜନା ମଧ୍ୟ ପ୍ରତିଶ୍ରୁତିରେ ଅଟକିଛି । ଏହାବାଦ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି । ଏହାର ସମାଧାନ ପାଇଁ ଜିଲାର ବରୀ, ସୁଜନପୁର, ବିଞ୍ଝାରପୁର, ଜେନାପୁର ଅଞ୍ଚଳର ଲୋକମାନେ ସଂଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବିକରି ଆସୁଛନ୍ତି । ତେଣୁ ଆଗାମୀ ଦିନରେ ବନ୍ୟା ପରିସ୍ଥିତିର ନିୟନ୍ତ୍ରଣ କରିବାକୁ ସରକାର ଅତି ଗୁରୁତର ଭାବେ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରୁଥିଲେ ବି କେହି ଶୁଣି ନାହାନ୍ତି । କେବଳ ନିଜ ସମର୍ଥିତ କେତେକ ପ୍ରଭାବଶାଳୀ ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଭିନ୍ନ ବିକାଶମୂଳକ ଯୋଜନା ପାଇଁ ବିପୁଳ ଅର୍ଥ ବ୍ୟୟବରାଦ କରାଯାଉଛି । ଯାଜପୁର ଜିଲାର ବୈତରଣୀ ବାମପାର୍ଶ୍ୱ ନଦୀ ଶଯ୍ୟାକୁ ପୋତି କେତେକ ବିକାଶମୂଳକ କାର୍ଯ୍ୟ ହୋଇଛି । ଏନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଏନଜିଟିରେ ମାମଲା ମଧ୍ୟ ରୁଜୁ ହୋଇଛି ।

### ଯାଜପୁର ଜିଲାରେ ବନ୍ୟା ଦୁର୍ଦ୍ଦଶା

ବୈତରଣୀ ନଦୀଶଯ୍ୟାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବାରୁ ନଦୀପଥ ସଙ୍କୁଚିତ ହୋଇ ପାଣିର ସ୍ରୋତ ଆହୁରି ଜୋର ହେଉଛି । ଫଳରେ ତଳମୁଣ୍ଡରେ ଥିବା ନଦୀବନ୍ଧ ଦୁର୍ବଳ ହେବା ସହ ନଦୀପଥ ପରିବର୍ତ୍ତନ ଏବଂ ବନ୍ୟା ଆଶଙ୍କା ରହୁଛି ବୋଲି କମିଟି ପକ୍ଷରୁ ଏନଜିଟିରେ ୩୪/୨୦୨୧/ଇଜେଡରେ ଏକ ମାମଲା ରୁଜୁ ହୋଇଛି ।

ଅନ୍ୟପକ୍ଷେ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କିମି ବନ୍ଧ ଓ ଅପର ପାର୍ଶ୍ୱରେ ୧୮୦ କିମି ବନ୍ଧ ନିର୍ମାଣ ହୋଇଛି । କିନ୍ତୁ ଏହି ନଦୀବନ୍ଧଗୁଡିକର ଏ ଯାବତ ସୁଦୃଢ଼ୀକରଣ କରାଯାଇ ପାରିଲା ନାହିଁ । ବନ୍ୟା ସୁରକ୍ଷିତ ଅଞ୍ଚଳକୁ ବନ୍ୟା ସମୟରେ ଅନ୍ୟୂନ୍ୟ ୨୪ ଟି ଫୁଙ୍କାର କରାଯାୟୀ କୃଷି ଉପଯୋଗୀ ଜମିକୁ ଉର୍ବର କରାଯାଇପାରନ୍ତା ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ପ୍ରସ୍ତାବ ଦେଇଛନ୍ତି । ସେହିଭଳି ନଦୀ ଉପତ୍ୟକା ଅଞ୍ଚଳକୁ ଅତିକମ୍‌ରେ ୨୨ଟି ନାଳ ଦ୍ୱାରା ସଂଯୋଗୀ କରଣ କରାଗଲେ ବନ୍ୟାର ପ୍ରକୋପକୁ ଜିଲାରେ ହ୍ରାସ କରାଯାଇପାରନ୍ତା ବୋଲି ଦାବିପତ୍ର ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବନ୍ୟା ସମୟର ପାଣି ସମୁଦ୍ରକୁ ବହି ଯାଉଥିବାରୁ ଖରସ୍ରାତା, ବୁଢା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଁଏ ଚେକଡ୍ୟାମ କରାଯିବାକୁ ବହୁ ଦିନରୁ ଦାବି ହୋଇ ଆସୁଅଛି । ଜଳସମ୍ପଦ ବିଭାଗ କମିଶନର ଦେଇଥିବା ପ୍ରତିଶ୍ରୁତି ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା, ବ୍ରାହ୍ମଣୀ ଓ କେଲୁଅ ନଦୀର ଜେନାପୁରଠାରୁ କାଇପଡା ମଧ୍ୟରେ ୪ଟି ବ୍ୟାରେଜ ନିର୍ମାଣ ଆଦି ଅସମାହିତ ରହିଛି । ସେହିପରି ବୈତରଣୀ ନଦୀ ଉପରମୁଣ୍ଡରେ ଆନନ୍ଦପୁର ବ୍ୟାରେଜ ନିର୍ମାଣ ଅଧାରେ ଅଟକିଛି । ଏଭଳି ଅନେକ ଯୋଜନା ପ୍ରସ୍ତାବରେ ସୀମିତ ରହିଥିବାରୁ ବନ୍ୟା ଦୁର୍ଗତଙ୍କ ଜୀବନ ବିପଦାପନ୍ନ ହେଉଛି । ଦଶରଥପୁର ବ୍ଲକ ନୂଆଶାସନର ବନ୍ୟା ଦୁର୍ଗତ ହୃଷୀକେଶ ନାୟକ କୁହନ୍ତି, ଅଞ୍ଚଳର ଅଧିକାଂଶ ଗରିବ ଲୋକ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । କେତେକ ଥିଲାବାଲା ଲୋକ ପକ୍କା ଘର ପାଉଥିବାବେଳେ ଗରିବ ଲୋକ କଚ୍ଚା ଘରେ ରହୁଛନ୍ତି । ତେଣୁ ବନ୍ୟା ହେଲେ କଚ୍ଚା ଘର ଭାଙ୍ଗିଯିବା ସହିତ ସେମାନେ ବାସହରା ହେଉଛନ୍ତି । ପଛପଡ଼ା ଗ୍ରାମର କମଳାକାନ୍ତ ଗୋଛାୟତ କୁହନ୍ତି, ବନ୍ୟା ପ୍ରପୀଡ଼ିତଙ୍କ ପାଇଁ କିଛି ଯୋଜନା ନାହିଁ । ଏପରିକି ଏଠାରେ ବନ୍ୟା ଆଶ୍ରୟସ୍ଥଳୀଟିଏ ବି ନିର୍ମାଣ ହୋଇପାରିଲା ନାହିଁ । ବିଭିନ୍ନ ସ୍ଥାନରେ ଉନ୍ନତି ନାମରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ବନ୍ୟାଞ୍ଚଳକୁ ଅଣଦେଖା କରାଯାଉଛି । ରିଲିଫ ବଣ୍ଟନରେ ନିୟୋଜିତ ଥିବା ଲାୟନ୍ସ କ୍ଲବର କର୍ମକର୍ତ୍ତା ପ୍ରଲୁବ୍ଧ ଜେନା କୁହନ୍ତି, ଯାଜପୁର ଜିଲାରେ ବନ୍ୟା ଚିର ସହଚର ହୋଇଛି । ଏହାର ମୁକାବିଲା କରିବାକୁ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହୋଇନାହିଁ ।

# ହକି ମହାକୁମ୍ଭ ପାଇଁ ପ୍ରସ୍ତୁତି ଜୋରଦାର

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଆସନ୍ତା ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ପ୍ରସ୍ତୁତ । ୨୦୧୮ରେ ପ୍ରଥମଥର ପାଇଁ ଏହି ମହାକୁମ୍ଭର ସଫଳତା ପରେ ଦ୍ୱିତୀୟଥର ଲାଗି ଓଡ଼ିଶାରେ ଏହାର ଆୟୋଜନ ହେବାକୁ ଯାଉଛି । ଏଥିସହିତ ରାଜ୍ୟ ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ସଫଳତାର ସହ ଆୟୋଜନ କରିଛି । ଆସନ୍ତା କିଛି ମାସ ପରେ ଓଡ଼ିଶାରେ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି । ଏହାର ପ୍ରସ୍ତୁତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କଟକ ଓ ରାଉରକେଲା ପ୍ରଶାସନକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ କରାଯାଇଥିଲା । ଦୁଇଟି ସହରରେ ବିଶ୍ୱକପ୍ ହେଉଥିବାରୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି ଯେ ଖେଳାଳି, କର୍ମଚାରୀ, ଦର୍ଶକମାନଙ୍କ ପାଇଁ ଏକ ଅବିସ୍ମରଣୀୟ ବିଶ୍ୱକପ୍ ଆୟୋଜନ କରିବା ନେଇ ସମସ୍ତେ ପ୍ରସ୍ତୁତ ହେବା ଦରକାର । କେତେକ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ସେ ସବୁକୁ ନିର୍ଦ୍ଧାରିତ ସମୟରେ ସମୀକ୍ଷା କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ବିଭିନ୍ନ ବିଭାଗର ଅବିଶ୍ରାନ୍ତ କାର୍ଯ୍ୟ ଯୋଗୁ ୨୦୧୮ ବିଶ୍ୱକପ୍ ଆୟୋଜନରେ ବିଶ୍ୱସ୍ତରରେ ଆମ ରାଜ୍ୟର ଏକ ସ୍ୱତନ୍ତ୍ର ଛବି ସୃଷ୍ଟି ହୋଇଛି । ଅଧିକ ଦର୍ଶକ ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପାଣ୍ଡିଆନ କହିଛନ୍ତି ଯେ, ଦୁଇଟି ସ୍ଥାନରେ ହକି ବିଶ୍ୱକପ୍ ଆୟୋଜନ ପାଇଁ ଓଡ଼ିଶାକୁ ସୁଯୋଗ ମିଳିଛି, ଯାହା ପୂର୍ବରୁ କେବେ ହୋଇନାହିଁ । ସେଥିପାଇଁ ଆମ୍ଭେ ଗର୍ବିତ । ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କେବଳ ବିଶ୍ୱକପ୍ ଆୟୋଜନ ନୁହେଁ, ଏହାକୁ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପ୍ରସାର ପାଇଁ ଏକ ସ୍ମରଣୀୟ ଶୋ'କେସ୍ ଭାବେ ଚିନ୍ତାକରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଖେଳାଳି ଓ ପ୍ରଶଂସକମାନଙ୍କ ପାଇଁ ଏସବୁକୁ ସ୍ମରଣୀୟ କରିବା ଲାଗି ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତ ବିଭାଗକୁ ପାଣ୍ଡିଆନ ଅନୁରୋଧ କରିଛନ୍ତି । କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ମହାକୁମ୍ଭର ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ । ବିଶ୍ୱକପ୍ ପାଇଁ ରାଉରକେଲାରେ ଭିତ୍ତିଭୂମି ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି । ଏଥିସହିତ ସହରର ସୌନ୍ଦର୍ଯ୍ୟକରଣ ନେଇ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି ।



ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ।

### ସ୍ମରଣୀୟ କରିବାକୁ ସବୁ ବିଭାଗକୁ ସିଏମ୍‌ଓର ପରାମର୍ଶ

## ଭିଡିଓ କନ୍‌ଫରେନ୍ସରେ ଶୁଣାଣି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଚଣ୍ଡିଖୋଲ,୨୨।୮(ଡି.ଏନ.ଏ.)

### ଶୁଖୁଆପଡ଼ା ଖଣ୍ଡୋଲାଇଟ୍ ପଥର ଖଣି ମାମଲା

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ କେଶରାଇପୁର ଠାରେ ରାଜ୍ୟସରକାରଙ୍କ ଅବଢା ଯୋଜନା ମାଧ୍ୟମରେ ଶୁଖୁଆପଡ଼ା ଖଣ୍ଡୋଲାଇଟ୍ ପଥର ଖଣି ଖନନ କରାଯାଉଛି । ଏହି ପାହାଡ଼ରେ ବିରଳ ବୌଦ୍ଧ କିର୍ତ୍ତୀରାଜି ରହିଛି । ଯାହାକୁ ନେଇ 'ବୁଦ୍ଧାୟନ' ସଙ୍ଗଠନ ତରଫରୁ ଏହାର ଉପସଭାପତି ଦେବେନ୍ଦ୍ର କୁମାର ପରିଡ଼ା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ଏ ସମ୍ପର୍କରେ ଖଣି ଓ ଇସ୍ପାତ୍ ବିଭାଗର ସଚିବଙ୍କୁ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଶୁଣାଣୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟରେ ହୋଇଥିବା ଏହି ଜନସ୍ୱାର୍ଥ ମାମଲା (ନଂ. ୫୬୧୭)ରେ ଗତ୧୨ତାରିଖରେ ଶୁଣାଣୀ କରି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି କି ଭିଡ଼ିଓ କନ୍‌ଫରେନ୍ସିମାଧ୍ୟମରେ ଅଭିଯୋଗକାରୀ ଦେବେନ୍ଦ୍ର କୁମାର ପରିଡ଼ା, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଓଡ଼ିଶା ଦାୟିତ୍ୱରେ ଥିବା ଅଧୀକ୍ଷକ ଏବଂ ଯାଜପୁର ଜିଲାପାଳ ଏହି କନ୍‌ଫରେନ୍ସି ମାଧ୍ୟମରେ ସମସ୍ତ ପକ୍ଷ ରଖିବେ । ଏହା ସହ ଖଣି ବିଭାଗର ଏମ୍‌ଡ଼ି ଏବଂ ଆଇଟି କନ୍‌ସଲଟାଣ୍ଟ ଏବଂ ଯାଜପୁର ଜିଲା ପ୍ରଶାସନ ତରଫରୁ ଉପସ୍ଥିତ ରହି ଆସନ୍ତା ୨୪ରେ ଶୁଣାଣୀ କରିବେ ।

ସୂଚନାଯୋଗ୍ୟ, ଶୁଖୁଆପଡା ପାହାଡ଼ ଏକ ବୌଦ୍ଧ କିର୍ତ୍ତୀରାଜି ସମ୍ପୂର୍ଣ୍ଣ ପାହାଡ଼ ଅଟେ । ଏହି ପାହାଡ଼ର ଶୀର୍ଷଦେଶରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ପାରାଭାଡ଼ି ବୌଦ୍ଧ ସ୍ତୁପ ରହିଥିବା ବେଳେ ଏହାର ପାଦଦେଶରେ ଖ୍ରୀଷ୍ଟୀୟ ପଞ୍ଚମ ଓ ଷଷ୍ଠ ଶତାବ୍ଦୀର ପ୍ରାଚୀନ ହାତୀଖାଲ ୭ଟି ଗୁମ୍ଫା ରହିଛି । ଏହି ପାହାଡ଼ ଖନନ ହେଲେ ସମ୍ପୂର୍ଣ୍ଣ ବୌଦ୍ଧ କିର୍ତ୍ତୀରାଜି ଧ୍ୱଂସ ହେବ । ତତ୍‌ସହିତ ଏହି ପାହାଡ଼ରୁ ବାହାରିଥିବା ବହୁ ପ୍ରାଚୀନ ବୌଦ୍ଧ ମୂର୍ତ୍ତି ଆବିଷ୍କାର କରାଯାଇ ଲଳିତଗିରି ମ୍ୟୁଜିୟମରେ ରଖାଯାଇଛି । ତେବେ ଅବଢା ଯୋଜନାରେ ସମ୍ପୃକ୍ତ ପାହାଡ଼କୁ ସାମିଲ କରାଯାଇ ଖନନ ଆରମ୍ଭ କରାଯାଇଥିବାବେଳେ ପାହାଡ଼ ସମ୍ପର୍କରେ ସରକାରଙ୍କୁ ଭୁଲ ତଥ୍ୟ ପ୍ରଦାନ କରାଯାଇଛି । ଏହି ପାହାଡ଼ରେ ରହିଥିବା ବୌଦ୍ଧ କିର୍ତ୍ତୀରାଜି କିମ୍ବା ପାହାଡ଼ରୁ ମାତ୍ର ୧କିଲୋମିଟର ଦୂରରେ ବୌଦ୍ଧପୀଠ ଲଳିତଗିରି ରହିଥିବାବେଳେ ଏହାକୁ କୌଣସି ବିଭାଗ ତରଫରୁ ଦର୍ଶାଯାଇ ନାହିଁ । ଯାହାକୁ ନେଇ ବୌଦ୍ଧ କିର୍ତ୍ତୀରାଜିର ସୁରକ୍ଷା ପାଇଁ କାର୍ଯ୍ୟକରୁଥିବା ବୁଦ୍ଧାୟନର ଉପସଭାପତି ଦେବେନ୍ଦ୍ର କୁମାର ପରିଡ଼ା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ ।

## ୪ ଲକ୍ଷ ଟଙ୍କା, ମେଶିନ ଜବତ

କଳିଙ୍ଗନଗର,୨୨।୮(ଡି.ଏନ.ଏ.)

### ୪ ଲୁଟେରା ଗିରଫ

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଆରପିଏଲ୍ ଛକରେ ଥିବା ଏକ ଗ୍ୟାରେଜରୁ ଗତ ଗୁରୁବାର ନଗଦ ଟଙ୍କା ଓ ଏକାଧିକ ମେଶିନ ଚୋରି ହୋଇଥିଲା । ସୋମବାର ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସାରଙ୍ଗପୁର ଗ୍ରାମର ଗୌତମ ଜେନା (୨୭) , ସେହି ଗ୍ରାମର ଠୁଲୁ ବେସ୍ରା (୨୨), ଅସ୍ମି ପତି ସାହୁ (୨୪), ଯାଜପୁର ରୋଡ ଥାନା ରାଣୀପଡା ଭେଜିବାହାଲି ଗ୍ରାମର ମଣ୍ଟୁ ଜେନା (୧୯) । ଏମାନଙ୍କ ବ୍ୟତୀତ ଆଉ ୨ଜଣ ଫେରାର ରହିଥିବା ପୋଲିସ କହିଛି । ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ଏକ ୱେଲଡିଂ ମେଶିନ, କଟର ମେଶିନ୍, ଏକ ଭୁଜାଲି ଓ ଏକ ବାଇକ୍ ଜବତ କରିଛି । ଅପରାହ୍ଣରେ ସୁକିନ୍ଦା ଅଦାଲତରେ ସମସ୍ତଙ୍କୁ ହାଜର କରାଯାଇଛି ।

ସୂଚନା ଅନୁଯାୟୀ, କଳିଙ୍ଗନଗର ଥାନା ଗାଡପୁର ଗ୍ରାମର ସୁରେନ୍ଦ୍ର କୁମାର ହାଇବ୍ରୁରୁ ବିଆରପିଏଲ୍ ଛକରେ ଏକ ଗ୍ୟାରେଜ କରିଛନ୍ତି । ଗତ ଗୁରୁବାର ରାତି ପ୍ରାୟ ୨ଟାରେ ଚୋର ଦଳ ତାଙ୍କ ଦୋକାନ ସମ୍ମୁଖରେ ଛିଡା ହୋଇଥିବା ଟ୍ରକ (ନଂ.ଟିଏନ ୨୮ଏଜେ ୪୭୬୨)କୁ ଅଟକାଇ ଚାଳକଙ୍କୁ ଗାଡି ଭିତରେ ପଶି ମାଡ ମାରିଥିଲେ । ଡ୍ରାଇଭର ଚିତ୍କାର କରିବାରୁ ଗ୍ୟାରେଜ୍‌ରେ ଥିବା ପିଲାମାନେ ଟ୍ରକ ପାଖକୁ ଦୌଡ଼ି ଯାଇ ଗ୍ୟାରେଜ ମାଲିକ ସୁରେନ୍ଦ୍ରଙ୍କୁ ଏ କଥା ଜଣାଇଥିଲେ । ସୁରେନ୍ଦ୍ର ସେଠାରେ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଡ୍ରାଇଭରଙ୍କୁ ଛାଡି ସୁରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ଶେଷରେ ସେମାନେ ମାରଣାସ୍ତ୍ର ଦେଖାଇ ଗ୍ୟାରେଜରେ ଥିବା ଟଙ୍କା ବାକ୍ସ ଭାଙ୍ଗି ନଗଦ ୪ ଲକ୍ଷ ୧୬ ହଜାର ଟଙ୍କା ସହିତ ଏକ ଷ୍ଟେଟ ବ୍ୟାଙ୍କ ଜମା ଖାତାକୁ ନେଇ ଯାଇଥିଲେ । ଏଥିସହିତ ଗୋଟିଏ କଟର ମେଶିନ୍ ଓ ଗୋଟିଏ ୱେଲଡିଂ ମେଶିନ୍ ସାଙ୍ଗରେ ନେଇ ଯାଇଥିଲେ । ସୁରେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୬୭/୨୨) ରୁଜୁକରିଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସୋମବାର ୪ ଜଣଙ୍କୁ ଧରିଥିଲା ।

# କାଣୀ ନଦୀରେ ବନ୍ୟା

ଯାଜପୁର ଅଫିସ,୨୨।୮

■ପାଣି ଘେରରେ ୧୩ ପଞ୍ଚାୟତ ବାସିନ୍ଦା

■ଗୋଖାଦ୍ୟ ଅଭାବରୁ ଗୃହପାଳିତ ପ୍ରାଣୀ ଛଟପଟ

ବୈତରଣୀ ନଦୀର ଆଖୁଆପଦାଠାରେ ବନ୍ୟା ଜଳ ସାମାନ୍ୟ ହ୍ରାସ ପାଇଥିଲେ ସୁଦ୍ଧା ଏହାର ତଳମୁଣ୍ଡରେ ଥିବା କାଣୀ ନଦୀରେ ବିପ୍ରୀତ ଦେଖାଦେଇଛି । ସୋମବାର ସନ୍ଧ୍ୟା ସୁଦ୍ଧା ଆଖୁଆପଦାରେ ବିପଦସଙ୍କେତ ୧୭.୮୩ ମିଟର ସ୍ଥଳେ ୧୭.୮୧ ମିଟର ରହିଛି । କାଣୀ ନଦୀର ବ୍ରହ୍ମଚାରୀପାଟଣାରେ ଗତ ୧୫ ତାରିଖରେ ସୃଷ୍ଟି ହୋଇଥିବା ଘାଇ ମରାମତି ପରେ ବି ଭାଙ୍ଗି ଯିବାରୁ ଯାଜପୁର ଜିଲା ଦଶରଥପୁର ବ୍ଲକର ୧୩ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବାସିନ୍ଦା ପାଣିଘେରରେ ରହିଛନ୍ତି । କସପା ପଞ୍ଚାୟତର ବ୍ରହ୍ମଚାରୀପାଟଣା, ପଛପଡ଼ା, ନୂଆଶାସନ, ପଲ୍ଲୀସାହୀ, କମାଳପୁର ଆଦି ଗ୍ରାମରେ ବନ୍ୟାଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏହି ପଞ୍ଚାୟତରେ ଥିବା କମାଳପୁର ନେହେରୁ ହାଇସ୍କୁଲ, ପଲ୍ଲୀସାହି ପଞ୍ଚାନନ ହାଇସ୍କୁଲ, ବ୍ରହ୍ମଚାରୀପାଟଣା ନୋଡାଲ ସ୍କୁଲ, ପଛପଡ଼ା ପ୍ରାଥମିକ ବିଦ୍ୟାଳୟ, ନୂଆଶାସନ ବିଦ୍ୟାଳୟ ପ୍ରମୁଖରେ ବନ୍ୟାଜଳ ପ୍ରବେଶ କରିବା ଯୋଗୁ ଶିକ୍ଷାଦାନ ବନ୍ଦ ରହିଛି । ଏହାସହ ବନ୍ୟା ଦୁର୍ଗତମାନେ ଆଶ୍ରୟ ନ ପାଇ ରାସ୍ତା ଉପରେ ବସା ବାନ୍ଧିଛନ୍ତି । ସେହିପରି ଦୁଦୁରାଅଣ୍ଟା ପଞ୍ଚାୟତର ଦୁଦୁରାଅଣ୍ଟା ଓ ନରଣଗୋଚ୍ଛା ଗ୍ରାମର ୧୬ଟି ୱାର୍ଡରେ ବ୍ୟାପକ କ୍ଷତି ଘଟିଛି । ବ୍ଲକ ପ୍ରଶାସନ ତରଫରୁ କସପା ପଞ୍ଚାୟତର ୧୦ଟି ୱାର୍ଡର ୪୬୦୦ ଜନସାଧାରଣଙ୍କୁ ୨ ଦିନର ରନ୍ଧାଖାଦ୍ୟ ଓ ଦୁଦୁରାଅଣ୍ଟା ପଞ୍ଚାୟତର ୩ଟି ୱାର୍ଡର ୧୦୦୦ ଜନସାଧାରଣଙ୍କୁ ୧ ଦିନ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି । ମାତ୍ର ଆବଶ୍ୟକ ପରିମାଣର ଗୋଖାଦ୍ୟ ପ୍ରଦାନ କରାଯାଇ ନଥିବାରୁ ଗତ ୮ ଦିନଧରି ଗୃହପାଳିତ ପ୍ରାଣୀମାନେ ଅର୍ଦ୍ଧାହାରରେ ରହୁଛନ୍ତି ବୋଲି ଗୋଲଖ ସାମଲ, ପ୍ରଶାନ୍ତ ନାୟକ, ପ୍ରଦୀପ ନାୟକ ପ୍ରମୁଖ ବନ୍ୟା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

ସେହିପରି କାଣୀ ନଦୀର ବନ୍ୟା ଦ୍ୱାରା ମଲ୍ଲିକାପୁର, ଶୁଶୁଆ, ନିଜାମପୁର, ଦଉପୁର, କୟାଁ, କମାରଡିହ, ଖାନନଗର, ଜାଫରପୁର ଓ ବିରିପଟା ଆଦି ପଞ୍ଚାୟତ ପ୍ରଭାବିତ ହୋଇଛି । ପ୍ରଶାସନ ତରଫରୁ ୧୩ ପଞ୍ଚାୟତର ୧୩ ହଜାର ଜନସାଧାରଣ ପ୍ରଭାବିତ ହୋଇଥିବାର କୁହାଯାଉଥିବାବେଳେ ବାସ୍ତବରେ ଏହା ୨୦ ହଜାରରୁ ଊର୍ଦ୍ଧ୍ୱ ହେବ । ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ପ୍ରସାସନ ତରଫରୁ ୨ ଏନଡିଆର୍‌ଏଫ୍ ଟିମ ମୁତୟନ କରାଯାଇଛି ।



## ସଂକ୍ଷେପରେ

### ଦୋକାନ ତାଲା କାଟି ଲାପଟପ, ମୋବାଇଲ ଚୋରି

**ଓଡ଼ଗାଁ, ୨୨।୮(ସ୍ୱ.ପ୍ର.):** ଓଡ଼ଗାଁ ଆଦର୍ଶ ଥାନା ଗୋଡିପଲ୍ଲୀ ବଜାରରେ ରହିଥିବା ଏକ ଦୋକାନର ତାଲା କାଟି ରବିବାର ବିଳମ୍ବିତ ରାତିରେ ଲାପଟପ ଓ ମୋବାଇଲ ଚୋରି ହୋଇଛି। ଦୋକାନ ମାଲିକ ପାଇକପନ୍ତିଖାରୀ ଗାଁର ସୁଧୀର ପ୍ରଧାନ ସୋମବାର ସକାଳୁ ଦୋକାନ ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଗୋଟିଏ ଲାପଟପ, ୪ ମୋବାଇଲ,୯ ବ୍ଲୁଟୁଥ ସହିତ ନଗଦ ୪୦୦ ଟଙ୍କା ନେଇ ଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ସେ ଏହି ଦୋକାନ ଦ୍ୱାରା ବ୍ୟବସାୟ କରି ଆତ୍ମ ନିର୍ଭର ହୋଇଥିଲେ। ଏବେ ସେ କଣ କରିବେ ସେହି ଚିନ୍ତା ଘାରିଛି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ କରୁଥିବା ବେଳେ ଏଯାବତ୍ କୌଣସ ଚୋରି ଜିନିଷ ଉଦ୍ଧାର ହୋଇ ନ ଥିବା ପ୍ରକାଶ କରିଛି। ଅନ୍ୟପକ୍ଷେ ପୋଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

### ଜିତେନ୍ଦ୍ର ରଣସିଂହ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ

**ଭାପୁର, ୨୨।୮(ଡି.ଏନ.ଏ.):** ଭାପୁର ଅଞ୍ଚଳର ବିଜେଡି ନେତା ତଥା ସୁସଙ୍ଗଠକ ଜିତେନ୍ଦ୍ର କୁମାର ରଣସିଂହ ବିଧାୟକଙ୍କ ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତ ହୋଇଛନ୍ତି। ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ରଣସିଂହଙ୍କ ଉପରେ ଆସ୍ଥା ପ୍ରକଟ କରିବା ସହ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ଖଣ୍ଡପଡ଼ା ବିଧାୟକ ନୟାଗଡ଼ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇବା ସହି ସମସ୍ତ ସରକାରୀ ସୂଚନା ପ୍ରଦାନ ସହ ସହଯୋଗ କରିବା ନିମନ୍ତେ କହିଛନ୍ତି। ଉଲ୍ଲେଖଯୋଗ୍ୟ ରଣସିଂହ ଖଣ୍ଡପଡ଼ା ବିଧାୟକଙ୍କ ଏକାନ୍ତ ଅନୁଗତ। ସେ ଦୀର୍ଘବର୍ଷ ହେବ ରାଜନୀତି କ୍ଷେତ୍ରରେ ଜଡିତ ଅଛନ୍ତି। ଭାପୁର ବ୍ଲକରେ ଜଣେ ଦକ୍ଷ ସଙ୍ଗଠକ ଭାବେ ଜଣାଶୁଣା ରଣସିଂହ ନୂତନ ନିଯୁକ୍ତି ନେଇ ସ୍ଥାନୀୟ ବିଧାୟକଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ କିଭଳି ରାଜ୍ୟ ସରକାରଙ୍କ ଯୋଜନା ସବୁ ପହଞ୍ଚି ପାରିବ ସେ ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିକ୍ରିୟା କହିଛନ୍ତି।



### ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ଭାପୁର,୨୨।୮(ଡି.ଏନ.ଏ.):** ମହାନଦୀରେ ବନ୍ୟା ଫଳରେ ଭାପୁର ବ୍ଲକର ହନୁମନ୍ତପ୍ରସାଦ, ମଣିପୁର ଓ କରବର ପଞ୍ଚାୟତ ପାଣି ଘେରରେ ରହିଥିଲା। ଲଘୁଚାପ ଜନିତ ବର୍ଷାରେ ଅନେକ ବ୍ୟକ୍ତିଙ୍କ ଘର ଓ ଗୁହାଳ ଭାଙ୍ଗିଥିବା ଯାଇଥିଲା। ରବିବାର ଦିନ ଲଗାଣ ବର୍ଷା ଫଳରେ ବିଳମ୍ବିତ ରାତିରେ କରବର ପଞ୍ଚାୟତ ନଣ୍ଡାବର ଗାଁର ଶିବ ମହାରଣା ଓ କମଳା ବାରିକଙ୍କ ଚାଳ ଛପର ଘର ଭାଙ୍ଗି ପଡିଥିଲା। ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ୟା ଆଁରେ ଗଲା ଧାନ ଫସଲ

**ନୟାଗଡ଼ ଅଫିସ,୨୨।୮**

ନୟାଗଡ଼ ଜିଲାରେ କେତେକ ବ୍ଲକରେ ମହାନଦୀ ବନ୍ୟାଜଳ ଆଁରେ ଧାନ ଫସଲ ଉଜୁଡି ଯାଇଛି। ତେବେ ଖରିଫ ଫସଲରେ କ୍ଷତି ସହୁଥିବା ଚାଷୀ ରବି ଫସଲରେ ଲାଭବାନ ହେଉଥିଲେ। ଚଳିତ ବର୍ଷ ବନ୍ୟାପାଣି ଗଣିଆ ଅଞ୍ଚଳ ଚାଷଜମିରେ ଧାନ ଫସଲ ପଚି ଯାଇଥିବାବେଳେ ପଟୁ ମାଡି ନାହିଁ। ଏଣୁ ଗଣିଆର ରବି ଫସଲ କରିବାର ଆଶା ଚାଷୀର ମଉଳିଯାଇଛି। କିନ୍ତୁ ଭାପୁର ବ୍ଲକର ଚାଷଜମିରେ ପଟୁ ମାଡି ଧାନ ଗଛ ପଚିଯାଇଛି। ରବି ଫସଲ ପାଇଁ ଭଲ ପାଗ ଦେଇଛି।

ଏ ନେଇ କରବର ଗାଁର ଚାଷୀ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ କୁହନ୍ତି, ମହାନଦୀ ବନ୍ୟା ଭାପୁର ବ୍ଲକର କରବର, ମାଣିତ୍ରୀ, ମଣିପୁର, ଗୁଡୁପଡ଼ା, ହନୁମନ୍ତପ୍ରସାଦ ଅଞ୍ଚଳର ଚାଷଜମିର ଧାନ ଫସଲକୁ ନଷ୍ଟ କରିଛି। ପଟୁ ଜମିରେ ମାଡ଼ିଯିବାରୁ ଧାନ ଫସଲ ଉଜୁଡ଼ିଗଲା। ହେଲେ ରବି ଫସଲରେ ଭଲ ଆଦାୟ ହେବ ବୋଲି ଚାଷୀ ଆଶା ରଖିଛନ୍ତି। ଧାନ ଫସଲ ନଷ୍ଟ ହୋଇଥିବାବେଳେ ସରକାରୀ ସହାୟତା ମିଳିବ କି ନାଁ ଚାଷୀ ସନ୍ଦୀହାନରେ ରହିଛନ୍ତି। ବିଗତ ଦିନର ଅନୁଭୂତିକୁ ଅନୁଧ୍ୟାନକଲେ ଚାଷୀର ଦୁଃଖ ବୁଝିବାକୁ କେହି ନାହିଁ। ମଣିପୁରର ଚାଷୀ ଛବୀନ୍ଦ୍ରନାଥ ଜେନା କୁହନ୍ତି, ବନ୍ୟା ଯୋଗୁ ଧାନ, ଆଖୁ ଓ ପନି ପରିବା ଫସଲ ଉଜୁଡିଛି। ଚଳିତବର୍ଷର ବନ୍ୟା ଏକ ସପ୍ତାହରୁ ଅଧିକ ଲାଗି ରହିବ ବୋଲି ଆଶା ନ ଥିଲା। ବନ୍ୟା ପାଣି ଆସି ଚାଲିଯାଇଥିଲେ ଚାଷର କିଛି ଅସୁବିଧା ହୋଇ ନ ଥାନ୍ତା। ଚାଷୀ କିପରି ତା'ର କ୍ଷତି ଭରଣା କରିବ ଚିନ୍ତା ଘାରିଛି। ସରକାରୀ ସହାୟତାକୁ ଆଶା କଲେ ଚାଷ ଛାଡି ଦେବ ଚାଷୀ ବୋଲି ସେ କହିଛନ୍ତି। ଗଣିଆ ବ୍ଲକ ଛାମୁଣ୍ଡିଆ ଗାଁର ଚାଷୀ ବ୍ରଜସୁନ୍ଦର ବେହେରା କୁହନ୍ତି, ବଡ କଷ୍ଟରେ ଅଧ ଏକର ଜମିରେ ଧାନ କରିଥିଲି। ଧାନ ଜମି ବାଲିଚର ହେବା ପରେ ଚଳିତବର୍ଷ ଚାଷ କରିବା କଷ୍ଟ ହେବ। ପୁଣି ଜମିରେ ରବି ଫସଲ କରି ହେବ ନାହିଁ। ଏଣୁ ମୋ ପରି ଅନେକ ଚାଷୀଙ୍କ ଧାନ ଫସଲ ବାଲିଚର ହେବା ଯୋଗୁ ସେମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଓସ୍ତିଆର ହରିହର ସେଠୀ କୁହନ୍ତି, ଧାନ ଫସଲ ୩ ଏକରରୁ ଅଢ଼େଇ ଏକର ଜମି ପୂରା ପଚିଯାଇଛି। ଆଉ ଧାନ ରୋଇ ଫସଲ କରିବା ସମ୍ଭବ ନୁହେଁ। ଚଳିତ ବର୍ଷର ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା। ୱାଲିପୁରର ଚାଷୀ ଜଳନ୍ଧର ରାଉତ କୁହନ୍ତି, ଖରିଫ ଫସଲ ନଷ୍ଟ ହେବା ପରେ ପରେ ଚାଷୀ ରବି ଫସଲରେ କିଛି ଆଦାୟ କରୁଥିଲା। ଆଶ୍ଚର୍ଯ୍ୟର କଥା ଭାପୁର ବ୍ଲକ ଅଞ୍ଚଳରେ ଥିବା ଜମିରେ ପଟୁ ମାଡିଲା, ଗଣିଆ ଅଞ୍ଚଳରେ କାହିଁକି ପଟୁ ନ ମାଡିଲା କହି ହେବ ନାହିଁ। ଏଭଳି କେବେ ହୋଇ ନ ଥିଲା। ବନ୍ୟା ହେଲେ ପ୍ରତିବର୍ଷ ଜମିରେ ପଟୁ ମାଡୁଥିଲା। ପଡୁରିଆର ଚାଷୀ ଭାଗୀରଥି ଜେନା କୁହନ୍ତି, ବନ୍ୟା ଯୋଗୁ ୪ ଏକର ଜମିର ଧାନ ଫସଲ ଉଜୁଡିଗଲା। ଏଥିରୁ ୩ ଏକର ଜମି ଭାଗ ଧରିଥିଲି। ମୋର ବହୁତ କ୍ଷତି ହୋଇଗଲା। ଖରିଫ ଫସଲ ବନ୍ୟା ଧୋଇନେଲା। ମୁଦୁଲିଗାଡ଼ିଆ ଗାଁର ଚାଷୀ ଶିବାଜୀ ବିଶ୍ୱାଳ କୁହନ୍ତି, ଗଣିଆ ପ୍ରତି ଚଳିତ ବର୍ଷ ପ୍ରକୃତିର କୋପଦୃଷ୍ଟି ପଡିଛି। ବନ୍ୟା ଯୋଗୁ ଚାଷୀର ଫସଲ ଉଜୁଡିଲା। ତେବେ ରବି ଫସଲ ମଧ୍ୟ କରିବାର ଆଶା ମଉଳି ଗଲା। କାରଣ ବନ୍ୟାଜଳରେ ପଟୁ ମାଟି ନ ଥିବାରୁ ଜମି ଅନୁର୍ବର ହୋଇଗଲା। ବନ୍ୟା ଜଳ ଜମିର ସାର ନେଇ ଅନ୍ୟ ଅଞ୍ଚଳରେ ପକାଇଦେଲା। ଏଣୁ ଗଣିବା ବ୍ଲକର ଚାଷୀ ରବି ଫସଲ କଲେ ମଧ୍ୟ ବିହନ ପାଇବେ କି ନାହିଁ ତାହା ସନ୍ଦେହ ଘେରରେ ରହିଛି। ଗଣିଆ ବ୍ଲକ କୃଷି ଅଧିକାରୀ ପ୍ରଦୀପ ପଟ୍ଟନାୟକ କୁହନ୍ତି, ରବିବାର ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। କ୍ଷୟକ୍ଷତି ଫସଲର ଆକଳନ କରିବାକୁ କୃଷି, ଉଦ୍ୟାନ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ ହେବ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ମହାପାତ୍ରଙ୍କୁ ପଚାରିବାରେ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ରିପୋର୍ଟ ଆସନ୍ତା ୨୭ ତାରିଖ ସୁଦ୍ଧା ଯିବ। ଜମିରୁ ପାଣି ଛାଡ଼ି ନ ଥିବାବେଳେ ପୁଣି ବର୍ଷା ପ୍ରତିଦିନ ଲାଗି ରହୁଛି। ତେବେ ପାଣି ଛାଡୁଥିବା ଜମିର କ୍ଷୟକ୍ଷତି ଆକଳନ ଆରମ୍ଭ ହେବ ବୋଲି ସେ କହିଛନ୍ତି।


ଚାଷ ଜମିରେ ପରିବା ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି।


ଜଣେ ଚାଷୀ ନଷ୍ଟ ହୋଇଯାଇଥିବା ଧାନ ଫସଲକୁ ଦେଖୁଛନ୍ତି।

■ ଭାପୁର ବ୍ଲକ ଚାଷଜମିରେ ପଟୁ, ଗଣିଆରେ ନାହିଁ
■ ପଟୁ ନ ମାଡ଼ିବାରୁ ରବି ଫସଲ ଆଶା ମଉଳିଲା

# ହକି ମହାକୁମ୍ଭ ପାଇଁ ପ୍ରସ୍ତୁତି ଜୋରଦାର

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଆସନ୍ତା ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ପ୍ରସ୍ତୁତ। ୨୦୧୮ରେ ପ୍ରଥମଥର ପାଇଁ ଏହି ମହାକୁମ୍ଭର ସଫଳତା ପରେ ଦ୍ୱିତୀୟଥର ଲାଗି ଓଡ଼ିଶାରେ ଏହାର ଆୟୋଜନ ହେବାକୁ ଯାଉଛି। ଏଥିସହିତ ରାଜ୍ୟ ୨୦୧୭ରେ ଏସିଆନ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ସଫଳତାର ସହ ଆୟୋଜନ କରିଛି। ଆସନ୍ତା କିଛି ମାସ ପରେ ଓଡ଼ିଶାରେ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ଏହାର ପ୍ରସ୍ତୁତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଓ ରାଉରକେଲା ପ୍ରଶାସନକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ କରାଯାଇଥିଲା। ଦୁଇଟି ସହରରେ ବିଶ୍ୱକପ୍ ହେଉଥିବାରୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ଚ୍ୟାଲେଞ୍ଜ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ଖେଳାଳି, କର୍ମଚାରୀ, ଦର୍ଶକମାନଙ୍କ ପାଇଁ ଏକ ଅବିସ୍ମରଣୀୟ ବିଶ୍ୱକପ୍ ଆୟୋଜନ କରିବା ନେଇ ସମସ୍ତେ ପ୍ରସ୍ତୁତ ହେବା ଦରକାର। କେତେକ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ସେ ସବୁକୁ ନିର୍ଦ୍ଧାରିତ ସମୟରେ ସମୀକ୍ଷା କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବିଭିନ୍ନ ବିଭାଗର ଅବିଶ୍ରାନ୍ତ କାର୍ଯ୍ୟ ଯୋଗୁ ୨୦୧୮ ବିଶ୍ୱକପ୍ ଆୟୋଜନରେ ବିଶ୍ୱସ୍ତରରେ ଆମ ରାଜ୍ୟର ଏକ ସ୍ୱତନ୍ତ୍ର ଛବି ସୃଷ୍ଟି ହୋଇଛି। ଅଧିକ ଦର୍ଶକ ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପାଣ୍ଡିଆନ କହିଛନ୍ତି ଯେ, ଦୁଇଟି ସ୍ଥାନରେ ହକି ବିଶ୍ୱକପ୍ ଆୟୋଜନ ପାଇଁ ଓଡ଼ିଶାକୁ ସୁଯୋଗ ମିଳିଛି, ଯାହା ପୂର୍ବରୁ କେବେ ହୋଇନାହିଁ। ସେଥିପାଇଁ ଆମ୍ଭେ ଗର୍ବିତ। ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କେବଳ ବିଶ୍ୱକପ୍ ଆୟୋଜନ ନୁହେଁ, ଏହାକୁ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପ୍ରସାର ପାଇଁ ଏକ ସ୍ମରଣୀୟ ଶୋ'କେସ୍ ଭାବେ ଚିନ୍ତାକରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଖେଳାଳି ଓ ପ୍ରଶଂସକମାନଙ୍କ ପାଇଁ ଏସବୁକୁ ସ୍ମରଣୀୟ କରିବା ଲାଗି ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତ ବିଭାଗକୁ ପାଣ୍ଡିଆନ ଅନୁରୋଧ କରିଛନ୍ତି। କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ମହାକୁମ୍ଭର ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ। ବିଶ୍ୱକପ୍ ପାଇଁ ରାଉରକେଲାରେ ଭିତ୍ତିଭୂମି ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଏଥିସହିତ ସହରର ସୌନ୍ଦର୍ଯ୍ୟକରଣ ନେଇ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି।


ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

**ସ୍ମରଣୀୟ କରିବାକୁ ସବୁ ବିଭାଗକୁ ସିଏମ୍ଓର ପରାମର୍ଶ**

# ପ୍ରତିମୂର୍ତ୍ତି ସୂଚନା ଫଳକରେ ତ୍ରୁଟିର ପ୍ରତିବାଦ

**ନୟାଗଡ଼ ଅଫିସ,୨୨।୮**

### ଯଦୁମଣିଙ୍କ ତିରୋଧାନ ଦିବସ ଜାଣିନି ପ୍ରଶାସନ

ନୟାଗଡ଼ ମାଟିର ଗର୍ବ ଓ ଗୌରବ ତଥା ସମଗ୍ର ଓଡ଼ିଶାର ଘରେ ଘରେ ପରିଚିତ ମହାନ ହାସ୍ୟକବି ଉତ୍କଳ ଘଣ୍ଟ ଯଦୁମଣିଙ୍କ ତିରୋଧାନ ଦିବସ ଜାଣିନି ପ୍ରଶାସନ। ପ୍ରତିମୂର୍ତ୍ତୀ ସୂଚନା ଫଳକରେ ଯଦୁମଣିଙ୍କ ଭୁଲ ତଥ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ବୃହତ କାବ୍ୟ ରାଘବ ବିଳାସ ଏବଂ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ରର ରଚୟିତା ଉତ୍କଳ ଘଣ୍ଟଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାପିତ ପ୍ରତିମୂର୍ତ୍ତି ସୂଚନା ଫଳକରେ ଏହି ତ୍ରୁଟି ପରିଲକ୍ଷିତ ହୋଇଛି।

ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଆଗରେ ଜିଲା ପ୍ରଶାସନ ଦ୍ୱାରା ସ୍ଥାପିତ ଉତ୍କଳ ଘଣ୍ଟଙ୍କ ଜନ୍ମ ତାରିଖ ଠିକ୍ ଥିବା ବେଳେ ତିରୋଧାନ ତାରିଖଟି ଭୁଲ ଅଛି। କବି ୧୮୬୬ ମସିହା ଜୁଲାଇ ୨ ତାରିଖ ଶ୍ରୀଗୁଣ୍ଡିଚା ଦିନ ପରଲୋକ ଗମନ କରିଥିବା ବେଳେ ପ୍ରତିମୂର୍ତ୍ତି ସ୍ଥଳରେ ଥିବା ଫଳକରେ ଏହା ୧୮୯୯ ମସିହା ଶ୍ରୀଗୁଣ୍ଡିଚା ବୋଲି ଉଲ୍ଲେଖ ରହିଛି। ଏହି ଘଟଣାରେ ବହୁ ଶିକ୍ଷାବିତ କ୍ଷୋଭ ପ୍ରକାଶ କରିଥିବା ବେଳେ ଏହା ଛାତ୍ରୀଛାତ୍ରଙ୍କୁ ଭୁଲ ସୂଚନା ଦେବ ବୋଲି ପ୍ରକାଶ କରିଛନ୍ତି। ଏହାସହ ତୁରନ୍ତ ସଂଶୋଧନ ଦାବି କରିଛନ୍ତି। ସେହିପରି ସ୍ଥାପିତ ହୋଇଥିବା ଯଦୁମଣିଙ୍କ ପ୍ରତିମୂର୍ତ୍ତି ଯଦୁମଣିଙ୍କ ଚେହେରା ସହ ଆଦୌ ସାମଞ୍ଜସ୍ୟ ନ ଥିବା ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ତଥା ଜନସାଧାରଣ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ତ୍ରୁଟି ସୁଧାରିବା ସହ ପ୍ରତିମୂର୍ତ୍ତି ବଦଳାଇ ଅବିକଳ ଯଦୁମଣିଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ କରିବାକୁ ସାଧାରଣରେ ଦାବି ହେଉଛି।



# ବିଦ୍ୟାଳୟରେ ଚାରାରୋପଣ

**ଭାପୁର,୨୨।୮ (ଡି.ଏନ.ଏ.)**

ଭାପୁର ବ୍ଲକର ପଦ୍ମାବତୀସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍ ବିଭାଗ ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ ଜଣ ସେଚ୍ଛାସେବୀ ବିଭିନ୍ନ ପ୍ରକାରର ଚାରା ଯଥା ଆମ୍ବ, ପଣସ, ପିଜୁଳି, କୃଷ୍ଣଚୂଡା, ନିମ୍ବ, ଜାମୁ, ଗଙ୍ଗଶିଉଳି, ବଉଳ, ଅଳା, କଇଁଥ, ଶାଳ, ଦେବଦାରୁ ଇତ୍ୟାଦି ପ୍ରାୟ ୨୫୦ ଗଛ ଲଗାଇଥିଲେ। ଏହି ବୃକ୍ଷରୋପଣରେ ମହିଳା ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଓ ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିନୟ କୁମାର ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ। ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣିମା ଷଡଙ୍ଗୀ, ଅଧ୍ୟାପକ ଫକୀର ମୋହନ ସ୍ୱାଇଁ, ରମେଶ ଚନ୍ଦ୍ର ବରାଡ, କମଳ କୁମାର ରଣା ଓ ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।


ଏନଏସ୍ଏସ୍ ପକ୍ଷରୁ ବିଦ୍ୟାଳୟରେ ଚାରା ରୋପଣ କରିବାକୁ ପିଲାମାନେ ଯାଉଛନ୍ତି।

# ରୁଟ୍ ଥାଇ କଣ୍ଟିଲୋକୁ ଦୂରଗାମୀ ବସ୍ ଆସୁନି

**ଖଣ୍ଡପଡା,୨୨।୮(ସ୍ୱ.ପ୍ର.)**

ରାଜ୍ୟ ସଡ଼କ ପରିବହନ ନିଗମର ୨ଟି ବସ ଖଣ୍ଡପଡ଼ା ଦେଇ ଭୁବନେଶ୍ୱର ଓ ବୌଦ୍ଧ ମଧ୍ୟରେ ୬ମାସ ହେଲା ଚଳାଚଳ କରୁଛି। ଉକ୍ତ ବସଟି ରୁଟ ଚାର୍ଟ ତଥା ବିଭାଗୀୟ ବିଧି ବ୍ୟବସ୍ଥାକ୍ରମେ ଭୁବନେଶ୍ୱରରୁ ବୌଦ୍ଧ ଯାଉଥିବା ରାଜ୍ୟ ସଡ଼କ ପରିବହନର ବସ ଭୁବନେଶ୍ୱରରୁ ବାହାରି ଖୋର୍ଦ୍ଧା, ବାଘମାରୀ, କଳାପଥର, ଫତେଗଡ, ଭାପୁର, ବାହାଡା, ଖଣ୍ଡପଡା, ଖଲିସାହି, ବେଣାଗାଡିଆ, କଣ୍ଟିଲୋ, ରାଜକିଆରୀ, ଗଣିଆ, ଆଡକଟା, ମଧ୍ୟଖଣ୍ଡ, ଦଶପଲ୍ଲା, ଟାକରା, ବାଣିଗୋଛା, ମାଧପୁର, ଆନିଗଡ, ଚାରିଛକ, ପୁରୁଣା କଟକ, ଲୁଣି ବାହଲ, ବୀର ନରସିଂହପୁର ଦେଇ ବୌଦ୍ଧ ଯିବାର ନିର୍ଦ୍ଦେଶ ରହିଛି। ତେବେ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଅନେକ ପର୍ଯ୍ୟଟକ ତଥା ବ୍ୟବସାୟୀ ବସ୍‌ରେ କଣ୍ଟିଲୋ ଆସିବା ସହ ବହୁ ବ୍ୟକ୍ତି ଏଠାରୁ ବୌଦ୍ଧ ଯାଇଥାନ୍ତି। ମାତ୍ର ଉକ୍ତ ବସ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ଆଦୌ ଯାତାୟାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବସରେ ଯିବାକୁ ଥିବା ଏବଂ କଣ୍ଟିଲୋକୁ ଆସୁଥିବା ଯାତ୍ରୀମାନେ କଣ୍ଟିଲୋଠାରୁ ୩ କିମି ଦୂର ବାଣପୁରକୁ ଏବଂ ବାଣପୁରରୁ କଣ୍ଟିଲୋକୁ ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ବସ୍‌ଟି କଣ୍ଟିଲୋକୁ ଆସୁ ନ ଥିବା ବେଳେ ବାଣପୁରଠାରୁ ଯାତ୍ରା କରୁଥିବା ଯାତ୍ରୀଙ୍କଠାରୁ କିନ୍ତୁ କଂଟିଲୋ ବସ୍ ଫେୟାରକୁ ମିଶାଇ ଯାତ୍ରୀ ଭଡା ଆଦାୟ କରାଯାଉଥିବା ଜଣାପଡିଛି।

ଅନେକ ସମୟରେ ଯାତ୍ରୀମାନଙ୍କ ସହ କଣ୍ଡକ୍ଟର ମଧ୍ୟରେ ଭଡାକୁ ନେଇ ପାଟିତୁଣ୍ଡର ସୂତ୍ରପାତ ହେଉଥିବା ଅଭିଯୋଗ ହେଉଛି। ୨ଟି ଯାକ ବସ କଣ୍ଟିଲୋକୁ ନ ଯାଇ ସିଧାସଳଖ ଶୁଳିଆ ଛକରୁ ବାଣପୁର ଗ୍ରାମ ଦେଇ ୪୮ ନଂ. ରାଜ୍ୟ ରାଜପଥରେ ରାଜକିଆରୀ ଛକ, ଗଣିଆ ଦେଇ ବୌଦ୍ଧ ଅଭିମୁଖେ ଯାତାୟାତ କରୁଛି। ଫଳରେ କଣ୍ଟିଲୋ ଅଞ୍ଚଳର ଯାତ୍ରୀମାନେ ଏହି ଦୂରଗାମୀ ବସ ସେବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ରାଜ୍ୟ ସଡକ ପରିବହନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବାକୁ ଦାବି ହେଉଛି। କଣ୍ଟିଲୋ ଦେଇ ଉକ୍ତ ବସ ସେବା ତୁରନ୍ତ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଓଏସ୍ଆରଟିସି ବସ୍ କଣ୍ଟିଲୋକୁ ଆସୁନାହିଁ।


OSRTC
FARE TABLE
13 Aug, 04:45 AM BHU0015U130822
01
Bhubaneswar (BBSR)--->Boudha-1
ACDLXE

| Stg | Stop Name | Kms | Fare |
|---|---|---|---|
| 1 | Bhubaneswar (BBSR) | 0 | 0 |
| 2 | Khurdha | 29 | 44 |
| 3 | Baghamari | 37 | 57 |
| 4 | Kalapathara | 52 | 80 |
| 5 | Fatagada | 58 | 89 |
| 6 | Bhapur | 62 | 95 |
| 7 | Bahada | 73 | 112 |
| 8 | Khandapara | 77 | 118 |
| 9 | Kharisahi | 79 | 121 |
| 10 | Benagadia | 81 | 124 |
| 11 | Kantilo | 92 | 141 |
| 12 | Rajakiari | 100 | 153 |
| 13 | Gania | 110 | 168 |
| 14 | Adakata | 118 | 181 |
| 15 | Madhyakhanda | 123 | 188 |
| 16 | Dasaplla | 134 | 205 |
| 17 | Takara | 146 | 223 |
| 18 | Banigochha | 167 | 256 |
| 19 | Madhapur | 180 | 275 |
| 20 | Adenigada | 185 | 283 |
| 21 | Charichaka | 202 | 309 |
| 22 | Purunakatak | 207 | 317 |
| 23 | Lunibahal | 212 | 324 |
| 24 | Biranarasinghapur | 222 | 340 |
| 25 | Boudha-1 | 238 | 364 |

**ବଢୁଛି ଅସନ୍ତୋଷ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨

**ଆଜିର ମନ୍ତବ୍ୟ**

"ସ୍କୁଲ୍ ଶିକ୍ଷା ମାନରେ ଉନ୍ନତି ପାଇଁ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଭାରତ ରତ୍ନ ପାଇବା ଉଚିତ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ତାଙ୍କ ପଛରେ ପଡ଼ିଛନ୍ତି।

– ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି ହାତୀ ପଳାସି ପଳାସି ସେଇଠି।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇ ପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ପିଠି ଖଣ୍ଡା ମୁଠି ଯେ ପାଇଲା ତା'ର।**

ଘୋଡ଼ାର ଲଗାମ ଯାହା ହାତରେ ଥାଏ, ସେ ହିଁ ଘୋଡାର ମାଲିକ ହୋଇଥାଏ। ଘୋଡ଼ାକୁ ନିୟନ୍ତ୍ରଣ ବା ଅଧୀନରେ ରଖି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ହାସଲ କରାଇ ନେଇଥାଏ। ସେହିପରି ଯାହା ହାତରେ ଖଣ୍ଡା ଥାଏ, ସେ ନିଜକୁ ଅଧିକ ବଳବାନ୍ ମନେକରିଥାଏ। ଖଣ୍ଡା ବଳରେ ବଳୀୟାନ ହୋଇ ଧରାକୁ ସରା ମନେକରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବନ୍ୟାଞ୍ଚଳରେ ବଣ୍ଟାଯିବ ସାନିଟାରି ନାପ୍‌କିନ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ବନ୍ୟା ପ୍ରଭାବିତ ଅଞ୍ଚଳରେ ମହିଳାଙ୍କୁ ମାଗଣାରେ ସାନିଟାରି ନାପ୍‌କିନ ଦିଆଯିବ। ଏ ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି)ଙ୍କ ପକ୍ଷରୁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ବନ୍ୟା ପ୍ରଭାବିତ ଜିଲାର ଜିଲାପାଳଙ୍କୁ ଚିଠି ଲେଖି ମାଗଣାରେ ନାପ୍‌କିନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ବା ଜରୁରିକାଳୀନ ରିଲିଫ୍ କିଟ୍ ଭାବେ ମହିଳାଙ୍କୁ ସାନିଟାରି ନାପ୍‌କିନ ବଣ୍ଟନ ପାଇଁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଜିଲାପାଳଙ୍କୁ କୁହାଯାଇଛି। ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ବୌଦ୍ଧ ଆଦି ୧୦ ଜିଲାରେ ସାନିଟାରି ନାପ୍‌କିନ ବଣ୍ଟାଯିବ। ଏହି ନାପ୍‌କିନ ବଣ୍ଟନ ବାବଦ ଖର୍ଚ୍ଚ ଏସ୍ଆର୍‌ସିଙ୍କ ଦ୍ୱାରା ବହନ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### ୧୦ ଜିଲାପାଳଙ୍କୁ ଚିଠି

ସୂଚନାଯୋଗ୍ୟ, ଲଗାତର ଲଘୁଚାପ ଫଳରେ ରାଜ୍ୟରେ ଏବେ ୧୪ ଜିଲା ବନ୍ୟାର ସମ୍ମୁଖୀନ ହୋଇଛି। କେଉଁଠି ଘରେ ପାଣି ପଶିଯାଇଛି ତ, ଆଉ କେଉଁଠି ଗାଁ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି। ରାସ୍ତାରେ ପାଣି ଚାଲିବା ଓ ଘାଇ ହେବା ଦ୍ୱାରା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟାରେ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଉଛି। ୩୨୪ଟି ରିଲିଫ୍ କେନ୍ଦ୍ରରେ ୧ଲକ୍ଷ ୨୪ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଦିଆଯାଉଛି। ଏପରି ସ୍ଥିତିରେ ବନ୍ୟାଞ୍ଚଳରେ କିଶୋରୀ ଓ ମହିଳାଙ୍କ ଋତୁସ୍ରାବଜନିତ ସମସ୍ୟା ଚିନ୍ତା ବଢ଼ାଇଛି। ଜଳବନ୍ଦୀ ସମସ୍ୟା ଯୋଗୁ ଲୋକେ ଘରୁ ଗୋଡ଼ ବାହାର କରିପାରୁ ନାହାନ୍ତି। ତେଣୁ ବହୁ ମହିଳାଙ୍କ ପାଖରେ ସାନିଟାରି ନାପ୍‌କିନ ନ ଥିବାରୁ ଅଧିକାଂଶ କପଡ଼ା ବ୍ୟବହାର କରୁଥିବା ନଜରକୁ ଆସିଛି। ତେଣୁ ମହିଳାଙ୍କ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ବନ୍ୟା ରିଲିଫ୍ ସାମଗ୍ରୀରେ ସାନିଟାରି ନାପ୍‌କିନକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି କରିଥିଲେ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ ରିଲିଫ୍ ସାମଗ୍ରୀରେ ଜରୁରିକାଳୀନ ସାମଗ୍ରୀ ଭାବେ ସାନିଟାରି ନାପ୍‌କିନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ବିଶେଷକରି ବନ୍ୟା ପ୍ରଭାବିତ ଅଞ୍ଚଳରେ କିଶୋରୀ ଓ ମହିଳାମାନେ ସ୍ୱାଗତ କରିଛନ୍ତି।

# 'ଶ୍ୱେତାଙ୍କୁ ବ୍ଲାକମେଲ୍ କରୁଥିଲେ ପୁରୁଷବନ୍ଧୁ'

**ଭୁବନେଶ୍ୱର,(ବ୍ୟୁରୋ)୨୨।୮:** ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ସଫ୍ଟୱେର୍ ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣା ରହସ୍ୟ ସୃଷ୍ଟି କରିଛି।

### ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

- ବିବାହ ପାଇଁ ୩୦ ଲକ୍ଷ ଟଙ୍କା ମାଗିଥିଲେ
- ଶାରୀରିକ, ମାନସିକ, ଆର୍ଥିକ ନିର୍ଯାତନା ଦେଉଥିଲେ
- ୨ଦିନ ପରେ ଥାନାରେ ଅଭିଯୋଗ, ଜେରା ହେବେ ସୌମ୍ୟଜିତ୍

ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଥିବାବେଳେ ଅଧିକ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଘଟଣାର ୨ଦିନ ପରେ ଅର୍ଥାତ୍ ରବିବାର ରାତିରେ ପରିବାର ଲୋକ ଶ୍ୱେତାଙ୍କ ପୁରୁଷ ବନ୍ଧୁ ସୌମ୍ୟଜିତ୍ ମହାପାତ୍ରଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଛନ୍ତି। ସୌମ୍ୟଜିତ୍ ଶାରୀରିକ, ମାନସିକ, ଆର୍ଥିକ ଭାବେ ବ୍ଲାକ୍‌ମେଲ୍ କରିବାରୁ ଶ୍ୱେତା ଆତ୍ମହତ୍ୟା କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ପରିବାର ଲୋକଙ୍କ ଅଭିଯୋଗ ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ପୋଲିସ ଆଇପିସିର ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଲଗାଇ ଅଧିକ ଖୋଳତାଡ଼ କରୁଛି। ଅନ୍ୟପକ୍ଷରେ ଶ୍ୱେତାଙ୍କ ବାପା ସୁଶାନ୍ତ ଦାସ, ଭାଇ ଏବଂ ସମ୍ପର୍କୀୟ ସୋମବାର କାନ୍ଦି କାନ୍ଦି ଘଟଣା ବିଷୟରେ ଗଣମାଧ୍ୟମକୁ କହିଛନ୍ତି। ଏଥିସହ ଠିକ ତଦନ୍ତ କରାଯାଇ ପୁରୁଷବନ୍ଧୁଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶ୍ୱେତାଙ୍କ ପୁରୁଷ ବନ୍ଧୁ ସୌମ୍ୟଜିତ୍‌ଙ୍କ ଘର ସମ୍ବଲପୁର ଜିଲା ଅଇଁଠାପାଲି ଅଞ୍ଚଳରେ। ଉଭୟ ୨୦୧୮ରୁ ଇନ୍‌ଫୋସିଟିସ୍ଥିତ ଏକ ଅନ୍ତଃରାଷ୍ଟ୍ରୀୟ ସଫ୍ଟୱେର୍ କମ୍ପାନୀରେ ଚାକିରି କରିଥିଲେ। ସେହି ସମୟରେ ସୌମ୍ୟଜିତ୍ ପ୍ରଥମେ ଶ୍ୱେତାଙ୍କୁ ଏକତରଫା ପ୍ରେମ ନିବେଦନ କରିଥିଲେ। କିଛିମାସ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଏକାଠି ମଧ୍ୟ ରହିଥିଲେ। ଏହାପରେ ସୌମ୍ୟଜିତ୍ ଉକ୍ତ ଚାକିରି ଛାଡ଼ି ଏକ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ କଲେଜରେ ଏମ୍‌ବିଏ ପଢ଼ିଥିଲେ। ତେଣୁ ଏଥିପାଇଁ ସେ ଶ୍ୱେତାଙ୍କଠାରୁ ଟଙ୍କା ଦାବିକରି ନେଉଥିଲେ। ପରେ ବିବାହ ପର୍ଯ୍ୟନ୍ତ କଥା ଯାଇଥିଲା। ହେଲେ ସୌମ୍ୟଜିତ୍‌ଙ୍କ ପରିବାର ଲୋକ ଯୌତୁକ ବାବଦରେ ୩୦ ଲକ୍ଷ ଟଙ୍କା ମାଗିଥିଲେ। ଏଥିସହ ସୌମ୍ୟଜିତ୍ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ଶ୍ୱେତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ଏଭଳି ଶାରୀରିକ, ମାନସିକ, ଆର୍ଥିକ ଭାବେ ୨୦୨୦ରୁ ଶ୍ୱେତାଙ୍କୁ ତାଙ୍କ ପୁରୁଷବନ୍ଧୁ ନିର୍ଯାତନା ଦେଉଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶ୍ୱେତାଙ୍କ ମୃତ୍ୟୁ ପଛରେ ପୁରୁଷବନ୍ଧୁଙ୍କ ସମ୍ପୃକ୍ତି ଥିବାରୁ ଘଟଣା ଭିନ୍ନ ମୋଡ଼ ନେଇଛି। ଥାନାଧିକାରୀ ପ୍ରକାଶ ମାଝି କହିଛନ୍ତି, ଯୁବତୀଙ୍କ ବାପା ଥାନାରେ ଦେଇଥିବା ଏତଲା ଆଧାରରେ ତଦନ୍ତ ଆଗେଇଛି। ଡାଏରୀରୁ ସେଭଳି କିଛି ବଳିଷ୍ଠ ପ୍ରମାଣ ମିଳିନାହିଁ। ସିଡିଆର୍ ରିପୋର୍ଟ (କଲ୍ ଡିଟେଲ୍ସ ରିପୋର୍ଟ) ଯାଞ୍ଚ କରାଯାଉଛି। ଅଧିକ ତଦନ୍ତ ପାଇଁ ପୁରୁଷବନ୍ଧୁଙ୍କୁ ଥାନାକୁ ଡକାଯାଇ ଜେରା କରାଯିବ। ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନସ୍ଥିତ ଗବସାହିରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଚାକିରି କରୁଥିଲେ। ତାଙ୍କ ସହ ରହୁଥିବା ସାଙ୍ଗମାନେ ଶୁକ୍ରବାର ଘରେ ନ ଥିଲେ। ପରିବାର ଲୋକେ ତାଙ୍କୁ ଫୋନ୍ କରିବାବେଳେ ଦୀର୍ଘ ସମୟ ଧରି ମୋବାଇଲ ସୁଇଚ୍ ଅଫ୍ ରହିବାରୁ ପୋଲିସକୁ ଖବର ଦିଆଯାଇଥିଲା। ଶନିବାର ସକାଳେ ପୋଲିସ ଆପାର୍ଟମେଣ୍ଟସ୍ଥିତ ସି-ବ୍ଲକ୍‌ରେ ଥିବା ତାଙ୍କ ଘରକୁ ଯାଇ କବାଟ ଭାଙ୍ଗି ଶ୍ୱେତାଙ୍କ ମୃତଦେହ ଫ୍ୟାନରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ।

# ମନ୍ଦିର ରୋଷେଇଘରୁ ମିଳିଲା ୨ ଝୁଲନ୍ତା ମୃତଦେହ

### ବଡ଼ଭରଣ୍ଡି ଅଲେଖ ମହିମା ମନ୍ଦିର ପରିସରରେ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଉମରକୋଟ, ୨୨।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ଭରଣ୍ଡି ଗ୍ରାମରେ ଥିବା ଅଲେଖ ମହିମା ମନ୍ଦିର ପରିସରସ୍ଥ ରୋଷେଇଘରୁ ସୋମବାର ସକାଳେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ଜଗଦୀଶ କଲାରଙ୍କ ପୁଅ ପ୍ରଫୁଲ୍ଲ (୨୧)। ମୃତ ଯୁବତୀଙ୍କ ଘର ଖାତିଗୁଡ଼ା ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ଘଟଣାସ୍ଥଳରୁ ପୋଲିସକୁ ସୁଇସାଇଡ୍ ନୋଟ୍ ମିଳିଛି। ପ୍ରଫୁଲ୍ଲ ଟ୍ରକ୍ ଡ୍ରାଇଭର ଭାବେ କାମ କରୁଥିଲେ। ସେ ବିଭିନ୍ନ ସମୟରେ ଟ୍ରକ୍ ନେଇ ଯୁବତୀଙ୍କ ଗ୍ରାମକୁ ଯାଉଥିଲେ। ଏହା ମଧ୍ୟରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦ଦିନ ତଳେ ଯୁବତୀ ଜଣଙ୍କ ଘର ଛାଡ଼ି ପ୍ରଫୁଲ୍ଲଙ୍କ ପାଖକୁ ପଳାଇ ଆସିଥିଲେ। ସଙ୍ଗେ ସଙ୍ଗେ ଯୁବତୀଙ୍କ ବାପା ବଡ଼ଭରଣ୍ଡି ଆସି ଝିଅକୁ ନେଇ ଗାଁକୁ ଫେରିଥିଲେ। କିନ୍ତୁ ଯୁବତୀ ଜଣକ ରବିବାର ପୁଣି ଘର ଛାଡ଼ି ପ୍ରଫୁଲ୍ଲଙ୍କ ପାଖକୁ ଆସିଥିଲେ। ଏହାପରେ ଦୁହେଁ ରାତିରେ ବଡ଼ଭରଣ୍ଡି ଅଲେଖ ମହିମା ମନ୍ଦିର ପରିସରରେ ଥିବା ରୋଷେଇଘରେ ବେକରେ ବେଡ୍‌ସିଟ୍ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳୁ ଖବର ପାଇ ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ମୃତକଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯାଇଛି। ଉମରକୋଟ ଥାନାରେ କେସ୍ ନଂ. ୬୩/୨୨ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଘଟଣାର ତଦନ୍ତ କରୁଛନ୍ତି।

## ସମୁଦ୍ରକୁ ଯାଉଛି...

ପ୍ରଥମ ପୃଷ୍ଠାରୁ...

ବଂଶଧାରା, ବୁଢ଼ାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ବାହୁଦା, ନାଗାବଳୀ ଏବଂ ସୁବର୍ଣ୍ଣରେଖା ନଦୀର ୯୫,୫୪୦ ନିୟୁତ କ୍ୟୁବିକ୍ ମିଟର ଜଳଧାରଣ କ୍ଷମତା ରହିଛି। ସେଥିରୁ ଚାଷ, ପାନୀୟ, ଦୈନନ୍ଦିନ ବ୍ୟବହାର ଏବଂ ପରିବେଶ ପାଇଁ ୪୪,୮୯୪.୦୯ ନିୟୁତ କ୍ୟୁବିକ୍ ମିଟର ଜଳ ଉପଯୋଗ ହେଉଛି। ଏ ସବୁ ସତ୍ତ୍ୱେ ନଦୀଗୁଡ଼ିକରେ ଆହୁରି ୫୦,୬୪୫.୯୧ ନିୟୁତ କ୍ୟୁବିକ୍ ମିଟର ଜଳ ବଳକା ରହୁଛି, ଯାହାକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ସିଧାସଳଖ ସମୁଦ୍ରକୁ ବୋହିଯାଉଛି।

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବେଠୁ ଉତ୍କଟ ଜଳାଭାବ ଦେଖାଦେଲାଣି। ନଦୀଗୁଡ଼ିକ ଉପରେ ପାନୀୟଜଳ ଲାଗି ନିର୍ଭର କରୁଥିବା ସହରଗୁଡ଼ିକ ଆସନ୍ତା ୨୦ ବର୍ଷ ମଧ୍ୟରେ ଭୟଙ୍କର ଜଳସଙ୍କଟର ସମ୍ମୁଖୀନ ହେବେ ବୋଲି ପରିବେଶବିତ୍ ଆଶଙ୍କା କଲେଣି। ଜନସଂଖ୍ୟା ଯେପରି ବଢ଼ିଚାଲିଛି ଆଗକୁ କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ରାଉରକେଲା, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସହରକୁ ପାନୀୟଜଳ ଯୋଗାଇବା କାଠିକର ପାଠ ହୋଇଯିବ। ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ୨୦୦୧ରେ ରାଜ୍ୟର ପ୍ରମୁଖ ନଦୀର ଜଳଧାରଣ କ୍ଷମତା ୧୨୦.୩୯୭ ନିୟୁତ କ୍ୟୁବିକ୍ ମିଟର (ବିସିଏମ୍) ଥିବା ବେଳେ ୨୦୫୧ ବେଳକୁ ଏହା ୧୦୮.୧୧୩ ବିସିଏମ୍‌କୁ ଖସିଆସିବ। ନଦୀଜଳ ପ୍ରବାହ ହ୍ରାସକୁ ନେଇ ସୁପ୍ରିମ୍‌କୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ଜଳକୁ ସଂରକ୍ଷଣ କରିବା ପାଇଁ ୪ଟି ବୃହତ୍ ବ୍ୟାରେଜ୍ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବ୍ରାହ୍ମଣୀ ନଦୀର ଦୁବୁଲାପାଲ, ନୂଆଘର, ସନ୍ତେଇଭଞ୍ଜା, କୋଏଲ ନଦୀର ଝାରବେଡାଠାରେ ବ୍ୟାରେଜ୍ ନିର୍ମାଣ କରାଯିବ। ଏଗୁଡ଼ିକର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏହାଛଡ଼ା ପ୍ରବାହିତ ଜଳକୁ ଅଟକାଇବା ଲାଗି ରାଜ୍ୟ ସରକାର ୨୦୨୦ ଫେବୃୟାରୀରେ ନଦୀଗର୍ଭ ଜଳାଶୟ(ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର) ଯୋଜନା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ବିଭିନ୍ନ ନଦୀରେ ୪୬ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର ନିର୍ମାଣ କରିବାକୁ ଯାଉଛନ୍ତି। ୨୦୨୧-୨୨ରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଓ ୨୦୨୨-୨୩ ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ନଦୀଗର୍ଭ ଜଳ ରୋକିବାକୁ ବନ୍ଧ ନିର୍ମାଣ କରିବେ। ପ୍ରଥମ ପର୍ଯ୍ୟାୟର ୩୦ଟିରୁ ୧୭ଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେଥିମଧ୍ୟରେ ରହିଛି ମହାନଦୀର ଜଗତ୍‌ସିଂହପୁର ଜିଲା ଚୌଧୁରୀଗଡ଼ା ନିକଟ ଏବଂ ପାଇକା ନଦୀର ଜଗତ୍‌ସିଂହପୁର ଜିଲା ତିର୍ତ୍ତିରି ନିକଟ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର। ଆଉ ୧୩ଟି ଟେଣ୍ଡର ପର୍ଯ୍ୟାୟରେ ରହିଛି ବୋଲି ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ପରିବେଶବିତ୍ ରଞ୍ଜନ ପଣ୍ଡା କହିଛନ୍ତି, ନଦୀର ସ୍ରୋତକୁ ରୋକିବା ପାଇଁ ବଡ଼ ବଡ଼ ବ୍ୟାରେଜ ନିର୍ମାଣ ହେବା ଉଚିତ ନୁହେଁ। ମାତ୍ର ଜୈବବିବିଧତାକୁ ସୁରକ୍ଷା ଦେଇ ନଦୀରୁ ସମୁଦ୍ରକୁ ବୋହିଯାଉଥିବା ଅଧିକ ବର୍ଷାପାଣିକୁ ଛୋଟ ଛୋଟ ଷ୍ଟ୍ରକ୍ଚର ମାଧ୍ୟମରେ ସଂରକ୍ଷଣ କରିବା ଦରକାର। ଏହାଦ୍ୱାରା ଭୂଗର୍ଭରେ ଜଳ ସଂରକ୍ଷଣ ହେବା ସହ ଜଳସଙ୍କଟ ଦୂର ହୋଇପାରିବ।

## classifieds

Everyday
0674-2580101, 2549302




**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

Plot for immediate sale at jagatpur, Mouza-Tarola, behind Adish Hotel, 3,600 sqft., price -45 lakhs. Contact-8249612462. D-1331

**Bhubaneswar Sum Hospital** ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ **30' road,** ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ **develop** ହୋଇ ମିଳୁଛି। **9090963952.** D-73300

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297




Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Fullbody relax massage refresh your body with trend therapist. 7008773793. D-73635

Newly open SPA positively health benefit with expert. Contact: 7749976301. D-73859

Newly open full body massage 1099 free massage one. Mo: 9583808247. D-1164

Newly open full body massage, ladies and gents. 7846923244. D-73956

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**AFFIDAVIT**

By virtue of an affidavit Notary Public, Cuttack I Shashi Kanta Nayak, S/o Bhula Nayak, At- Aparnanagar, P.o.- Nayabazar, P.s.- Chauliaganj, District: Cuttack- 753004, have changed my name from SashiKanta Nayak to Shashi Kanta Nayak for all future purposes. D-1326

Affidavit before Executive Magistrate, Dhenkanal, my name has changed from Barsharani Sahoo to Satyapriya Sahoo. Henceforth I shall be known as Satyapriya Sahoo, D/o. Niranjan Sahoo, Vill-Panamurga, PS-Sadar, PO-Ghatipiri, Dist- Dhenkanal for LIC Policy-584890006 and all purposes. D-74006

By virtue of an affidavit before Notary Public, Kantabanji bearing No. 1202 dtd.22/8/2022, I, Mayank Agrawal S/o Manoj Kumar Agrawal of Purani Basti, Kantabanji, PO/P.S.- Kantabanji, Dist.Balangir, Odisha hereby declare that my old name was Mayank Mittal but from today I will be known as Mayank Agrawal S/o Manoj Kumar Agrawal in all official and non official purposes.
Mayank Agrawal
D-1332

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ପଡ଼ୋଶୀ ଲୋକଟିକୁ ସାହାଯ୍ୟ କରିବେ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ବହୁତ ଖୁସି ରହିବେ। ରାଜନୀତିରେ ବହୁ ଲୋକଙ୍କଠାରୁ ଆଦର ସମ୍ମାନ ପାଇ ଖୁସି ହେବେ। ଅବିବାହିତ ବ୍ୟକ୍ତିଙ୍କ ସକାଶେ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ।

**ବୃଷ**

କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡ଼ି ଆସିବ। ଅପେକ୍ଷା କରିଥିବା କାମରେ ନାସ୍ତି ସୂଚନା ପାଇଲେ ମଧ୍ୟ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ। ଆକସ୍ମିକ ବନ୍ଧୁ ଆଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**ମିଥୁନ**

ଆଜି ଦିନ ମଧ୍ୟରେ ପାଇବେ ଯେତିକି ତା'ଠାରୁ ଅଧିକ ଦେବାକୁ ପଡ଼ିବ। ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରାଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସଭାସମିତିରେ ପୁରସ୍କୃତ ହେବା ସୌଭାଗ୍ୟ ଭାଗ୍ୟରେ ଜୁଟିବ, ଯାହାକି ଆଦୌ ଆଶା କରି ନ ଥିବେ।

**କର୍କଟ**

ଅଭିଳାଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବ ଓ ଆନନ୍ଦିତ ହେବେ। ପାରିବାରିକ ଘଟଣାରେ, ସମସ୍ୟା ସମାଧାନ ପାଇଁ ମନ୍ଥର ଗତି ଅବଲମ୍ବନ କରିବା ଭଲ। ସାଧାରଣ କଥାରେ କଳହ ଘଟିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି।

**ସିଂହ**

ପରିବାର ଓ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଦେହ ଭଲ ରହିବ ମାତ୍ର ସାମାନ୍ୟ ଆଳସ୍ୟ ବୋଧ କରିବେ ଏବଂ ଆଜ୍ଞାବହ ଭାବେ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**

ଆଜିର କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଆଶଙ୍କାରେ କଟିବ। ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନ ସକାଶେ ପ୍ରଯତ୍ନ କରିପାରନ୍ତି। ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ଠିକ୍ ହେବ। ବ୍ୟବସାୟ, ପରିବହନ, ହୋଟେଲ କ୍ଷେତ୍ରରେ ଶୁଭଫଳ ପାଇବେ। କିନ୍ତୁ ଗୃହନିର୍ମାଣ, ଜମି କିଣାବିକା, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା**

ପାରିବାରିକ କ୍ଷେତ୍ରରେ ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନ ଥିବ। ମଧ୍ୟାହ୍ନରେ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଗତ କିଛିଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବ। ପଡ଼ୋଶୀଙ୍କ କଥାକୁ ବିଶ୍ୱାସକରି ସମସ୍ୟାକୁ ଆମନ୍ତ୍ରଣ କରିବେ।

**ବିଛା**

ଆଜି ଯେତେ ଚେଷ୍ଟାକଲେ ମଧ୍ୟ ଯୋଜନା କାର୍ଯ୍ୟକାରୀ କଷ୍ଟକର ହେବ। ଅବଶ୍ୟ ସମୟାନ୍ତରରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଘଟିଯାଇଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ। ପ୍ରତିହିଂସା ପରାୟଣ ହୋଇ କିମ୍ବା ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**

ନିଜ ଲୋକମାନେ ଦୂରେଇଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ପରିସ୍ଥିତିବିଶତଃ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମ ସମ୍ପୂର୍ଣ୍ଣ କରିବେ।

**ମକର**

ଆଜି କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇବେ। କମ୍ ବୟସ୍କମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**କୁମ୍ଭ**

ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକେ ଆପଣଙ୍କର କିଛି କରିପାରିବେ ନାହିଁ। ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ, କିନ୍ତୁ କିଛି ଅସୁବିଧା ହେବ ନାହିଁ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ**

ଆପଣ ଯାହା ପାଇବା କଥା ତାହାହିଁ ଯଥା ସମୟରେ ପାଇବେ, ସେଥିରେ କେହି ବାଧା ଦେଇପାରିବେ ନାହିଁ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପିଲାମାନଙ୍କ ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

## ଭାରତରେ ଆକ୍ରମଣ...

ଚିନ୍ତାଧାରା ଭର୍ତ୍ତି କରୁଥିଲା। ଏଥିପାଇଁ ତାଙ୍କୁ ସ୍ୱତନ୍ତ୍ର ତାଲିମ ମଧ୍ୟ ଦିଆଯାଇଥିଲା। ଏପରି କି ତୁର୍କୀର ଇସ୍ତାନବୁଲରେ ଆଇଏସ୍ ଲିଡରଙ୍କ ସହ ସେ ସାକ୍ଷାତ କରିଥିଲେ। ଆଇଏସ୍ ମୁଖ୍ୟ ଏମିରଙ୍କ ପ୍ରତି ନିଷ୍ଠାବାନ୍ ହେବାକୁ ସେ ଶପଥ ନେଇଥିଲେ। ଏହା ପରେ ତାଙ୍କୁ ରୁଷିଆ ଯାଇ କେତେକ ଦସ୍ତାବିଜ ହାସଲ କରିବାକୁ କୁହାଯାଇଥିଲା। ସେଠାରୁ ଭାରତରେ ପହଞ୍ଚି ଆକ୍ରମଣ ନିମନ୍ତେ ବ୍ରୁପ୍ରିଣ୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ନିକଟରେ ମହମ୍ମଦ ପ୍ରଫେଟଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଦଳରୁ ନିଲମ୍ବିତ ହୋଇଥିଲେ। ସମାନ କାରଣ ପାଇଁ ଦଳର ଦିଲ୍ଲୀ ମିଡିଆ ସେଲ୍ ମୁଖ୍ୟ ନବୀନ କୁମାର ଜିନ୍ଦଲଙ୍କୁ ବହିଷ୍କୃତ କରାଯାଇଥିଲା। ଏହାକୁ ନେଇ ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୩୧ରୁ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇପାରନ୍ତି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୮(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩୧ରୁ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଗତ ୬ ତାରିଖରେ ଦିଲ୍ଲୀ ଗସ୍ତରେ ଯାଇ ୮ରେ ଫେରିଥିଲେ। ତେବେ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ୩୧ରେ ଦିଲ୍ଲୀ ଯାଇ ସେପ୍ଟେମ୍ବର ୪ରେ ଫେରିବେ। ଏହି ଗସ୍ତ କାଳରେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶା ଭବନରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ଏନେଇ ବିଧିବଦ୍ଧ ସୂଚନା ମିଳି ନ ଥିଲେ ମଧ ତାଙ୍କ ଗସ୍ତ ନେଇ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ଜାଣିବାକୁ ମିଳିଛି।

### ବନ୍ୟାଜଳରେ ବୁଡ଼ିଗଲେ ନାବାଳକ

୩ଘଣ୍ଟା ପରେ ମିଳିଲା ମୃତଦେହ

ବସ୍ତା/ରୂପସା,୨୨।୮(ଡି.ଏନ.ଏ.) ବାଲେଶ୍ୱର ଜିଲାରେ ବନ୍ୟା ବିଭୀଷିକା ଦେଖାଦେଇଥିବା ବେଳେ ବସ୍ତା ଥାନା ପଳାସିଆ ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଜଳକା ନଦୀର ଶାଖା ମଟକାଶୋଳ ନଦୀ ପାଖକୁ ଗାଈ ଆଣିବାକୁ ଯାଇଥିବା ଜଣେ ନାବାଳକ ବନ୍ୟାଜଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ୨୦ରୁ ଊର୍ଦ୍ଧ୍ୱ ମାଛ ଧରାଳି ନଦୀରେ ପଶି ପ୍ରାୟ ୩ଘଣ୍ଟା ପରେ ଏକ ବାଉଁଶ ବୁଦାରେ ଲାଖି ରହିଥିବା ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ନାବାଳକ ହେଲେ ରାଧାଶ୍ୟାମ ମହାପାତ୍ରଙ୍କ ପୁଅ ଜନ୍ମେଜୟ। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଖବରପାଇ ତହସିଲଦାର କାର୍ତ୍ତିକ କୁମାର ଦାସ, ବିଡ଼ିଓ ଜ୍ଞାନରଞ୍ଜନ ସାହୁ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଏମ୍‌ପି ପ୍ରତିନିଧି ପ୍ରଦୀପ ପଣ୍ଡା, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ୩ଟି ଓଡ୍ରାଫ ଟିମ୍ ଖୋଜାଖୋଜିରେ ନିୟୋଜିତ ହୋଇଥିଲେ ମଧ ମତ୍ସ୍ୟଜୀବୀମାନେ ମୃତଦେହ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

# ସୁବର୍ଣ୍ଣରେଖା ଉପରେ ନଜର ରଖାଯାଇଛି: ମନ୍ତ୍ରୀ

## ୧୩ ଜିଲାର ୬ ଲକ୍ଷ ୪୦ ହଜାର ଲୋକ ଜଳବନ୍ଦୀ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଲଘୁଚାପ ପ୍ରଭାବରେ ସୁବର୍ଣ୍ଣରେଖାରେ ବନ୍ୟା ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲାର କେତେକ ଅଞ୍ଚଳ ବନ୍ୟାଘେରରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଉଛି। ସୁବର୍ଣ୍ଣରେଖାର ଜଳସ୍ତର ସ୍ଥିର ରହିଛି। ବନ୍ୟା ସ୍ଥିତି ପାଇଁ ବିଭାଗ ପ୍ରସ୍ତୁତ ଥିବା ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ସୋମବାର କହିଛନ୍ତି। ରାଜ୍ୟର ବନ୍ୟା ସ୍ଥିତିକୁ ନେଇ ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବସ୍ତା, ବାଲିଆପାଳ ସମେତ ତଳି ଅଞ୍ଚଳରେ ପାଣି ପଶିଛି। ସୁବର୍ଣ୍ଣରେଖା ସିଷ୍ଟମରେ କୌଣସି ଘାଇ ହୋଇନାହିଁ। ଅନ୍ୟ ନଦୀଗୁଡ଼ିକରେ ଜଳ କମିବା ଆରମ୍ଭ ହୋଇଛି। ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ସମସ୍ତେ ସଜାଗ ରହିଛନ୍ତି। ନାଇଟ୍ ପାଟ୍ରୋଲିଂ ମଧ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖାର ଜାମ୍‌ଶୋଳା ଓ ରାଜଘାଟ ଘାଟଠାରେ ଜଳସ୍ତର ହ୍ରାସ ପାଉଛି।

ହୀରାକୁଦର ଜଳପତନ ୬୨୨.୪୫ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୯୧ ହଜାର ୮୭୪ କ୍ୟୁସେକ୍ ଜଳ



ସମୀକ୍ଷା ବୈଠକରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ।

ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୯୨ ହଜାର ୪୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୨ ଲକ୍ଷ ୭୭ ହଜାର ୫୦୦, ବଡ଼ମୂଳରେ ୩ ଲକ୍ଷ ୮୧ ହଜାର ୨୫୦ ଏବଂ ମୁଣ୍ଡଳିଠାରେ ୪ ଲକ୍ଷ ୯୮ହଜାର ୩୪୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ରାଜ୍ୟର ୧୩ ଜିଲାର ୭୮ ବ୍ଲକ୍, ୬୪୫ ଗ୍ରାମପଞ୍ଚାୟତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୪୮୯ ଗ୍ରାମ ପ୍ରଭାବିତ ହୋଇଛି। ରାଜ୍ୟର ୯୦୨ ଗ୍ରାମ ଜଳଘେରରେ ରହିଥିବା ବେଳେ ୬ ଲକ୍ଷ ୪୦ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ୯ ଲକ୍ଷ ୬୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହିସବୁ ଅଞ୍ଚଳରେ ୪୪୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୭୧ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ବନ୍ୟା ପ୍ରଭାବରେ ୫ ଲକ୍ଷ ୬୧ ହଜାର ୪୧୮ ବିଦ୍ୟୁତ୍ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥିମଧ୍ୟରୁ ୫ ଲକ୍ଷ ୨୧ ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୧୦ଟି ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ୧୨୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛି। ଏହି ସମୟରେ ୨୩,୩୬୭ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ ୩୨ ସାପକାମୁଡ଼ା ଘଟଣାର ଚିକିତ୍ସା କରାଯାଇଛି। ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ ପ୍ରାଣୀ ଚିକିତ୍ସା ଡାକ୍ତରୀ ଟିମ୍ ନିୟୋଜିତ ହୋଇଛି। ୪୦୭ କ୍ୟାମ୍ପ୍ ଆୟୋଜିତ ହୋଇଥିବାବେଳେ ଏଥିରେ ୧୮ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କ ଚିକିତ୍ସା କରାଯାଇଛି। ୧୦ ଜିଲାକୁ ୯୧୩.୯୨ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଅଛି। ବନ୍ୟାଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୯୩ ହଜାର ପାଣିବୋତଲ ଓ ୧୨ ଲକ୍ଷ ୨୯ ହଜାର ପାଣି ପାଉଚ୍ ବଣ୍ଟାଯାଇଛି। ଏହାସହ ୨୦୩ ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି। ବନ୍ୟାଞ୍ଚଳର ୧୧ ଜିଲାରେ ୧୬ ଏନ୍‌ଡିଆର୍‌ଏଫ୍, ୧୭ ଓଡ୍ରାଫ୍, ୫୫ ଅତିରିକ୍ତ ଅଗ୍ନିଶମ ଟିମ୍ ମୁତୟନ କରାଯାଇଛି।

# ଶାରଦା ମାଇନ୍ସରେ ଇଡି ଚଢ଼ାଉ

## ବେଆଇନ ଅର୍ଥ କାରବାର ଅଭିଯୋଗ

ବଡ଼ବିଲ/ ଯୋଡ଼ା,୨୨।୮ (ସ୍ୱ.ପ୍ର./ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ସର୍କଲ ତଥା ବଡ଼ବିଲ ଥାନା ଅଧୀନ ଶାରଦା ମାଇନ୍ସ ପ୍ରା. ଲିଃ ଅଧୀନ ଠାକୁରାଣୀ ଲୌହ ଖଣିର ବି-ବ୍ଲକସ୍ଥିତ ଖଣିରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ/ ଇଡି(ଏନ୍‌ଫୋର୍ସମେଣ୍ଟ ଡିରେକ୍ଟରେଟ) ପକ୍ଷରୁ ଚଢ଼ାଉ କରାଯାଇଛି। ଆର୍ଥିକ କାରବାର ଅନିୟମିତତା ନେଇ ସୟାବାଲିସ୍ଥିତ କଲୋନୀରେ ରହୁଥିବା କମ୍ପାନୀ ନିର୍ଦ୍ଦେଶକ ଅର୍ଜୁନ ସାରସ୍ୱତ ଓ ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ବିନୋଦ ବିହାରୀ ସାହୁଙ୍କ କ୍ୱାର୍ଟର୍ସରେ ଏହି ଚଢ଼ାଉ କରାଯାଇଛି।

ପ୍ରକାଶଥାଉ କି, ୨୦୦୯ ମସିହା ପରେ ରାଜ୍ୟ ଭିଜିଲାନ୍ସ ବିଭାଗ ଶାରଦା ଖଣିରେ ଅନିୟମିତତା ଯାଞ୍ଚ କରିଥିଲା। ଏହାପରେ ଏମ୍‌ବି ଶାହା କମିଶନ ଏହାର ଯାଞ୍ଚ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସିଇସି (ସେଣ୍ଟ୍ରାଲ ଏମ୍ପାୱାରମେଣ୍ଟ କମିଟି) ଏହାର ଯାଞ୍ଚ କରି ସବିଶେଷ ତଥ୍ୟ କୋର୍ଟକୁ ଦେଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ରହିଥିବାବେଳେ ଅର୍ଥ ଅନିୟମିତତାକୁ ନେଇ ଇଡି ଏହାର ଯାଞ୍ଚ ଆରମ୍ଭ କରିଛି। ଏତଦ୍‌ବ୍ୟତୀତ ଇଡି କର୍ତ୍ତୃପକ୍ଷ ଓଜନକଣ୍ଟା, ପ୍ରୋଗ୍ରାମିଂ ଅଫିସ ପ୍ରଭୃତି ଯାଞ୍ଚ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ କମ୍ପାନୀର ଖଣି କାର୍ଯ୍ୟାଳୟ କିମ୍ବା କଲୋନୀକୁ ଯିବାକୁ ଥିବା ଏକମାତ୍ର ରାସ୍ତା କମ୍ପାନୀର ମୁଖ୍ୟ ଫାଟକରେ ସୁରକ୍ଷାକର୍ମୀ ଜଗିରହି କାହାକୁ ଭିତରକୁ ଛାଡ଼ି ନ ଥିଲେ। ସ୍ଥାନୀୟ ପୋଲିସ ଅବଗତ ନ ଥିବା ବେଳେ ଛତିଶଗଡ଼ ପୋଲିସ ଏହି ଚଢ଼ାଉରେ ସାମିଲ ହୋଇଥିବା ସୂଚନା ମିଳିଛି। ତେବେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଜିଲା ବାହାରେ ଥିବାରୁ ଇଡି ଅଧିକାରୀଙ୍କ ଜେରାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଇଡି ଟିମ୍ ଖଣି କାର୍ଯ୍ୟାଳୟରେ ବିଭିନ୍ନ କମ୍ପ୍ୟୁଟର ହାର୍ଡ ଡିସ୍କରୁ ତଥ୍ୟ ସଂଗ୍ରହ କରି ଯାଞ୍ଚ କାର୍ଯ୍ୟ ଜାରି ରଖିଥିବାବେଳେ ଅନୁପସ୍ଥିତ ଥିବା ଅଧିକାରୀଙ୍କୁ ତୁରନ୍ତ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।




# ‘ନିର୍ଦ୍ଧାରିତ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ଦିଅ’

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

### ରିଭଲଭିଙ୍ଗ୍ ଫଣ୍ଡ ସହ ସଫ୍ଟୱେର ସଂଯୋଗ କରିବାକୁ ଅନୁରୋଧ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଓଡ଼ିଶା ସରକାର ଶ୍ରମିକମାନଙ୍କୁ ଠିକ୍ ସମୟରେ ଶତପ୍ରତିଶତ ମଜୁରି ପ୍ରଦାନ କରୁଛନ୍ତି। ଲୋକଙ୍କ ହାତକୁ ଅଧିକ କାମ ଦେବା ସହ ନିୟମିତ ଭାବେ ମଜୁରି ପ୍ରଦାନ କରିବାକୁ ରାଜ୍ୟ ସରକାର ଏକ ‘ରିଭଲଭିଙ୍ଗ୍ ଫଣ୍ଡ’ ଗଠନ କରିଛନ୍ତି। ଏହି ଫଣ୍ଡ ସହ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ସଫ୍ଟୱେରକୁ ସଂଯୁକ୍ତ କଲେ ଧାର୍ଯ୍ୟ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ବାବଦ କେନ୍ଦ୍ରୀୟ ଅଂଶ ମିଳିବାରେ ଅସୁବିଧା ହୁଅନ୍ତା ନାହିଁ। ଏହା ଦ୍ୱାରା ରିଭଲ୍‌ଭିଙ୍ଗ ଫଣ୍ଡକୁ ପାଣ୍ଠିର ଅଭାବ ରହନ୍ତା ନାହିଁ। ଏ ଦିଗରେ ରାଜ୍ୟର ପ୍ରସ୍ତାବକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ବାହାର ଶ୍ରମିକ ପରିବାରଙ୍କୁ କାମଧନ୍ଦା ଯୋଗାଇଦେବାକୁ କେନ୍ଦ୍ର ସରକାର କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ କେନ୍ଦ୍ର ବଜେଟରେ ଅଧିକ ଅର୍ଥ ବରାଦ କରିଛନ୍ତି। ତେବେ ଏ ବାବଦ କେନ୍ଦ୍ରୀୟ ଅଂଶଧନ ମିଳିବାରେ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଭଲଭିଙ୍ଗ୍ ଫଣ୍ଡ ଗଠନ କରି ଜବ୍‌କାର୍ଡଧାରୀଙ୍କୁ ଠିକ୍ ସମୟରେ ମଜୁରି ପ୍ରଦାନ କରିଆସୁଛନ୍ତି। ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟରେ ଏହି ଫଣ୍ଡ ଲାଗି ୧ ହଜାର କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏମ୍‌ଜିଏନ୍‌ଆରଇଜିଏସ୍ ସଫ୍ଟୱେରକୁ ରିଭଲଭିଙ୍ଗ୍ ଫଣ୍ଡ ସହ ସଂଯୋଗ କରି ନ ଥିବାରୁ କେନ୍ଦ୍ର ଅଂଶଧନ ମିଳିବାରେ ବିଳମ୍ବ ହେଉଛି। ଏ ନେଇ ମନ୍ତ୍ରଣାଳୟକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ସଂଯୋଗ କରାଯାଇନାହିଁ। ରିଭଲଭିଙ୍ଗ୍ ଫଣ୍ଡ ସହ ଉକ୍ତ ସଫ୍ଟୱେରକୁ ସଂଯୋଗ କରାଗଲେ ପାଣ୍ଠି ମିଳିବା ଓ ଠିକ୍ ସମୟରେ ଶ୍ରମିକଙ୍କ ମଜୁରି ଦେବାରେ ସହାୟକ ହୋଇପାରିବ। ଏ ଦିଗରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ବନ୍ୟାଞ୍ଚଳରେ ବ୍ୟାପୁଛି ଜଳବାହିତ ରୋଗ

## ବାଲେଶ୍ୱରରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ରାଜ୍ୟରେ ଏବେ ବନ୍ୟା ସ୍ଥିତି ଜାରି ରହିଛି। ଏଥିପାଇଁ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ବନ୍ୟାଞ୍ଚଳରେ ସଂକ୍ରାମକ ଓ ଜଳବାହିତ ରୋଗ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ବନ୍ୟାଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ବଢ଼ିବା ସହ ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ବନ୍ୟା ପ୍ରପୀଡ଼ିତ ୧୪ ଜିଲାରେ ୨୩,୩୬୭ଜଣ ଲୋକ ଚିକିତ୍ସିତ ହେଉଛନ୍ତି। ସେହିପରି ୩୨ଜଣ ସାପ କାମୁଡ଼ା ରୋଗୀ ଚିକିତ୍ସା ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ରିପୋର୍ଟ ନ ଥିବାବେଳେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜଳ ବିଶୋଧନ କିପରି ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ୫ଲକ୍ଷ ୩୭ହଜାର ହାଲୋଜେନ ବଟିକା ଓ ୧ଲକ୍ଷ ୨୨ହଜାର ଓଆର୍‌ଏସ୍ ବଣ୍ଟାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୨୧୦ଟି ମେଡିକାଲ ରିଲିଫ୍ ସେଣ୍ଟର ରହିଥିବାବେଳେ ୧୨୫ଟି ମୋବାଇଲ ଟିମ୍ କାମ କରୁଛି। ସଫାସୁତୁରା ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏବେ ବାଲେଶ୍ୱରରେ ରୋଗୀ ସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗ ଆଲୋଚନା କରିଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ସେହି ଅଞ୍ଚଳକୁ ଯାଇଛନ୍ତି। ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।




# ୧୮୦ ମିଳିସିଆଙ୍କ ଆତ୍ମସମର୍ପଣ

## ଶହୀଦ ସ୍ତମ୍ଭ ଭାଙ୍ଗିଲେ, କୁଶପୁତ୍ତଳିକା ଦାହ କଲେ

ଚିତ୍ରକୋଣ୍ଡା/ମାଲକାନଗିରି , ୨୨।୮(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ସୋମବାର ୧୮୦ ମିଲିସିଆ ଏବଂ ୫ଶହରୁ ଊର୍ଦ୍ଧ୍ୱ ମାଓବାଦୀ ସମର୍ଥକ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା,ଏସ୍‌ପି ନୀତୀଶ ୱାଧୱାନିଙ୍କ ନିକଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଜନସମ୍ପର୍କ କାର୍ଯ୍ୟକ୍ରମରେ ସେମାନେ ଆତ୍ମସମର୍ପଣ କରି ବିକାଶଧାରାରେ ସାମିଲ ହେବାକୁ ଶପଥପାଠ କରିଛନ୍ତି। ପରେ ମାଓବାଦୀଙ୍କ କୁଶପୁତ୍ତଳିକା ଦାହ କରି ସେମାନଙ୍କ ଶହୀଦ ସ୍ତମ୍ଭକୁ ଭାଙ୍ଗିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ସମୟରେ ୮୮ ବିଏସ୍‌ଏଫ୍ ବାଟାଲିୟନ କମାଣ୍ଡାଣ୍ଟ ବିନୋଦ ସୋରେନ, ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ପୋଲିସ ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲି, ଯୋଡ଼ାମ୍ବ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ବିଭିନ୍ନ ଉପକରଣ ସହ ବସ୍ତ୍ର ଓ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।



ମିଲିସିଆମାନେ ଶହୀଦ ସ୍ତମ୍ଭ ଭାଙ୍ଗୁଛନ୍ତି।

ଦିନେ ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଥିବା ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ପାଇଁ ସାଧାରଣ ଜୀବନଯାପନ କରିବା କଷ୍ଟକର ଥିଲା। ଲାଲବାହିନୀର ଇଛାରେ ସବୁକିଛି ହେଉଥିଲା। ମୁହଁ ଖୋଲିଲେ ଲୋକଙ୍କୁ ପୋଲିସ ଇନଫର୍ମର ସଜାଇ ହତ୍ୟା କରାଯାଉଥିଲା। ଅଞ୍ଚଳବାସୀ ଚାହିଁଲେ ମଧ ସ୍ୱାଧୀନତା ଦିବସ, ଜାନୁୟାରୀ ୨୬ରେ ଜାତୀୟ ପତାକା ଉଡ଼ାଇ ପାରୁ ନ ଥିଲେ। ସେସବୁ ଦିବସରେ ମାଓବାଦୀମାନେ କଳା ପତାକା ଉଡ଼ାଉଥିଲେ। ଗୁରୁପ୍ରିୟା ସେତୁ ନିର୍ମାଣ, ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଓ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ଲୋକେ ନିଜକୁ ସୁରକ୍ଷିତ ମଣୁଛନ୍ତି ବୋଲି ଆତ୍ମସମର୍ପଣ କରିଥିବା ମାଓବାଦୀ ସମର୍ଥକ ମିଲିସିଆମାନେ କହିଛନ୍ତି। ଏବେ ପ୍ରଶାସନ, ଓଡ଼ିଶା ପୋଲିସ, ବିଏସ୍‌ଏଫ୍ ଯବାନ, ଡିଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ ଅପରେଶନ ଯୋଗୁ ସ୍ୱାଭିମାନ ଅଞ୍ଚଳରେ ଏପରି ସଫଳତା ମିଳିଥିବା ବିଏସ୍‌ଏଫ୍ ଡିଆଇଜି ଓ ଏସ୍‌ପି କହିଛନ୍ତି। ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ପରିବର୍ତ୍ତନର ସ୍ୱର ଆହୁରି ଶାଣିତ ହୋଇପାରିବ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସ୍ୱାଭିମାନ ଅଞ୍ଚଳରେ ୫୦ ଜଣ ମିଲିସିଆ ମାଓବାଦୀ ସମର୍ଥକ ପୋଲିସ ନିକଟରେ ଆତ୍ମସମର୍ପଣ କରି ମାଓବାଦୀ ପୋଷାକକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ।

ODISHA PUBLIC SERVICE COMMISSION
CUTTACK

NOTICE

No.7742/P.S.C., Dt.22.8.22
PF-1E-11-2021/22 (DR-III)

**No.D-141:** It is for information of all concerned that, pursuant to Advt. No.24 of 2021-22, 48 (Forty Eight) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in History. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 05.09.2022, 06.09.2022 & 07.09.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 05.09.2022 | 10.30 A.M. | 00127154, 00016660, 00067505, 00114222, 00124686,00125147, 00126108, 00116610 & 00051326 **= 09 Candidates** |
| | | 3.00 P.M. | 00065671, 00116921, 00117465, 00019860, 00131988, 00115043 & 00120156 **= 07 candidates** |
| 2 | 06.09.2022 | 10.30 A.M. | 00132148, 00052541, 00120502, 00126540, 00126457, 00120604, 00116199, 00126074 & 00057004 **= 09 candidates** |
| | | 3.00 P.M. | 00123787, 00124323, 00079891, 00060381, 00072006, 00122475 & 00125781 **= 07 candidates** |
| 3 | 07.09.2022 | 10.30 A.M. | 00114101, 00120064, 00116096,00040107, 00117424, 00115662,00047808, 00024099 & 00031830 **= 09 candidates** |
| | | 3.00 P.M. | 00039313, 00117512,00057011, 00042172, 00114454, 00124170 & 00124001 **= 07 candidates** |

Note :- It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the Selection process and is subject to fulfillment of the terms and conditions laid down in the advertisement. Mere participation, in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0142/2223 Sd./- Secretary

## ସଂକ୍ଷେପରେ

### ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲିଆ,୨୨।୮(ସ୍ୱ.ପ୍ର.): ବିରିଡି ବ୍ଲକ ଚାଷୀଖଣ୍ଡ ଗ୍ରାମର ବ୍ରହ୍ମାନନ୍ଦ ପଟ୍ଟନାୟକ (୮୨)ଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଚାଷୀଖଣ୍ଡ ଗ୍ରାମର ବ୍ରହ୍ମାନନ୍ଦ ପଟ୍ଟନାୟକ। ପରିବାର ଲୋକଙ୍କ କହିବାନୁଯାୟୀ, ସେ ଗୋରୁଙ୍କ ପାଇଁ ଘାସ ଆଣିବାକୁ କ୍ଷେତକୁ ଯାଇଥିଲେ। ସେଠାରେ ଭିଷଣ ଖରା ହେବାରୁ ବିଲରେ ପଡି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ରହ୍ମାନନ୍ଦଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରି ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି।

### ପିପିଏଲ୍‌ର ପୁନଃ ସହାୟତା

ପାରାଦୀପ,୨୨।୮(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲାର ବନ୍ୟା ବିପନ୍ନଙ୍କ ପାଇଁ ପିପିଏଲ୍ କମ୍ପାନୀ ପକ୍ଷରୁ ସୋମବାର ପୁନଃ ସହାୟତା ଯୋଗାଇ ଦିଆଯାଇଛି। କୁଜଙ୍ଗ ବ୍ଲକର ୧୭ ପଞ୍ଚାୟତରେ ପ୍ରଭାବିତ ଲୋକଙ୍କ ପାଇଁ ୧୫ କୁଇଣ୍ଟାଲ ଚୁଡ଼ା, ୩.୫୦ କୁଇଣ୍ଟାଲ ଗୁଡ, ୧୦୦୦ ପ୍ୟାକେଟ ଅମୁଲ, ୪୦୦ ପ୍ୟାକେଟ ମହମବତି, ୨୦୦୦ ପ୍ୟାକେଟ ଦିଆସିଲି ଓ ୫୦ଟି ରେନ୍ କୋଟ ଦିଆଯାଇଛି। ବିଡିଓ ସୌମଶ୍ରୀ ପାଣିଗ୍ରାହୀଙ୍କୁ କମ୍ପାନୀ ମ୍ୟାନେଜର ସଞ୍ଜୟ କେତନ ସେଠୀ ଏସବୁ ସାମଗ୍ରୀ ପ୍ରଦାନ କରିଥିଲେ। ଏହା ପୂର୍ବରୁ କମ୍ପାନୀ ପକ୍ଷରୁ ୧୬ ତାରିଖରେ ସହାୟତା ଯୋଗାଇ ଦିଆଯାଇଥିଲା।

### ବନ୍ୟାବିପନ୍ନଙ୍କ ପାଇଁ ଜେଏସ୍‌ଡବ୍ଲ୍ୟୁର ସହାୟତା

ପାରାଦୀପ,୨୨।୮(ସ୍ୱ.ପ୍ର.): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ସୋମବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ଜରିଆରେ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା କରିଛି। ସବୁଠାରୁ ଅଧିକ ପ୍ରଭାବିତ ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ ଅଞ୍ଚଳର ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛି। ସେଥିମଧ୍ୟରେ ତିର୍ତ୍ତୋଲ ବ୍ଲକ ପାଇଁ ୪୪,୯୨୮ ପ୍ୟାକେଟ ବିସ୍କୁଟ, ୨୦୦ ଗ୍ରାମ ବିଶିଷ୍ଟ ୪୫୦୦ ପ୍ୟାକେଟ ଅମୁଲ, ୪୫୦୦ ସାନିଟାରୀ ପ୍ୟାଡ, ୨୨,୫୦୦ ମହମବତି,୨୫,୨୦୦ ଦିଆସିଲି ଓ ୩୫୦୦ ପ୍ୟାକେଟ ମଶାଧୂପ ରହିଛି। ସେହିପରି କୁଜଙ୍ଗ ବ୍ଲକ ପାଇଁ ୫୫,୧୫୨ ପ୍ୟାକେଟ ବିସ୍କୁଟ, ୨୦୦ ଗ୍ରାମ ବିଶିଷ୍ଟ ୫୫୪୦ ପ୍ୟାକେଟ୍ ଅମୁଲ, ୫୫୦୦ ପ୍ୟାକେଟ ସାନିଟାରୀ ପ୍ୟାଡ, ୨୭୫୦୦ ମହମବତି, ୨୪,୮୦୦ ଦିଆସିଲି ଓ ୪୫୦୦ ମଶାଧୂପ ରହିଛି। କମ୍ପାନୀର ବରିଷ୍ଠ ଅଧିକାରୀ ବିଶ୍ୱ ପଟ୍ଟନାୟକ, ଅଭିଜିତ ମହାନ୍ତି, ନରେନ୍ଦ୍ର କୁମାର ବାରିକ, ସୁବାସ ପରିଡା, ପିନାକୀ ମହାନ୍ତି ପ୍ରମୁଖ ଜିଲାପାଳ ପାରୁଲ ପଟୱାରୀ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଭେଟି ଏହି ସାମଗ୍ରୀ ପ୍ରଦାନ କରିଥିଲେ।

### ଭୁଲ୍ ମ୍ୟାପ କରି ଗ୍ୟାସ ପାଇପ୍ ଲାଇନ ବିଛା ଯାଉଥିବା ଅଭିଯୋଗ
#### ମାନତୀରାରେ କାମ ବନ୍ଦ କଲେ ଚାଷୀ

କଳିଙ୍ଗନଗର,୨୨।୮(ଡି.ଏନ.ଏ.): ଗେଲ୍ ଇଣ୍ଡିଆ ଦ୍ୱାରା ଧାମାରାଠାରୁ ଅନୁଗୋଳ ଜିଲାକୁ ଯାଉଥିବା ରନ୍ଧନ ଗ୍ୟାସ ପାଇପ୍ ଲାଇନ କାମକୁ ଦାନଗଦି ବ୍ଲକ ଅନ୍ତର୍ଗତ ମାନତୀରା ଠାରେ ବିରୋଧ କରାଯାଇଛି। କାମରେ ନିୟୋଜିତ ରହିଥିବା ଠିକା ସଂସ୍ଥା ପୂର୍ବ ନିର୍ଦ୍ଧାରିତ ନକ୍ସା ବାହାରକୁ ଯାଇ ପାଇପ୍ ପକାଉଥିବା କେତେଜଣ ଜମି ମାଲିକ ଅଭିଯୋଗ କରିଛନ୍ତି। ଏପରିକି ପାଇପ ବିଛାଇବା ପାଇଁ ଜମି ବ୍ୟବହାର କରୁଥିଲେ ମଧ କେତେଜଣ ଜମି ମାଲିକଙ୍କୁ ତାଙ୍କ ପ୍ରାପ୍ୟ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ପ୍ରତିବାଦରେ ଶନିବାରଠାରୁ ଲୋକେ କାମ ବନ୍ଦ ରଖିଛନ୍ତି। ପୂର୍ବରୁ ହୋଇଥିବା ସର୍ଭେ ଅନୁସାରେ ପାଇପ ପଡୁ ନାହିଁ। ମାନତୀରା ମୌଜା ଖାତା ନଂ.୮୮, ପ୍ଲଟ୍ ନଂ.୫୩୭ରେ ଥିବା ମୋଟ ଜମି ମଧ୍ୟରୁ ୧୭ ଡେସିମିଲ ଜମିକୁ ପାଇପ୍ ବିଛାଇବା ବେଳେ ଆଂଶିକ ବ୍ୟବହାର ପାଇଁ ପୂର୍ବରୁ ଚୁକ୍ତି ରହିଥିଲା। ଏ ବାବଦରେ ନିୟମ ଅନୁସାରେ ଜମିର ମୂଲ୍ୟ ମାତ୍ର ୪୦ ପ୍ରତିଶତ ପ୍ରଦାନ କରାଯାଇଥିଲା। ମାତ୍ର ଠିକା ସଂସ୍ଥା ଜମି ମଝିରୁ ଖୋଳି ପାଇପ୍ ଲାଇନ ବିଛାଇବା କାର୍ଯ୍ୟ ଚଳାଇ ଥିବା ବେଳେ ଏହାକୁ ଜମି ମାଲିକ ବିରୋଧ କରିଛନ୍ତି। ଏହି ମୌଜାରେ ଜମି ପାଇଁ ଚୁକ୍ତି ହୋଇ ନ ଥିଲେ ମଧ୍ୟ ଅନ୍ୟ ଏକ ଜମିକୁ ଠିକା ସଂସ୍ଥା ଖୋଳି ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟ ମଧ୍ୟରେ କାମ ଶେଷ କରିବା ପାଇଁ ଠିକା ସଂସ୍ଥା ତରବରିଆ ଭାବେ କାମ କରୁଥିବାରୁ ଭୁଲ ହେଉଥିବା କୁହାଯାଉଛି। ସେହିପରି ପାଇପ୍ ଲାଇନ ବିଛାଇବା କାମରେ ବ୍ୟାପକ ଜଙ୍ଗଲକୁ ଉଜାଡି ଦିଆଯାଉଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀ ଏହାକୁ ଦୃଷ୍ଟି ଦେଉ ଠିକା ସଂସ୍ଥା ବିରୋଧରେ ଅସନ୍ତୋଷ ଦାନା ବାନ୍ଧୁଛି।

# ଶିକ୍ଷିତ ଯୁବତୀଙ୍କୁ ପାଠପଢ଼ା ଦାୟିତ୍ୱ ଦେଲେ ଗ୍ରାମବାସୀ

## ବତିମିରା ବିଦ୍ୟାଳୟ ମିଶ୍ରଣକୁ ବିରୋଧ

- ଆବଶ୍ୟକ ପିଲାଥିଲେ ମଧ ବନ୍ଦ କରାଯାଇଥିବା ଅଭିଯୋଗ
- ଚଳିତ ଶିକ୍ଷା ବର୍ଷରୁ ଶିକ୍ଷକମାନଙ୍କୁ ଅପସାରଣ କରାଯାଇଛି
- ଦୂରବାଟ ପିଲାଙ୍କ ପାଇଁ ସୁରକ୍ଷିତ ନୁହେଁ

ବାଲିଆ,୨୨।୮(ସ୍ୱ.ପ୍ର.)

ବିରିଡି ବ୍ଲକ ବତିମିରା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ରାଜକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏହାପରେ ଚଳିତ ଶିକ୍ଷା ବର୍ଷରୁ ଶିକ୍ଷକମାନଙ୍କୁ ଉକ୍ତ ବିଦ୍ୟାଳୟରୁ ଅପସାରଣ କରି ନିଆଯାଇଛି। ଅପରପକ୍ଷେ ଗ୍ରାମବାସୀ ଓ ଅଭିଭାବକଙ୍କ ପକ୍ଷରୁ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସେମାନେ ପିଲାମାନଙ୍କୁ ଦୂରରେ ଥିବା ରାଜକୃଷ୍ଣ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି ଜିଦ୍‌ଧରି ବସିଛନ୍ତି। ଏନେଇ ଗ୍ରାମବାସୀ ଏକତ୍ରିତ ହୋଇ ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେହି ଗାଁର ୨ ଜଣ ଶିକ୍ଷିତ ଯୁବତୀଙ୍କୁ ପାଠପଢା ଦାୟିତ୍ୱ ଦେଇଛନ୍ତି। ଏବେ ସ୍କୁଲ ବାରଣ୍ଡାରେ ପାଠପଢା ଚାଲିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ଶିକ୍ଷାବର୍ଷରେ ବତୀମିରା ପ୍ରାଥମିକ ବିଦ୍ୟାଳୟରେ ୨୩ ଜଣ ଛାତ୍ରୀଛାତ୍ର ପଢୁଥିଲେ। ମାତ୍ର ୨୦୧୯ -୨୦ ଶିକ୍ଷା ବର୍ଷ ଆଧାରରେ ଏହି ବିଦ୍ୟାଳୟରେ କମ୍ ପିଲା ଥିବା ଦର୍ଶାଇ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟକୁ ଅନ୍ୟତ୍ର ମିଶ୍ରଣ କରିଦିଆଯାଇଛି। ଅପରପକ୍ଷେ ଯେଉଁ ବିଦ୍ୟାଳୟରେ ଏହାକୁ ମିଶ୍ରଣ କରାଯାଇଛି ତାହା ଅଧିକ ବାଟ ହୋଇଥିବାବେଳେ ରାସ୍ତା ପିଲାଙ୍କ ପାଇଁ ସୁରକ୍ଷିତ ନୁହେଁ। କାରଣ ରାଜକୃଷ୍ଣ ବିଦ୍ୟାଳୟକୁ ଯିବା ରାସ୍ତାରେ ଅନେକ ଗାଡି ମୋଟର ଯାତାୟାତ କରେ। ଏପରି କି ରାସ୍ତା କଡ଼ରେ କେନାଲ ମଧ ରହିଛି। ପାଠପଢ଼ିବାକୁ ଏତେଦୂରକୁ ପିଲାମାନଙ୍କୁ ପଠାଇବା ଅସମ୍ଭବ ବୋଲି ବତୀମିରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ ପାଣି, ଚିତ୍ତରଞ୍ଜନ ଲେଙ୍କା, ଈଶ୍ୱର ସେଠୀ, ନିରଞ୍ଜନ ପାଣି, କ୍ଷୀରୋଦ ମହାନ୍ତି, ରୋହିତ ମହାପାତ୍ର, ମନୋରଞ୍ଜନ ମହାନ୍ତି, ପ୍ରତାପ ଲେଙ୍କା, ବୀରବର ପାଣି, ଜଗନ୍ନାଥ ବେହେରା, ପ୍ରଶାନ୍ତ ପାଣି, ବଂଶୀଧର ପାଣି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ କହିଛନ୍ତି, ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତି ସରକାରୀସ୍ତରରେ ହୋଇଛି। ଏଥିରେ ଆମେ କିଛି କରିପାରିବୁ ନାହିଁ।


ବତିମିରା ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ପିଲାଙ୍କୁ ପାଠ ପଢ଼ାଯାଉଛି।

## ରାଜାଘର ମେଳଣ ପଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି

କୁଜଙ୍ଗ,୨୨।୮(ଡି.ଏନ୍.ଏ.)

କୁଜଙ୍ଗର ରାଜାଘର ମେଳଣ ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରି ପୁନରୁଦ୍ଧାର କରିବାକୁ ସୋମବାର ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ଦିଆଯାଇଛି। ଏନେଇ ବାର ଆସୋସିଏଶନର ପୂର୍ବତନ ସଭାପତି ତଥା ପୂର୍ବତନ ସମିତିସଭ୍ୟ ଏ.ଏନ୍.ଡି. ଯାଦବ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, କୁଜଙ୍ଗର ମେଳଣ ପଡିଆ ବହୁ ପୁରାତନ, ଏଠାରେ ରାଜାଘର ଦୋଳ ମେଳଣ ଉତ୍ସବ ସମେତ ସାର୍ବଜନୀନ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, କାର୍ତ୍ତିକେଶ୍ୱର ପୂଜା ହୁଏ । ଏହା କୁଜଙ୍ଗ ଅଞ୍ଚଳର ଏକ ସାଂସ୍କୃତିକ ମିଳନ ସ୍ଥଳ । ମାତ୍ର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏହି ସ୍ଥାନକୁ ଜବରଦଖଲ କରି ପକ୍କା ଘର ନିର୍ମାଣ କରିଛନ୍ତି। ଫଳରେ ପଡିଆ ସଙ୍କୁଚିତ ହୋଇଗଲାଣି। ଏ ସମ୍ପର୍କରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର କହିଛନ୍ତି, ଏବେ ଆମେ ବନ୍ୟାବିପନ୍ନଙ୍କ ରିଲିଫ କାର୍ଯ୍ୟରେ ବ୍ୟସ୍ତ ଅଛୁ । ଏଥିରୁ ମୁକୁଳିଲାପରେ ଜନସାଧାରଣଙ୍କ ଦାବି ଉପରେ ପଦକ୍ଷେପ ନିଆଯିବ ।

# ୧୭୧ ଅଭିଯୋଗରୁ ଗୋଟିଏ ସମାଧାନ


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟ ଅଧିକାରୀମାନେ।

## ଜିଲାପାଳଙ୍କ ଜନଶୁଣାଣି

- ଅଧିକାଂଶ ଭତ୍ତା ଓ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ

ନାଉଗାଁ,୨୨।୮(ସ୍ୱ.ପ୍ର)

ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୭୧ ଅଭିଯୋଗ ହୋଇଥିବାବେଳେ ସେଥିରୁ ଗୋଟିଏ ସମାଧାନ ହୋଇଛି। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗଗୁଡ଼ିକ ମଧ୍ୟରେ ୧୬୨ ବ୍ୟକ୍ତିଗତ ଓ ୯ ଗ୍ରାମ ସମ୍ବନ୍ଧୀୟ ଅଭିଯୋଗ ରହିଛି। ଏହି ଅବସରରେ ଆବାସ ଯୋଜନା ସମ୍ପର୍କିତ ୮୮, ଜମିଜମା ସମ୍ପର୍କିତ ୬, ରେଡ୍‌କ୍ରସ ୨, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ସମ୍ପର୍କିତ ୧, ଭତ୍ତା ସମ୍ବନ୍ଧୀୟ ୧୫, ଖାଉଟି ସୁରକ୍ଷା ୭, ଥାନା ସମ୍ବନ୍ଧୀୟ ୧ ଓ ଅନ୍ୟାନ୍ୟ ୪୧ ଅଭିଯୋଗର ଶୁଣାଣି ହୋଇଥିଲା।

ବାଂଶ ପଞ୍ଚାୟତ ଅନ୍ତର୍ଗତ ସିନ୍ଦୁରା ଗ୍ରାମର ବଂଶୀଧର କାଣ୍ଡି ଜଣେ ନିର୍ମାଣ ଶ୍ରମିକ ହୋଇଥିବାବେଳେ ଝିଅ ବାହାଘର ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହି ସହାୟତା ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ନାଉଗାଁ ଜନ ସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ବଂଶୀଧର ବେହେରା ଓ ସୁବାସ ସ୍ୱାଇଁ ବ୍ଲକ ଛକରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଶିବିରରେ ଦାବି କରିଥିଲେ। ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ଜୟଦେବ ପାଢୀ, ବାମଦେବ ପାଢୀ, ସୁବାସ ପରିଡା, ରୁଦ୍ର ପ୍ରସାଦ ପରିଡା ପ୍ରମୁଖ ଚଳିତ ବର୍ଷ ପାଣିରେ ବୁଡ଼ି ଧାନ ଫସଲ ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଥିଲେ। ଏହି କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ବାମ ଦେବ ପାଢୀ ତୁମ୍ଭେଶ୍ୱର ନଦୀ ବନ୍ଧ, ସାର କଳା ବଜାର ଓ ଅଭାବୀ ବିକ୍ରି, ଜୱାଦ ବାତ୍ୟାର କ୍ଷତିପୂରଣ ସମ୍ପର୍କିତ ଅଭିଯୋଗ କରିଥିଲେ। ଗଳଦାରୀ ସରପଞ୍ଚ ଦିଲୀପ ନାୟକ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ଗଳଦାରୀ ପୋଲଠାରୁ ତିହୁଡି ଓ ବଢେଇ ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ଉପରେ ଦାବି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଚିନ୍ମୟୀ ବିଶ୍ୱାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଉଦୟ ଚରଣ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ. କଳ୍ପନା, ଅଧକ୍ଷା ତୃପ୍ତି ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୫୬ ପ୍ରକଳ୍ପ ପ୍ରଦର୍ଶିତ

ବାଲିଆ, ୨୨।୮( ସ୍ୱ.ପ୍ର.)

ବିରିଡି ବ୍ଲକ ବତିମୀରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୭ ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ୫୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁବାସିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ହରିହର ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ସମ୍ପାଦକ ସୁଧାକର ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଦାସ, ମନୋରମା ବାରିକ, ବଳରାମ ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସୁବାସିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମଧୁସୂଦନ ନାୟକ ସଭା ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଏଥିରେ ସହଯୋଗ କରିଥିଲେ।


 କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି ଓ ଅନ୍ୟମାନେ ।

## ମାଛଗାଁ କେନାଲ ଉପରେ ପୋଲ ନିର୍ମାଣ ଦାବି

ବାଲିଆ,୨୨।୮(ସ୍ୱ.ପ୍ର.)

ବିରିଡି ବ୍ଲକ ଉତ୍ତର ଶାସନ ପଞ୍ଚାୟତର ମହାବୀର ମନ୍ଦିର ସମ୍ମୁଖ ମାଛଗାଁ କେନାଲ ଉପରେ ଏକ ସେତୁ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଓ ଜନପ୍ରତିନିଧି ଦାବି କରିଛନ୍ତି। ଏନେଇ ସେମାନେ ବିଧାୟକ, ଏମ୍‌ପି ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଉତ୍ତରଶାସନ ପଞ୍ଚାୟତ ଅନ୍ତର୍ଗତ ୬ନଂ ୱାର୍ଡରେ ସାମଲ ସାହିରେ ପ୍ରାୟ ୧୫୦ ଦଳିତ ପରିବାର ବସବାସ କରୁଛନ୍ତି। କୌଣସି କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ, କଇଜଙ୍ଗା ବଜାର ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାପାଇଁ ସେମାନଙ୍କୁ ୨ରୁ ୩ କିଲୋମିଟର ବୁଲି ଆସିବାକୁ ପଡ଼େ। ବୃଦ୍ଧାବୃଦ୍ଧମାନେ ଭତ୍ତା ଓ ଅନ୍ୟାନ୍ୟ କାମରେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏନେଇ ୱାର୍ଡର ମାଛଗାଁ କେନାଲ ଉପରେ ସେତୁ ନିର୍ମାଣ କରାଗଲେ ମାତ୍ର ୨୦୦ ମିଟର ରାସ୍ତା ଅତିକ୍ରମ କରି ମୁଖ୍ୟ ରାସ୍ତାରେ ପହଞ୍ଚି ହେବ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସରପଞ୍ଚ ସୁରେନ୍ଦ୍ର କୁମାର ଶତପଥୀ, ସମିତିସଭ୍ୟ ସବ୍ୟସାଚି ଶତପଥୀ, ପଞ୍ଚାୟତ ବିଜେଡି ସଭାପତି ଦିବାକର ସାହୁ, ସମବାୟ ସମିତି ସଭାପତି ଅକ୍ଷୟ କୁମାର ବ୍ରହ୍ମା, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି।

## ଓ୍ୱୟୁଡବ୍ଲ୍ୟୁଜେର ନୂତନ କର୍ମକର୍ତ୍ତା ନିର୍ବାଚନ, ଆଲୋଚନା ଚକ୍ର

ଯାଜପୁର ଟାଉନ,୨୨।୮(ଡି.ଏନ୍.ଏ.)

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲୁ.ଜେ)ଯାଜପୁର ଶାଖା ପକ୍ଷରୁ ଏକ ଆଲୋଚନା ଚକ୍ର ଓ ଜିଲା ସଂଘର ସାଙ୍ଗଠନିକ ନିର୍ବାଚନ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧକ୍ଷ ଡ. ପୀତବାସ ମିଶ୍ର ଯୋଗଦେଇ ସମ୍ପ୍ରତିକ ପରିସ୍ଥିତିରେ ଖବରଦାତା ମାନଙ୍କର ଭୂମିକା ଓ ଅବସ୍ଥା ସମ୍ପର୍କରେ ଆଲୋଚନା କରି ଖବରଦାତାମାନଙ୍କ ଏକତା ଓ ଏକାଗ୍ରତା ଉପରେ ମତବ୍ୟକ୍ତ କରିଥିଲେ। ଖବରଦାତାମାନଙ୍କ ପେନସନ୍, ରେଲ୍‌ୱେ ପାସ୍, ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ସୁରକ୍ଷା ଆଇନ ପାଳନ କରାଯିବା ଜରୁରୀ ବୋଲି କହି ଦାବି ଉପସ୍ଥାପନ କରାଯାଇଥିଲା । ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ସମ୍ପାଦକ ଅର୍ଜୁନ ମୁଦୁଲି ,ସର୍ବଭାରତୀୟ ଉପସଭାପତି ସୁନିଲ୍ ମିଶ୍ର ଯୋଗଦେଇଥିଲେ। ଏହା ପରେ ଯାଜପୁର ଜିଲା ଶାଖାର ସାଙ୍ଗଠନିକ ନିର୍ବାଚନ କରାଯାଇ ସଭାପତି ରୂପେ କାଶିନାଥ ବାରିକ, ସମ୍ପାଦିକା ପ୍ରମିଳା ରାଉତ, ଉପ-ସଭାପତି ବିଜୟ ମହାରଣା, ଦିଲ୍ଲୀପ ଚାନ୍ଦ, ଦୀପକ ଗୋଛାୟତ, ଆନନ୍ଦ ବିଶ୍ୱାଳ, ସହସମ୍ପାଦକ ରୂପେ ସ୍ମୃତିରଞ୍ଜନ ବେହେରା, ନିହାର ସାମଲ, ରୀନା ପଢ଼ିହାରୀ, ଗୋବିନ୍ଦ ଚନ୍ଦ୍ର ଖଣ୍ଡାଇ, ସଂଗଠନ ସମ୍ପାଦକ ଦିବାକର ବେହେରା, ସାଂସ୍କୃତିକ ସମ୍ପାଦକ ତପନ ମିଶ୍ର, କୋଷାଧ୍ୟକ୍ଷ ଗୟାଧର ନାୟକ, ଆଇନ ପରାମର୍ଶ ଦାତା ରୂପେ ରାଜ୍ୟ କମିଟିକୁ ଦିଲ୍ଲୀପ ଦାଶଙ୍କୁ ଚୟନ କରାଯିବା ସହ ଜିଲ୍ଲା କମିଟିକୁ ଆଇନଜୀବୀ ନିରଞ୍ଜନ ସାମଲଙ୍କୁ ଚୟନ କରାଯାଇଥିଲା ।

# ନିୟମିତ ଚାକିରି ଦାବିରେ ଠିକା, ଦୈନିକ ମଜୁରି କର୍ମଚାରୀଙ୍କ ଧାରଣା


ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଶାଖା ପରିଚାଳକଙ୍କ ସହ ଆନ୍ଦୋଳନରତ କର୍ମଚାରୀ ଓ ଅନ୍ୟମାନେ।

## ନୂଆପଡ଼ାସ୍ଥିତ ତିର୍ତ୍ତୋଲ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର

ରଘୁନାଥପୁର,୨୨।୮(ଡି.ଏନ୍.ଏ.)

ନିୟମିତ ଚାକିରି ଓ ଅନ୍ୟାନ୍ୟ ଦାବି ନେଇ ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ତିର୍ତ୍ତୋଲ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଦୈନିକ ମଜୁରିଧାରୀ ଓ ଠିକା କର୍ମଚାରୀମାନେ ସୋମବାର ସକାଳୁ ପ୍ଲାଣ୍ଟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ୧୫ ରୁ ୨୫ ବର୍ଷ ହେବ ସେମାନେ ପ୍ଲାଣ୍ଟରେ କାର୍ଯ୍ୟ କରିଆସୁଛନ୍ତି। ମାତ୍ର ସର୍ତ୍ତାବଳୀ ଅନୁସାରେ କଟକ ଦୁଗ୍ଧସଂଘ ସେମାନଙ୍କୁ ନିୟମିତ କରୁନାହାନ୍ତି। ଏନେଇ ଦୁଗ୍ଧସଂଘର ସାଧାରଣ ପରିଚାଳକ, ତିର୍ତ୍ତୋଲ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଶାଖା ପରିଚାଳକ ଓ ଅନ୍ୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଯାଇଥିଲେ ମଧ କୌଣସି ସୁଫଳ ମିଳୁନି। ଫଳରେ ପୂର୍ବ ସୂଚନା ମୁତାବକ କର୍ମଚାରୀମାନେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ତ୍ରିଲୋଚନ ସ୍ୱାଇଁ ଓ ନିଗମାନନ୍ଦ ନାୟକ କହିଛନ୍ତି। ସେମାନଙ୍କ ଅନ୍ୟାନ୍ୟ ଦାବିଗୁଡିକ ମଧ୍ୟରେ ନିୟମିତ ହୋଇ ନ ଥିବା କର୍ମଚାରୀଙ୍କୁ ଦୈନିକ ୧ ହଜାର ଟଙ୍କା ମଜୁରି ପ୍ରଦାନ, ସାପ୍ତାହିକ ତଥା ଜାତୀୟ ଛୁଟି ବାବଦରେ ଦରମା ଦେବା, ନିୟମିତ ନ ହେବା ପର୍ଯ୍ୟନ୍ତ କର୍ମଚାରୀଙ୍କୁ ବଦଳି କରା ନ ଯିବା, ଶିକ୍ଷାଗତ ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ଅନୁଯାୟୀ କର୍ମଚାରୀଙ୍କ ପଦବୀ ପୂରଣ ଆଦି ଅନ୍ତର୍ଭୁକ୍ତ । ଅଭିଯୋଗ ପାଇ ରବିବାର କଟକ ଜିଲା ଦୁଗ୍ଧସଂଘ ଏଚଆର ମ୍ୟାନେଜର(ମାନବସମ୍ବଳ ମୁଖ୍ୟ)ସୌମ୍ୟରଞ୍ଜନ ରାୟ ପ୍ଲାଣ୍ଟରେ ପହଞ୍ଚିଥିଲେ। କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳ ହୋଇଥିବାରୁ ରାୟ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଏସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଦ୍ୟାଧରପୁର ସରପଞ୍ଚଙ୍କ ପକ୍ଷରୁ ରହିମ ଖାଁ ଓ ସମିତିସଭ୍ୟାଙ୍କ ସ୍ୱାମୀ ଅଜୟ ସାମଲ, ଛପଡା ସରପଞ୍ଚଙ୍କ ପକ୍ଷରୁ ନିରାକାର ଖୁଣ୍ଟିଆ, ସମିତି ସଭ୍ୟ ରଞ୍ଜନ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ପ୍ରସନ୍ନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ମାତ୍ର କୌଣସି ନିର୍ଯାସ ନ ବାହାରିବାରୁ ସୋମବାର କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ପରେ ଶାଖା ପରିଚାଳକ ଲଳିତ କୁମାର ପାତ୍ର ଆନ୍ଦୋଳନରତ କର୍ମଚାରୀଙ୍କ ପାଖରେ ପହଞ୍ଚି ନଭେମ୍ବର ସୁଦ୍ଧା ନିୟମାନୁଯାୟୀ ସେମାନଙ୍କ ଦାବିଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ବିଦ୍ୟାଧର ନାୟକ, ବିଜୟ କୁମାର ସାହୁ, ଦିଲୀପ କୁମାର ମହାନ୍ତି, ଅନୁପମା ବାରିକ, କ୍ଷୀରୋଦ ସ୍ୱାଇଁ, ଭାଗୀରଥି ସେଠୀ, ପ୍ରଶାନ୍ତ ବେହେରା ଓ ଶଶିକାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

**ନିଖୋଜ ରାଜମିସ୍ତ୍ରିଙ୍କ ଟେର୍ ମିଳୁନି : ମାନବିକ ଅଧିକାର କମିଶନରେ ଫେରାଦ**

**ନୟାଗଡ଼ ଅଫିସ:** ନୟାଗଡ ସଦର ଥାନା ସିପାହୀ ଅସୁରଢ଼ିପା ଗାଁର ଜଣେ ରାଜମିସ୍ତ୍ରି ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ନିଖୋଜ ହୋଇଥିବାବେଳେ ପୋଲିସ ଟେର ପାଉନି। ବଡଭାଇ ସୁଦାମ ମାଝିଙ୍କ ନିଖୋଜ ନେଇ ସାନ ଭାଇ ବାଞ୍ଛାନିଧି ଥାନାରେ ୨୨।୯।୨୦୧୯ରେ ଅଭିଯୋଗ କରିଥିଲେ। ପରେ ପୋଲିସ କୌଣସି ପଦକ୍ଷେପ ନେଉନାହିଁ। ଏଭଳିସ୍ଥଳେ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ପ୍ରଧାନ ଏ ନେଇ ମାନବାଧିକାର କମିଶନରଙ୍କ ନିକଟରେ ଫେରାଦ ହେବା ପରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

### ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଅଟକ

ଦିଗପହଣ୍ଡି,୨୨।୮(ଡି.ଏନ.ଏ.):ଦିଗପହଣ୍ଡି ଥାନା ଅନ୍ତର୍ଗତ ଏକ ଗାଁର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ସ୍ଥାପନ ପରେ ତାଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ଗର୍ଭବତୀ ହେବା ପରେ ଅଭିଯୁକ୍ତ ରାମ ଦାସ ତାଙ୍କୁ ବିବାହ କରିବାକୁ ମନା କରିଦେଇଛନ୍ତି। ନିରୁପାୟ ହୋଇ ନାବାଳିକା ଜଣକ ପରିବାର ଲୋକଙ୍କ ସହ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ନଂ.୩୦୦/୨୨ ଦଫା - ୩୭୬(୨)(ଏନ୍),୩୭୬(୩),୫୦୬ ଆଇପିସି ସମେତ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନର ଧାରା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଅଭିଯୁକ୍ତ ଏବଂ ପୀଡ଼ିତାଙ୍କୁ ସୋମବାର ବ୍ରହ୍ମପୁର ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

### ରାମଗିରିରେ ବିଏସ୍‌ଏନ୍‌ଏଲ୍ ସେବା ବନ୍ଦ

ରାମଗିରି,୨୨।୮(ଡି.ଏନ୍.ଏ.)-ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତରେ ଥିବା ବିଏସ୍‌ଏନ୍‌ଏଲ୍ ମୋବାଇଲ ସେବା ଗତ କିଛି ଦିନ ଧରି ବାରମ୍ବାର ବନ୍ଦ ହେଉଛି। ଫଳରେ ନେଟ୍ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ସ୍ଥାନୀୟ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଗତ ୧ ବର୍ଷ ଧରି ରାମଗିରି ବିଏସ୍‌ଏନ୍‌ଏଲ୍‌ର ବ୍ରଡ୍‌ବ୍ୟାଣ୍ଡ ସେବା ମଧ୍ୟ ବନ୍ଦ ହୋଇ ରହିଛି। ଏ ବାବଦରେ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଏବଂ ଗଜପତି ବିଏସ୍‌ଏନ୍‌ଏଲ୍ ଜେଇଙ୍କୁ ଅଭିଯୋଗ କରାଯାଇଥିଲା। କିନ୍ତୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ତରଫରୁ କିଛି ଉପଯୁକ୍ତ ପଦକ୍ଷେପ ନିଆଗଲା ନାହିଁ। ବ୍ରଡ୍‌ବ୍ୟାଣ୍ଡ ସେବା ବନ୍ଦ ହେଲା ପରେ ଗ୍ରାହକମାନେ ସେମାନଙ୍କ ଦରଖାସ୍ତ ଦେଇ ବ୍ରଡ୍‌ବ୍ୟାଣ୍ଡ ସେବା ବନ୍ଦ କରିଦେଇଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଜଣଙ୍କର କଟି ନ ଥିବା ଜଣାପଡୁଛି। ତେଣୁ ପୁନର୍ବାର ଏହି ସେବାକୁ ସୁଦୃଢ଼ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମତ ପ୍ରକାଶ କରିଛନ୍ତି।

# ଗଞ୍ଜାମ ଏନ୍‌ଏସି : ଅଧାପନ୍ତରିଆ ପଡ଼ିଛି ବହୁ ପ୍ରକଳ୍ପ

ଗଞ୍ଜାମ,୨୨।୮(ଡି.ଏନ.ଏ.)

ଗଞ୍ଜାମ ଏନଏସିରେ ଦୀର୍ଘ ବର୍ଷ ହେବ କୌଣସି ଉନ୍ନୟନ କାର୍ଯ୍ୟ ହେଉ ନଥିବା ଅଭିଯୋଗ ହୋଇଛି। ବହୁ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିରହିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ନୂଆ କାଉନସିଲ ବଡି ଆସିବା ପରେ ସହରର ଉନ୍ନତି ହେବ ବୋଲି ଆଶା ରଖିଥିଲେ ସହରବାସୀ। କିନ୍ତୁ କାଉନସିଲ ବଡି ଆସିବାର ଛଅ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ସହର ଜବରଦଖଲ ସମୟରେ ଉଠା ଦୋକାନୀଙ୍କୁ ଭେଣ୍ଡିଂ ଜୋନ କରି ସେମାନଙ୍କୁ ଥଇଥାନ କରାଯିବା ପାଇଁ ଏନଏସି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ସହରର ତିନୋଟି ସ୍ଥାନରେ ତଥା ସାନ ବଜାର ମାଛ ମାର୍କେଟ, ସାନ ବଜାର ଓ ବଡ଼ ବଜାର ଠାରେ ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁ ଉଠା ଦୋକାନୀମାନେ ଖରା ବର୍ଷାରେ ନିଜର ବ୍ୟବସାୟ ଚଳାଉଛନ୍ତି। ସେହିପରି ୧୦ ଲକ୍ଷରେ ଦାମୋଦରପୁର ରୋଡ଼, ୧୫ ଲକ୍ଷ ଟଙ୍କାରେ ପୋତାଗଡ଼ ରୋଡ଼, ୪ ଲକ୍ଷ ଟଙ୍କାରେ ସେଲ୍ଫି ପଏଣ୍ଟ, ୩ ଲକ୍ଷ ଟଙ୍କାରେ ଗୌଡ଼ ସାହି ରୋଡ଼ ବିଧାୟକ ଫଣ୍ଡରୁ ୧୪ ଲକ୍ଷ ଟଙ୍କାରେ କଲେଜ ବିଲଡିଂ ଏବଂ ୭ ଲକ୍ଷ ଲେଖାଏଁ ୪ ଟି ମିଶନଶକ୍ତି ଗୃହ ଅଧାପନ୍ତରିଆ ଭାବେ ପଡିରହିଛି। ଦୀର୍ଘ ବର୍ଷ ଦାବି ପରେ ଗଞ୍ଜାମ ସହରରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୮୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ତାହାର ଟେଣ୍ଡର ମଧ୍ୟ ସରିଛି। ତାହା ମଧ୍ୟ ଅଧାପନ୍ତରିଆ ରହିଛି। ଯାତ୍ରୀ ବିଶ୍ରାମଗାର ନାହିଁ। ଫଳରେ ସହରକୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ ଅଫିସ, ଥାନା, ବ୍ୟାଙ୍କ ଆଦି ଥିବା ହେତୁ ଶହ ଶହ ଲୋକ ଦୈନନ୍ଦିନ ବିଭିନ୍ନ କାମରେ ଆସିଥାନ୍ତି। କିନ୍ତୁ ଗାଡିକୁ ଅପେକ୍ଷା ପାଇଁ ବିଭିନ୍ନ ହୋଟେଲ, ପାନ ଦୋକାନ ଆଗରେ ଠିଆ ହୋଇଥାନ୍ତି। ଅନ୍ୟପଟେ ଏନଏସି ପ୍ରଶାସନ ପକ୍ଷରୁ ଦୁଇ ଲକ୍ଷ ଲେଖାଏଁ ଚାରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ପରିସ୍ରାଗାର ମଧ୍ୟରୁ ସାନ ବଜାର ପରିସ୍ରାଗାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେଉନି ଏବଂ ବଡ଼ ବଜାର ପରିସ୍ରାଗାର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ଦେଖିବାକୁ ମିଳିଛି। ଫଳରେ ଗଞ୍ଜାମ ସହରକୁ ଆସୁଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିସହିତ ଦାମୋଦରପୁର ଠାରୁ ଥାନା ରୋଡ଼ ଏବଂ ତ୍ରିବେଣୀ ମଠ ଛକ ଠାରୁ ପୁରୁଣା ଜାତୀୟ ରାଜପଥ ଦେଇ ପୁଇଁତୋଳା ପର୍ଯ୍ୟନ୍ତ ପୋଲ ପୋତାଯାଇଛି, କିନ୍ତୁ ଆଲୋକିକରଣ ହେଉନାହିଁ। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି। ଟିଉସନକୁ ଅନ୍ଧାରରେ ଛାତ୍ରୀଛାତ୍ର ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ଅଧାପନ୍ତରିଆ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କଳାବ୍ୟାଜ ଆନ୍ଦୋଳନ



କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ।

ତୁମୁଡ଼ିବନ୍ଧ (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୨୨।୮:

ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ଓ ୬ ବର୍ଷ ଚୁକ୍ତିଭିତ୍ତିକ ଚାକିରି ସମୟକୁ ପଦୋନ୍ନତି, ବରିଷ୍ଠତା ଏବଂ ଦରମା ହାର ବୃଦ୍ଧି ଦାବିରେ ଦୀର୍ଘ ୬ ଦିନ ଧରି ସାରା ରାଜ୍ୟରେ କଳାବ୍ୟାଜ ପିନ୍ଧି ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି। ଏହି ଅବସରରେ ଫୁଲବାଣୀ ଓ ତୁମୁଡ଼ିବନ୍ଧରେ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ଅଗଷ୍ଟ ୧୬ ତାରିଖରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ସମସ୍ତ ଚୁକ୍ତିଭିତ୍ତିକ ଗ୍ରୁପ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ଚାକିରି ସମୟକୁ ମୂଳ ଚାକିରିରେ ଯୋଗ ଦୁଇଟି ମୁଖ୍ୟ ଦାବି ସହ ନିଯୁକ୍ତି ସମୟରେ ମହଙ୍ଗା ଭତ୍ତା, ଘରଭଡା ଏବଂ ସମସ୍ତ ସରକାରୀ ଆନୁଷଙ୍ଗିକ ସୁବିଧା ଇତ୍ୟାଦି ଦାବି ରହିଛି। ରାଜ୍ୟ ସରକାର ଯଦି ଦାବିଗୁଡିକୁ ପୂରଣ ନ କରନ୍ତି ତେବେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ସେପ୍ଟେମ୍ବର ୧୧ରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀମାର୍ଗ ଠାରେ ଏକ ଆନ୍ଦୋଳନରେ ସାମିଲ ହେବେ ବୋଲି ମହାସଂଘର ଜିଲା ସଭାପତି ଅଶୋକ ଗୌଡ଼, ସଂପାଦକ ସୀମାଞ୍ଚଳ ପଣ୍ଡା, ଉପ ସଭାପତି କ୍ଷିତୀଶ କୁମାର, ଫୁଲବାଣୀ ବ୍ଲକ ସଭାପତି ସୁଶାନ୍ତ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

# ଟାଏକୋଣ୍ଡୋରେ ଭଞ୍ଜନଗର ପ୍ରତିଯୋଗୀଙ୍କ ସଫଳତା


ପ୍ରତିଯୋଗୀଙ୍କ ଗହଣରେ ଅତିଥିମାନେ।

ଭଞ୍ଜନଗର,୨୨।୮(ଡି.ଏନ.ଏ)

ଭୁବନେଶ୍ୱର ଉତ୍କଳ କରାଟେ ଆସୋସିଏଶନ ପକ୍ଷରୁ ଗତ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଟାଏକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭଞ୍ଜନଗର ଟାଇକୋଣ୍ଡୋ ଆସୋସିଏଶନର ୨୪ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରେ ୯ ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣ, ୪ ପ୍ରତିଯୋଗୀ ସିଲଭର ଏବଂ ୭ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଉକ୍ତ ପ୍ରତିଯୋଗୀମାନେ ସୋମବାର ସନ୍ଧ୍ୟାରେ ଭଞ୍ଜନଗରରେ ପହଁଞ୍ଚିବା ପରେ ପୁରସ୍କୃତ କରାଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କୋଚ ତଥା ଗଞ୍ଜାମ ଜିଲା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ପ୍ରାଣ କୃଷ୍ଣ ଗୌଡ଼ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏନ୍‌ଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, କାଉନସିଲର ଶିବରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୨୨।୮(ଡି.ଏନ.ଏ.)

ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ପରେ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆସିକା ଥାନା ନଳବଣ୍ଟା ଗ୍ରାମର ନରସିଂହ ପ୍ରଧାନ। ରବିବାର ରାତିରେ ବ୍ରହ୍ମପୁରଠାରେ ଜଣେ ଆତ୍ମୀୟଙ୍କ ଘରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ଅପରପକ୍ଷେ ରବିବାର ବ୍ରହ୍ମପୁରସ୍ଥିତ ସଟ ଷ୍ଟେ ହୋମରେ ରଖାଯାଇଥିବା ପିଡିତାଙ୍କୁ ସୋମବାର ପୋଲିସ ଆଣି ମାଜିଷ୍ଟ୍ରେଟଙ୍କ ନିକଟରେ ତାଙ୍କର ବୟାନ ରେକର୍ଡ କରିଛି । ପରେ ପିଡିତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ତାମିଲନାଡୁଠାରେ ଗୋଟିଏ କମ୍ପାନୀରେ କାର୍ଯ୍ୟ କରୁଥିଲା ବେଳେ ନରସିଂହ ଓ ସଂପୃକ୍ତ ପୀଡିତାଙ୍କ ମଧ୍ୟରେ ସଂପର୍କ ସ୍ଥାପନ ହୋଇଥିଲା। ବିବାହର ପ୍ରତିଶ୍ରୁତି ଦେଇ ନରସିଂହ ଏକାଧିକବାର ବଳତ୍କାର କରିବା ପରେ ପରବର୍ତ୍ତି ଅବସ୍ଥାରେ ପୀଡିତାଙ୍କ ସହ ସମ୍ପର୍କ ଛିନ୍ନ କରିବାରୁ ଶନିବାର ପୀଡ଼ିତା ଅଭିଯୁକ୍ତଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିବା ସହ ପୋଲିସରେ ଅଭିଯୋଗ କରିଥିଲେ।

# ଘୋଷଣା ପରେ ବି ରିଲିଫ ମିଳୁନି

- ବନ୍ୟା ବିପନ୍ନଙ୍କୁ ଅଣଦେଖା
- ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ କଂଗ୍ରେସର ଫେରାଦ୍

ନୟାଗଡ ଅଫିସ,୨୨।୮

ମହାନଦୀର ବନ୍ୟାରେ ନୟାଗଡ଼ ଜିଲା ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକର ବନ୍ୟା ବିପନ୍ନଙ୍କୁ ଜିଲା ଓ ବ୍ଲକ ପ୍ରଶାସନ ଅଣଦେଖା କରି ଆସୁଛି। ବନ୍ୟାର ୮ ଦିନ ଭିତରେ ପ୍ରଶାସନର କାର୍ଯ୍ୟ ଦକ୍ଷତାକୁ ଅନୁଧ୍ୟାନ କଲେ ସନ୍ଦେହ ଘେରକୁ ଆସୁଛି। ଜିଲାରେ ବନ୍ୟା ପାରିସ୍ଥିତି ଲାଗି ରହିଥିବାବେଳେ କୁତୁରି ପରି ଅନେକ ଗାଁରେ ପ୍ରଶସନ ପହଞ୍ଚି ପାରିଲାନି। ବନ୍ୟା ଜଳ ହ୍ରାସ ପାଇବା ପରେ ଧାନ, ଆଖୁ, ପନିପରିବା ଫସଲ ଉଜୁଡି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ନୟାଗଡ଼ର ବନ୍ୟା ବିପନ୍ନଙ୍କୁ ୭ ଦିନିଆ ରିଲିଫ୍ ଯୋଗାଇବାକୁ ସରକାରୀ ନିର୍ଦ୍ଦେଶ ଅଛି। ତେବେ ଏ ଯାବତ ବନ୍ୟା ବିପନ୍ନଙ୍କ ପାଖରେ ରିଲିଫ୍ ପହଞ୍ଚି ପାରିନାହିଁ। ହାତ ଗଣତି କିଛି ଗାଁକୁ ଛାଡି ଦେଲେ ଅନ୍ୟ କେଉଁଠାରେ ରନ୍ଧା ଖାଦ୍ୟ ଦିଆଯାଉନି।

ସେହିପରି ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ଖାଦ୍ୟ ଯୋଗାଇବାରେ ପ୍ରଶାସନ ଅସମର୍ଥ ହୋଇଛି। ରିଲିଫ ବଣ୍ଟନରେ ସୁଧାର ଆଣିବାକୁ ହେଲେ ଜଣେ ଆଇଏଏସ୍ ଜିଲାପାଳଙ୍କୁ ଜିଲାକୁ ପଠାଇବାକୁ କଂଗ୍ରେସ ଅନୁରୋଧ କରିଛି। ଅନ୍ୟପକ୍ଷେ ମହାନଦୀର ବନ୍ୟାଜଳକୁ ଛାଡି ଜିଲାର ଅନେକ ସ୍ଥାନରେ ଧାନ ଓ ପରିବା ଫସଲ ଅନୁରୂପ ଭାବେ ନଷ୍ଟ ହୋଇଛି। ଚାଷୀଙ୍କୁ ତୁରନ୍ତ ସହାୟତା ରାଶି ଓ ବିପନ୍ନଙ୍କୁ ରିଲିଫ ଯୋଗାଇବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅନୁରୋଧ କରାଯାଇଛି ବୋଲି ଜିଲା ସଭାପତି ରଣଜିତ ଦାଶ ସୂଚନା ଦେଇଛନ୍ତି।

# ପଣ୍ଡିତ ଗୋପୀନାଥ ନନ୍ଦଙ୍କ ୧୫୪ତମ ଜୟନ୍ତୀ

ପାରଳାଖେମୁଣ୍ଡି,୨୨।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ୧୫୪ତମ ଜୟନ୍ତୀ ରବିବାର ପାଳନ ହୋଇଯାଇଛି। ଏକାଡେମୀର ଜିଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସଭା ମୁଖ୍ୟ ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଏବଂ ଭଞ୍ଜବିହାର ସ୍ଥିତ ବିଶ୍ୱବିଦ୍ୟାଳୟର ସାହିତ୍ୟ ଏକାଡେମୀ ସଦସ୍ୟ ଡ.ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଉପାନ୍ତ ପ୍ରହରୀ ଐତିହାସିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସମ୍ମାନିତ ବକ୍ତାଭାବେ ଯୋଗଦାନ କରି ଭାଷାବିଜ୍ଞାନୀ ପଣ୍ଡିତ ନନ୍ଦଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଚୟନ କରିଥିଲେ। ସ୍ୱାଗତ ସମ୍ଭାଷଣ ଏବଂ ପରିଚୟ ପ୍ରଦାନ ଡ.କଲ୍ୟାଣୀ ମିଶ୍ର ଦେଇଥିବାବେଳେ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିଲେ। ଅରୂପାଞ୍ଜଳି ମହାନ୍ତି, ଡି. ପ୍ରିୟଙ୍କା, ନିତ୍ୟାନନ୍ଦ ଚୌଧୁରୀ, ମୁରଲୀଧର ପରିଚ୍ଛା, ବିଷ୍ଣୁଚରଣ ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା, ଭାରତ ଭୂଷଣ ମହାନ୍ତି, ନରସିଂହ ଗୌଡ଼ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲା ବିଶ୍ୱକର୍ମା ସମାଜ ଅଧିବେଶନ

ହିଞ୍ଜିଳିକାଟୁ,୨୨।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବିଶ୍ୱକର୍ମା ସମାଜର ପ୍ରଥମ ମହା-ଅଧିବେଶନ ହିଞ୍ଜିଳିକାଟୁ ନିକଟ ଶ୍ୟାମଳାଇ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କାର୍ଯ୍ୟକାରିଣୀ ଗଠିତ ହୋଇଛି। ପୂର୍ବଖଣ୍ଡ ତାଲୁକା ସଭାପତି ତଥା ମହା ଅଧିବେଶନ ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଜିଲାର ବିଭିନ୍ନ ପ୍ରାନ୍ତରୁ କୁଳଭାଇମାନେ ଯୋଗଦେଇଥିଲେ। ଏଥିରେ ଜିଲା ସଭାପତି ଭାବେ ହିଞ୍ଜିଳିକାଟୁର ଅଜୟ କୁମାର ମହାରଣା, କାର୍ଯ୍ୟକାରୀ ସଭାପତି ଭାବେ ବ୍ରହ୍ମପୁରର ଭାଗୀରଥି ମହାରଣା, ଉପସଭାପତି କବିସୂର୍ଯ୍ୟନଗରର ବିଭୂତି ମହାରଣା, ଖଲ୍ଲିକୋଟର ନୀଳାଞ୍ଚଳ ମହାରଣା, ସୋରଡ଼ା ନୂଆଁଗଡ଼ର


ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି।

ଗୌରାଙ୍ଗ ମହାରଣା, ପାରିକୁଦ ମାଲୁଦର ଲକ୍ଷ୍ମୀ ମହାରଣା, ମୁମ୍ବାଇର ଦୁଃଖୀଶ୍ୟାମ ମହାରଣାଙ୍କୁ ସର୍ବସମ୍ମତ ଭାବେ ମନୋନୀତ କରାଯାଇଛି। ସମ୍ପାଦକ ଭାବେ ବାଲିପଦରର ସୂର୍ଯ୍ୟନାରାୟଣ ମହାରଣା, ସଙ୍ଗଠନ ସମ୍ପାଦକ ଭାବେ ହିଞ୍ଜିଳିକାଟୁର ସୁଶାନ୍ତ ମହାରଣା, ସହସମ୍ପାଦକ ଭାବେ ପୋଲସରାର ସୀମାଞ୍ଚଳ ମହାରଣା ଓ ଆସିକାର ସୀମାଞ୍ଚଳ ମହାରଣା, କୋଷାଧ୍ୟକ୍ଷ ଭାବେ ଗଙ୍ଗାପୁର ଶାସନର ଚନ୍ଦ୍ରଶେଖର ମହାରଣା, ସହ କୋଷାଧ୍ୟକ୍ଷ ଆସିକାର ଈଶ୍ୱର ମହାରଣା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ବାଲିପଦରର ରାଜେନ୍ଦ୍ର ମହାରଣା, କେଶପୁରର ଦୟାନିଧି ମହାରଣା, ପାରକୁଦ ମାଲୁଦର ଗଣେଶ ମହାରଣା ଓ ସୁନ୍ଦରପୁରର ପଦ୍ମନାଭ ମହାରଣାଙ୍କୁ ସର୍ବସମ୍ମତ ଭାବେ ମନୋନୀତ କରାଯାଇ ସମ୍ମାନିତ କରାଯାଇଥିଲା।

# ଟିଆର୍‌ଡବ୍ଲ୍ୟୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ଆର୍.ଉଦୟଗିରି,୨୨।୮(ଡି.ଏନ୍.ଏ.)

ଆର୍.ଉଦୟଗିରି ବ୍ଲକ ଶବରପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସୁଣ୍ଡରବା ଗ୍ରାମର ଟିଆର୍‌ଡବ୍ଲ୍ୟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ମାତ୍ର ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ଅସୁବିଧା ହେଉଛି। ୮ ଶ୍ରେଣୀକୁ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଅଧିକ ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ କମିଟି ସଦସ୍ୟ ଓ ଅଭିଭାବକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଆର୍.ଉଦୟଗିରି ଭାରପ୍ରାପ୍ତ ବିଡିଓ ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨୯ ସୁଦ୍ଧା ବିଦ୍ୟାଳୟରେ ୪ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ୩୦ ତାରିଖରେ କମିଟି ସଦସ୍ୟ ଓ ଅଭିଭାବକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଦ୍ୟାଳୟ ସଭାପତି ତେରେଶା ରଇତ, ଶବର ସମାଜର ଜିଲା ସମ୍ପାଦକ ଅର୍ଜୁନ ରଇତ, ପୂର୍ବତନ ସରପଞ୍ଚ ଜଗନ୍ନାଥ ରଇତ, ପୂର୍ବତନ ସମିତିସଭ୍ୟ ସୁଦର୍ଶନ ରଇତ, ସମିତିସଭ୍ୟ ମାଣିକ ରଇତ, କୁରା ଦଳେଇ, ପୁରୁଷୋତ୍ତମ ରଇତ, ସୁରେନ୍ଦ୍ର ବେହେର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ସାମ୍ନାରେ ଅଳିଆ ଆବର୍ଜନାର ପାହାଡ଼

## ଦୁର୍ଗନ୍ଧରେ ଛାତ୍ରୀଛାତ୍ର ଅଣନିଃଶ୍ୱାସୀ

ପୋଲସରା,୨୨।୮(ଡି.ଏନ.ଏ.)

ପୋଲସରା ଏନ୍‌ଏସି ପକ୍ଷରୁ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସହର ପ୍ରମୁଖ ସ୍ଥାନ ଗୁଡ଼ିକରେ ଅଳିଆ ଆବର୍ଜନା ପଡ଼ି ରହୁଥିବାରୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି। ଏଭଳି ଏକ ଘଟଣାର ସତ୍ୟାସତ୍ୟ ଦେଖିବାକୁ ମିଳିଛି ପୋଲସରା ଏନ୍‌ଏସି ନିକଟରେ ଥିବା ଏକ୍ସବୋର୍ଡ଼ ବାଳକ ବାଳିକା ପ୍ରାଥମିକ ବିଦ୍ୟାଳୟ ନିକଟରେ। ଏନ୍‌ଏସିର କୁଢ଼ କୁଢ଼ ଅଳିଆ ଆବର୍ଜନା ବିଦ୍ୟାଳୟର ମୁଖ୍ୟ ଗେଟ୍‌ର ଉଭୟ ପାର୍ଶ୍ୱରେ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟର ସଂପୂର୍ଣ୍ଣ ପରିବେଶକୁ ପୂତି ଗନ୍ଧମୟରେ ଫାଟି ପଡୁଛି। ବିଦ୍ୟାଳୟକୁ ପଢ଼ିବା ପାଇଁ ଆସୁଥିବା କୋମଳମତି ଛାତ୍ରୀଛାତ୍ରମାନେ ସବୁବେଳେ ଅଳିଆ ଆବର୍ଜନାର ପାହାଡ଼


ସ୍କୁଲ ସାମ୍ନାରେ ପଡ଼ିଥିବା ଅଳିଆ ଆବର୍ଜନା।

ଡେଇଁ ଆସୁଥିବା କହିଛନ୍ତି। ଏପରିକି ଆବର୍ଜନା ଗନ୍ଧରେ ସେମାନଙ୍କ ପାଠ ପଢ଼ିବାରେ ଅସୁବିଧା ହେଉଥିବା ବେଳେ ପଚାଷଢା ଦୁର୍ଗନ୍ଧରେ ଛାତ୍ରୀଛାତ୍ରମାନେ ଅଣନିଃଶ୍ୱାସୀ ହୋଇ ପଡୁଥିବା ଅବିଭାବକମାନେ ନିଜର ବିରକ୍ତି ପ୍ରକାଶ କରିଛନ୍ତି। ଯାହାକୁ ନେଇ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି କବିରାଜ ସାହୁ, ଅବିଭାବକ ଚିତ୍ତରଞ୍ଜନ ପାଣିଗ୍ରାହୀ, ହିନ ମହାପାତ୍ର, ଚନ୍ଦ୍ରଶେଖର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନାତନୀ ଦେବୀ ଓ ଉପସ୍ଥିତ ଶିକ୍ଷକ ବସନ୍ତ କୁମାର ସାହୁଙ୍କୁ ବିଦ୍ୟାଳୟରେ ପଡି ରହୁଥିବା ଅଳିଆ ଆବର୍ଜନା ସଂପର୍କରେ ପଚାରି ଆପତ୍ତି ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାତ୍ର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ସିଧାସଳଖ ଦାୟୀ କରିଥିଲେ। ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରି ବିଦ୍ୟାଳୟ ସାମ୍ନାରୁ ଅଳିଆ ଆବର୍ଜନା ହଟାଇବାକୁ ସାଧାରଣରେ ଦାବି ହୋଇଛି।

### କୃଷକ ସଚେତନତା ରଥ ଶୁଭାରମ୍ଭ

ବୁଗୁଡା,୨୨।୮(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଶନିବାର କୃଷକ ଓଡ଼ିଶା ଡାଟା ବେସ୍ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ସମ୍ପର୍କରେ କୃଷକମାନଙ୍କ ମଧ୍ୟରେ ସଚେତନତା ସକାଶେ କୃଷକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ଅଭିଯାନ କାର୍ଯ୍ୟକ୍ରମକୁ ବୁଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ, ଗୋଷ୍ଠୀ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି, ଆତ୍ମା ଅଧ୍ୟକ୍ଷ ମୁକୁନ୍ଦ ନାୟକ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଭଗବତୀ ପ୍ରସାଦ ଦାଶ, ସହକାରୀ କୃଷି ଅଧିକାରୀ ସ୍ୱାଗତିକା ପତି, ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପଦ୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି ରଥ ବୁଗୁଡା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ପରିକ୍ରମା କରି କୃଷକମାନଙ୍କ ମଧ୍ୟରେ କୃଷକ ଓଡ଼ିଶା ଡାଟା ବେସ୍ ପଞ୍ଜୀକରଣ ପ୍ରକ୍ରିୟା ଓ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ବୋଲି କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି କହିଛନ୍ତି।

# ଗଣେଶ ମୂର୍ତ୍ତି ପ୍ରସ୍ତୁତିର ପେଣ୍ଠସ୍ଥଳୀ କାଶୀନଗର

କାଶୀନଗର,୨୨।୮

ହିନ୍ଦୁ ସଂସ୍କୃତିର ପାର୍ବଣ ଋତୁ ଆରମ୍ଭ ହୋଇଗଲାଣି। ପାର୍ବଣର ଆଦ୍ୟପର୍ବ ହେଉଛି ବିନାୟକ ପୂଜା। ସମଗ୍ର ଉତ୍କଳୀୟ ସଂସ୍କୃତିରେ ଏହାକୁ ଗଣେଶ ପୂଜା କୁହାଯାଏ। ବିଘ୍ନନାଶନ ନିମନ୍ତେ ବିନାୟକ ପୂଜାକଲେ ବିଦ୍ୟା, ବୁଦ୍ଧି, ଜ୍ଞାନ ହୋଇଥାଏ ବୋଲି ଗଣେଶଙ୍କୁ ଆଦ୍ୟ ପର୍ବ ବିବେଚନା କରାଯାଏ। ତେଣୁ ଦକ୍ଷିଣାଞ୍ଚଳରେ ବହୁଳ ଭାବରେ ସହର ଓ ଗ୍ରାମେ ଗ୍ରାମେ ଏହି ପୂଜା ପାଳିତ ହୋଇଆସୁଛି। କରୋନା ଯୋଗୁ ୨ ବର୍ଷ ଗଣେଶପୂଜା ହୋଇପାରି ନ ଥିଲା। ଚଳିତ ବର୍ଷ କରୋନା କଟକଣା ଉଠିଥିବାରୁ ଗଣେଶ ପୂଜା ଘରେ ଘରେ, ଗ୍ରାମେ ଗ୍ରାମେ, ସହରରେ ଧୁମଧାମରେ ପାଳନ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଆନ୍ଧ୍ର ଓଡ଼ିଶାର ମଧ୍ୟସ୍ଥଳୀ ଉପାନ୍ତ ଅଞ୍ଚଳ ଗଜପତି ଜିଲାର କାଶୀନଗର ସହରରେ ଗତ କେତେ ବର୍ଷ ହେଲା ଏଠାରେ ଗଣେଶଙ୍କ ମୂର୍ତ୍ତି ତିଆରି ହୋଇ ଆନ୍ଧ୍ରର ବିଭିନ୍ନ ଅଞ୍ଚଳକୁ ଏଠାରୁ ମୂର୍ତ୍ତି ପୂଜା ପାଇଁ ଯିବା ସହ ଗଞ୍ଜାମ, ପୁରୀ, ନୟାଗଡ଼,


ଗଣେଶ ମୂର୍ତ୍ତି।

ଖୋର୍ଦ୍ଧା ଜିଲାକୁ ମୂର୍ତ୍ତି ପଠାଯାଇଥାଏ। କାଶୀନଗର ହେଉଛି ଗଣେଶଙ୍କ ମୂର୍ତ୍ତି ପ୍ରସ୍ତୁତିର ପେଣ୍ଠସ୍ଥଳୀ ଓ ହୋଲ୍‌ସେଲ ମାର୍କେଟ। ଏଠାରେ ମୃଣ୍ମୟ ମୂର୍ତ୍ତି ୫୦ ଟଙ୍କାଠାରୁ ଆରମ୍ଭ ହୋଇ ୫୦ ହଜାର ଟଙ୍କାର ମୂର୍ତ୍ତି ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଗଣେଶଙ୍କ ବିଭିନ୍ନ ଅବତାର ଓ ବିଭିନ୍ନ ପ୍ରକାର, ବିଭିନ୍ନ ଭଙ୍ଗୀର ମୂର୍ତ୍ତି ଏଠାରେ ତିଆରି ହୁଏ। ସ୍ଥାନୀୟ ମୂର୍ତ୍ତି କାରିଗର କେ.ରାମବାବୁ ଓ ଅନ୍ୟ କେତେକ ଅଞ୍ଚଳର କାରିଗର ଓ ରଙ୍ଗକାର ଆସି ଏଠାରେ ମୂର୍ତ୍ତି ନିର୍ମାଣ କରିଥାନ୍ତି।

## ସଂକ୍ଷେପରେ

### ବିଜୟ ମଣ୍ଡଳ ଛାତ୍ର ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ



କେନ୍ଦ୍ରାପଡ଼ା ଅଫିସ,୨୨।୮: ବିଜେଡି ଛାତ୍ର ସଙ୍ଗଠନ ସୋମବାର ପୁର୍ନଗଠନ ହୋଇଛି। ଏଥିରେ କେନ୍ଦ୍ରପଡ଼ା ସହରର ବିଜୟ କୁମାର ମଣ୍ଡଳଙ୍କୁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଅନୁମତି ଦେଇଉନ୍ତି। ବିଜୟଙ୍କ ଏହି ନୂତନ ଦାୟିତ୍ୱ ପାଇଁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ମିଳିଛି। ମହେନ୍ଦ୍ର କୁମାର ମିଶ୍ର, ମାନସ ରଞ୍ଜନ ଦାସ, ସାହେବ ସାହିଲ ରାଉତ, ନରୋତ୍ତମ ମଲ୍ଲିକ ସ୍ୱରୂପ ରାଉତରାୟଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ବିଜେଡି ଛାତ୍ରନେତା ଓ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ପଦବୀ ସମ୍ପର୍କରେ ବିଜୟ କହିଛନ୍ତି, ଛାତ୍ର ସଙ୍ଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରଖିବି।

### ଗାନ୍ଧିବାଦୀ କଂଗ୍ରେସ ନେତା ରଘୁ ମହାନ୍ତିଙ୍କ ବିୟୋଗ

ଡେରାବିଶ, ୨୨।୮(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲାର ଗାନ୍ଧୀବାଦୀ କଂଗ୍ରେସ ନେତା ରଘୁନାଥ ମହାନ୍ତି (୭୮)ଙ୍କ ଡେରାବିଶ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଜାଗୁଳାଇପଡ଼ା (ଗୋପୀନାଥପୁର) ସ୍ଥିତ ବାସଭବନରେ ସୋମବାର ଅପରାହ୍ନରେ ବିୟୋଗ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ୧୯୭୦ ଦଶକରେ ବ୍ଲକ ଅଞ୍ଚଳରେ ସ୍ୱର୍ଗତ ମହାନ୍ତି ଚାକିରି ଛାଡ଼ି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ପରେ ଗୋଲରାହାଟ ପଞ୍ଚାୟତର ୨ଥର ସରପଞ୍ଚ ହେବା ସହ ଥରେ ସମିତିସଭ୍ୟ ଓ ଗୋଲରାହାଟ ସମବାୟ ସମିତିର ସଭାପତି ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ଜୋନ୍ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ସ୍ୱର୍ଗତ ମହାନ୍ତି ବହୁ ଜନହିତକର କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପାଇ ଜିଲାର ବିଭିନ୍ନ ଅଞ୍ଚଳରୁ କଂଗ୍ରେସ ନେତୃମଣ୍ଡଳୀଙ୍କ ସମେତ ବିଭିନ୍ନ ଦଳର ରାଜନେତା ଓ ଶତାଧିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଏକ ଶୋଭାଯାତ୍ରାରେ ବ୍ଲକ ଅଧୀନ ଗୋଲରାହାଟ, ବାଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଡେରାବିଶ ବଜାର ଦେଇ ମହାନ୍ତିଙ୍କ ଶବାଧାରକୁ ପରିକ୍ରମା ପରେ ସନ୍ଧ୍ୟାରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏଥିରେ ପାଟକୁରା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଶାନ୍ତ ଦାସ, ସାଧାରଣ ସମ୍ପାଦକ କୁମାର ଚନ୍ଦ୍ର ବଳ, ମହେନ୍ଦ୍ର କୁମାର ସିଂ, ସରୋଜକାନ୍ତ ସାହୁ ଓ ଦେବାଶିଷ ଆଚାର୍ଯ୍ୟ, ଅଜୟ କୁମାର ରାଉତ, ଧନେଶ୍ୱର ସେଠୀ, ପ୍ରବୀର କୁମାର ସିଂ, କାଶୀନାଥ କାଣ୍ଡି, ଖୁର୍ସିଦ୍ ଆଲମ୍ ଖାଁଙ୍କ ସାମିଲ ହୋଇଥିଲେ।

# ଗୋବରୀ ଫୁଲିଲେ ନାଗପୁରା ପାଟ ବୁଡୁଛି

- ଲଗାଣବର୍ଷା, ବନ୍ୟାରେ ଉଜୁଡ଼ିଲା ଖରିଫ ଚାଷ
- ପାଟନାଳି ଖନନ ପାଇଁ ୮୬ ଲକ୍ଷ ଟଙ୍କା ମଞ୍ଜୁର ମିଳିଛି
- ଚାଷୀ ଏବେ ଋଣ ଶୁଝିବା ଚିନ୍ତାରେ

କେନ୍ଦ୍ରାପଡ଼ା ଅଫିସ, ୨୨।୮

କେନ୍ଦ୍ରାପଡ଼ା ଜିଲାରେ ବର୍ଷା ହେଲେ ଗୋବରୀ ନଦୀ ଫୁଲେ। ଏହାର ବନ୍ୟାଜଳ ନାଗପୁରା ପାଟ ଉଜାଡ଼େ। ଏହାକୁ ଦୃଷ୍ଟିରେ ରଖି ପାଟନାଳି ପାଇଁ ବାରମ୍ବାର ଆନ୍ଦୋଳନ ହେଉଛି। ତେବେ ପାଟନାଳି ପାଇଁ ଟଙ୍କା ମଞ୍ଜୁର ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ନାହିଁ। ଲଗାଣବର୍ଷା ଓ ଗୋବରୀ ବନ୍ୟାଜଳରେ ନାଗପୁରା ପାଟରେ ପାଣି ଜମି ରହିଛି। ପାଟରେ ଚଳିତବର୍ଷ ପାଇଁ ହୋଇଥିବା ଖରିଫ ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଛି। ଚାଷୀଙ୍କୁ ଚାଷ ଭରଣା ଆଶା ନ ଥିବା ବେଳେ ଋଣ ଶୁଝିବା ଚିନ୍ତା ଘାରିଛି।

ଏ ସମ୍ପର୍କରେ ଚାଷୀ ଜଗଦୀଶ ପତି, ଫକୀର ଚରଣ ଖଟୁଆ, ରମେଶ ଚନ୍ଦ୍ର ଦାସ, ହୃଷୀକେଶ ନାୟକ, ରାମଚନ୍ଦ୍ର ରାଉତ, ସୁନାକର ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁର ପଞ୍ଚାୟତରେ ନାଗପୁର ପାଟ। ୧୯୨ ଏକରରୁ ଉର୍ଦ୍ଧ୍ୱ ଏହି ପାଟର ପୂର୍ବ ଦିଗରେ ସାହସପୁର, ଫୋରଡ ଗ୍ରାମ ଥିବା ବେଳେ ଉତ୍ତର ଦିଗରେ ଗୋବରୀ ନଦୀ ପ୍ରବାହିତ



ନାଗପୁରା ପାଟର ଚାଷ ଜମି ପାଣିରେ ବୁଡି ରହିଛି।

ହେଉଛି। ଦକ୍ଷିଣ ଓ ପଶ୍ଚିମରେ ଦେପୁରା ଓ ନାଗପୁରା ଗ୍ରାମ ରହିଛି। ପାଟଟି ପାଇଁ ଏକ ଘେରିବନ୍ଧ ହୋଇଥିଲେ ମଧ୍ୟ ଗୋବରୀ ନଦୀ ସୀମାରେ କୌଣସି ବନ୍ଧ ନାହିଁ। ଗୋବରୀ ନଦୀ ଜଳରେ ଭରପୂର ହେଲେ ଏହି ପାଟରୁ ପାଣି ଜମିକୁ ମାଡୁଥିବା ବେଳେ ଦୀର୍ଘଦିନ ଧରି ନିଷ୍କାସନ ହୋଇପାରୁନାହିଁ। ଉଦ୍‌ବୃତ୍ତ ବନ୍ୟା ଓ ବର୍ଷାଜଳ ଚାଷ ପାଇଁ ବିପଦ ହୋଇଛି। ଏହାର ନିରାକରଣ ପାଇଁ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରାଯାଉଛି। ଏଥିସହ ଡ୍ରେନେଜ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଚଳିତବର୍ଷ ଏହି ପାଟରେ ଶତାଧିକ ଚାଷୀ ଖରିଫ ଧାନ ଚାଷ କରିଥିଲେ। ତେବେ ଲଗାଣବର୍ଷା ଓ ଗୋବରୀ ନଦୀର ଜଳ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଦୀର୍ଘଦିନ ଧରି ଧାନ ଗଛ ପାଣିରେ ବୁଡି ରହିବା ଯୋଗୁ ଏହା ପଚି ଯାଇଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ପାଟନାଳି ପ୍ରକଳ୍ପକୁ ଡ୍ରେନେଜ ବିଭାଗରୁ ମଞ୍ଜୁରୀ ମିଳିଥିବା ଶୁଣିବାକୁ ମିଳିଛି। ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ। ଜଳସେଚନ ଓ ନିଷ୍କାସନ ପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେଉନାହାନ୍ତି। ଚାଷୀ ଚାଷ କରିବା ପରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛନ୍ତି। ଏହାର ସମାଧାନ ନ ହେବା ଚାଷୀଙ୍କ ପାଇଁ କାଳ ହୋଇଛି। ଏବେ ଚାଷ ପାଇଁ ଆଣିଥିବା ଋଣ ଶୁଝିବା ଚିନ୍ତାରେ ଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଭ୍ରମରବର ସାମଲଙ୍କୁ ପଚାରିବାରେ ଏଠାରେ ପାଟନାଳି ପାଇଁ ୮୬ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ ମିଳିଛି। ଏହି ମଞ୍ଜୁରୀ ଗତ ମାର୍ଚ୍ଚରେ ମିଳିଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ବର୍ଷାଋତୁ ପରେ ଏହି ପାଟନାଳି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ବୈବର୍ତ୍ତ ହେଲେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ



ରାଜନଗର, ୨୨।୮(ସ୍ୱ.ପ୍ର.): ରାଜନଗର ବ୍ଲକର ଛାତ୍ରନେତା ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ବୈବର୍ତ୍ତ ନାରାୟଣ ବିଶ୍ୱାଳଙ୍କୁ ରାଜ୍ୟ ଛାତ୍ର ବିଜୁ ଜନତା ଦଳର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବୈବର୍ତ୍ତଙ୍କୁ ଏହି ନିଯୁକ୍ତି ମିଳିବା ପରେ ରାଜନଗରରେ ଖୁସି ପ୍ରକାଶ ପାଇଛି। ଏହି ନିଯୁକ୍ତି ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ବିଶ୍ୱାଳ କୃତଜ୍ଞତା ଜଣାଇବା ସହ ଛାତ୍ର ବିଜେଡିକୁ ଅଧିକ ସୁଦୃଢ କରିବାକୁ କାମ କରିବେ ବୋଲି କହିଛନ୍ତି। ବୈବର୍ତ୍ତଙ୍କୁ ଏହି ନିଯୁକ୍ତି ମିଳିବା ପରେ ବିଜେଡି ନେତା ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ମାଧବାନନ୍ଦ ରାଉତ, ରାଜେନ୍ଦ୍ର ପ୍ରସାଦ ରାଉତ, ମନୋଜ କୁମାର ରାଉତରାୟ, ଓସ୍ତିଆ ପଞ୍ଚାୟତର ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ଧୀରେନ ବିଶ୍ୱାଳ ଓ ଛାତ୍ରନେତା ମନୋଜ ମଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଗରଦପୁରରେ ମିଳିତ ଜନଶୁଣାଣିରେ ୧୧୩ ଅଭିଯୋଗ



ଶିବିରରେ ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟ ଅଧିକାରୀ।

ପାଟକୁରା,୨୨।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ସୋମବାର ଗରଦପୁର ବ୍ଲକ ସଭାଗୃହରେ ମିଳିତ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ୧୧୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୯୯ ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ଗୋଟିଏ ଅଭିଯୋଗ ସାମୂହିକ ବୋଲି ଜଣାପଡ଼ିଛି। ଜିଲାପାଳ ଅଭିଯୋଗଗୁଡ଼ିକର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣି ବେହେରା, ଉପଜିଲାପାଳ ନିରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ବେଡ଼ାରୀ ଗ୍ରାମର ନଗେନ ସ୍ୱାଇଁ ମିଶନ ଶକ୍ତି ଗୃହ ନିର୍ମାଣ କରିଥିଲେ ମଧ୍ୟ ବିଲ୍ ପାଇ ନ ଥିବା ଅଭିଯୋଗ କରିଥିଲେ। ଘର ପାଇବା ପାଇଁ ବାବୁଲି ମହାରାଜ, ଛବିମନ୍ୟୁ ହୋତା, କାଞ୍ଚନ ମଲିକ, ଗିରିଧାରୀ ପରିଡ଼ା, କିଶୋର ସେଠୀ, ନରେଶ ବେହେରା, ଧରଣୀଧର କର, ଶୈଳବାଳା ସାହୁ, ବ୍ରଜକିଶୋର ତ୍ରିପାଠୀ, ଆଲୋକ ନାୟକ, ବିକ୍ରମ ଦେବତା ପ୍ରମୁଖ ଅଭିଯୋଗ କରିଥିଲେ। ବ୍ଲକରେ ଅନେକ ହିତାଧିକାରୀ ରାଶନ କାର୍ଡ ଥିବା ସତ୍ତ୍ୱେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପାଇ ନ ଥିବା ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି ଅଭିଯୋଗ କରିଥିଲେ। ଗରଦପୁର ଗୀତାଞ୍ଜଳି ସାହୁଙ୍କ ସ୍ୱାମୀ ଦେବେନ୍ଦ୍ରେ ପାଣିରେ ବୁଡ଼ି ମରିଥିଲେ ମଧ୍ୟ ସେ ସହାୟତା ପାଇ ନ ଥିବା ଅଭିଯୋଗ କରିଥିଲେ। ବାସଗୃହ ଉପରୁ ୧୧ କେଭି ଲାଇନ୍ ଉଠାଇବାକୁ ନୂଆପଡ଼ାର ଭଜହରି ମହାପାତ୍ର ଓ କଳାବୁଦାର ବିଜ୍ଞାନୀ ସୁତାର ଅଭିଯୋଗ କରିଥିଲେ। ପ୍ରଶାନ୍ତ ମହାରଣା ମାହାଙ୍ଗାରେ ଗଜଲକ୍ଷ୍ମୀ ଘର ନିର୍ମାଣ କରି ବିଲ୍ ପାଇ ନ ଥିବା ଅଭିଯୋଗ କରିଥିଲେ। ଜିଲାର ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନୀତା ପଟ୍ଟନାୟକ, ତହସିଲଦାର ସନ୍ତୋଷ କୁମାର ସାହୁ, ଜିଲା କୃଷି ଅଧିକାରୀ ସୁଶାନ୍ତ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ମମତା ପରିଡା, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଶଙ୍କର୍ଷଣ ଜେନା, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶନୀ, ପାନୀୟ ଜଳ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ଜଳଖିଆ ଦୋକାନ

ଆଳି,୨୨।୮(ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ ଏରଡ଼ଙ୍ଗ ଗାଁରେ ଗ୍ୟାସ ସିଲିଣ୍ଡର ଫାଟି ଏକ ଜଳଖିଆ ଦୋକାନ କ୍ୟାବିନ ସୋମବାର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ସୂଚନା ମୁତାବକ ଗ୍ରାମର ବାବୁରାମ ନାୟକ ଗାଁରେ ଏକ କ୍ୟାବିନ ପକାଇ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ସବୁଦିନ ପରି ଅପରାହ୍ନରେ ସେ ଦୋକାନ ଖୋଲି ଜଳଖିଆ ତିଆରି ବେଳେ ଦୋକାନରେ ହଠାତ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘଟଣାସ୍ଥଳରେ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରୁଥିବା ବେଳେ ଦୋକାନରେ ଥିବା ସିଲିଣ୍ଡରଟି ଖୁବ୍ ଜୋରରେ ଶବ୍ଦ କରି ଫାଟିଥିଲା। ଫଳରେ ଲୋକମାନେ ଭୟଭୀତ ହୋଇ ସେଠାରୁ ପଳାଇଥିଲେ। ପରେ ଗ୍ରାମବାସୀ ଏହି ନିଆଁକୁ ଆୟତ କରିଥିଲେ। ଦୋକାନ ଜଳିଯିବା ପରେ ବାବୁରାମ ନିଜର ଜୀବିକା ହରାଇ ବସିଛନ୍ତି। ବାବୁରାମଙ୍କୁ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ତଥା ଦେସାହି ସମବାୟ ସମିତି ସଭାପତି ପୁରୁଷୋତ୍ତମ ପଲାଇ ଦାବି କରିଛନ୍ତି।



# ଯୋଗାଣ ମନ୍ତ୍ରୀଙ୍କ ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା



ବନ୍ୟା ସ୍ଥିତିର ସମୀକ୍ଷା ବୈଠକରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ, ୨୨।୮ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳରେ ପ୍ରବାହିତ ହେଉଥିବା ଲୁଣା, ଚିତ୍ରୋତ୍ପଳା, ପାଇକା, କରାଣ୍ଡିଆ ଆଦି ନଦୀର ବନ୍ୟା ଜଳ ହ୍ରାସ ପାଇବା ପରେ ହୋଇଥିବା କ୍ଷତିର ଆକଳନ ଓ ପୁନଃ ନିର୍ମାଣ କାର୍ଯ୍ୟର ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ମାର୍ଶାଘାଇ ଡାକବଙ୍ଗଳା ସଭାଗୃହରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟାସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରାଯାଇଛି। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ନଦୀବନ୍ଧ ଓ ଗ୍ରାମ୍ୟ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତ ପାଇଁ ମନ୍ତ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବନ୍ୟାଞ୍ଚଳରେ କୃଷି କ୍ଷୟକ୍ଷତିର ଆକଳନ, ସ୍ୱାସ୍ଥ୍ୟସେବା, ନିରନ୍ତର ବିଦ୍ୟୁତ ସେବା ଯୋଗାଣ ଉପରେ ମନ୍ତ୍ରୀ ନାୟକ ଗୁରୁତ୍ୱାରୋପ କରିଥିଲେ। ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା, ମହାକାଳପଡ଼ା ବିଡିଓ ଦେବାଶିଷ ରାଉତ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀ, ଜଳ ନିକାସ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବାଙ୍କବିହାରୀ ସାମଲ, ଜଳସମ୍ପଦ ବିଭାଗ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁ , ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ସରୋଜକାନ୍ତ ନାୟକ, ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଃଖବନ୍ଧୁ ପ୍ରଧାନ, ଜିଲା ବିଜେଡି କୃଷକ ସେଲ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅମୀୟ କୁମାର ଜେନା, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସାମାଜିକ କର୍ମୀ ଗଙ୍ଗାଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଡ୍‌ମିଶନ ଫି'କୁ ନେଇ ବଢୁଛି ଅସନ୍ତୋଷ

**କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**



କେନ୍ଦ୍ରାପଡ଼ା ଅଫିସ, ୨୨।୮

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ଆଡମିଶନ ଫି'କୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧକରି ଅଭିଭାବକ ଓ ଛାତ୍ରନେତାମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଛାତ୍ରନେତା ରାଜେଶ କୁମାର ପଣ୍ଡା, ପରମାନନ୍ଦ ମହାରଣା, ସତ୍ୟନାରାୟଣ ସେନାପତି ପ୍ରମୁଖ କହିଛନ୍ତି, ଚଳିତବର୍ଷ ଏହି ଆଡମିଶନ ଫି' ପୂର୍ବ ଶିକ୍ଷା ବର୍ଷଠାରୁ ପ୍ରାୟ ୭୦ ପ୍ରତିଶତ ବଢ଼ିଛି। ଯୁକ୍ତ ୨ କଳା ପ୍ରଥମ ବର୍ଷ ଆଡମିଶନ ପାଇଁ ୭,୬୫୯ ଟଙ୍କା ଚଳିତ ଶିକ୍ଷାବର୍ଷ ପାଇଁ ସ୍ଥିର ହୋଇଛି। ସେହିପରି ଗୋଟିଏ ବିଷୟ ପ୍ରାକ୍ଟିକାଲରେ ୭,୮୨୯ ଟଙ୍କା ଓ ଦୁଇଟି ବିଷୟ ପ୍ରାକ୍ଟିକାଲ ହେବାକୁ ଥିଲେ ୭,୯୯୯ ଟଙ୍କା ଧାର୍ଯ୍ୟ ହୋଇଛି। ଯୁକ୍ତ ୨ ବିଜ୍ଞାନ ବିଭାଗରେ ୩ଟି ପ୍ରାକ୍ଟିକାଲ ବିଷୟ ଥିଲେ ୧୦,୨୨୨ ଟଙ୍କା ଓ ୪ଟି ପ୍ରାକ୍ଟିକାଲ ବିଷୟରେ ୧୦,୩୯୨ ଟଙ୍କା ଆଡମିଶନ ପାଇଁ ଦେବାକୁ ପଡିବ। ସେହିପରି ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗ ପାଇଁ ୧୩,୨୨୨ ଟଙ୍କା, ଯୁକ୍ତ ୨ ବାଣିଜ୍ୟ ବିଭାଗ ପାଇଁ ୭,୬୭୯ ଟଙ୍କା, କଷ୍ଟ ଆକାଉଣ୍ଟିଂ ବିଷୟ ରହିଲେ ୮,୩୪୯ ଟଙ୍କା ଧାର୍ଯ୍ୟ ହୋଇଛି। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଭରା କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ସ୍ଥିତି ରାଜ୍ୟରେ ୨୭ତମ ସ୍ଥାନରେ ଅଛି। ଏ ନେଇ ଆପତ୍ତି ଅଭିଯୋଗ ହେଲେ କେତେକ ପଦବୀ ପାଇଁ ଅସ୍ଥାୟୀ ଅଧ୍ୟାପକ ରଖାଯାଉଥିବା ଦର୍ଶାଇ ଏପରି ଫି' ବୃଦ୍ଧି ହୋଇଥିବା ଶୁଣିବାକୁ ମିଳୁଛି। ଆଡମିଶନ ଫି' ସରକାରୀ ଧାର୍ଯ୍ୟ ଟଙ୍କା ମଧ୍ୟରେ ନ ରହିଲେ ଆନ୍ଦୋଳନ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଆଡମିଶନ ଫି ବୃଦ୍ଧିକୁ ନେଇ ହୋଇଥିବା ଅସନ୍ତୋଷ ସମ୍ପର୍କରେ ଜାଣିଛି। ପରିଚାଳନା କମିଟି ସହ ଆଲୋଚନା ପାଇଁ ପ୍ରକ୍ରିୟା ଜାରି ରହିଛି। ସକାରାତ୍ମକ ଆଭିମୁଖ୍ୟ ରହିଲେ ଏହା ଶିକ୍ଷାର୍ଥୀଙ୍କୁ ସୁହାଇଲା ପରି ଟଙ୍କା ଧାର୍ଯ୍ୟ ହେବ।

### ଗ୍ରାମ୍ୟ ବ୍ୟାୟାମଶାଳା, ଯୋଗ ଅଭ୍ୟାସ କେନ୍ଦ୍ର ଉଦ୍‌ଘାଟିତ

ଆଳି,୨୨।୮(ଡି.ଏନ.ଏ.)

ଆଳି ବ୍ଲକ ମହୁ ପଞ୍ଚାୟତରେ ଗ୍ରାମ୍ୟ ବ୍ୟାୟାମ ଶାଳା ଓ ଯୋଗ ଅଭ୍ୟାସ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ମହେଶ୍ୱର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଦ୍ୱିବେନ୍ଦୁ ଦାସ ଯୋଗଦେଇ ଏହି ବ୍ୟାୟାମ ଶାଳାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଦାସ କହିଛନ୍ତି, ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ବ୍ୟାୟାମଶାଳା କରିବାକୁ ଯୋଜନା ରଖିଛନ୍ତି। ପଞ୍ଚାୟତର ସବୁବର୍ଗର ବ୍ୟକ୍ତି ବ୍ୟାୟାମଶାଳାର ସୁଫଳ ପାଇପାରିବେ। ଯୋଗ ଓ ବ୍ୟାୟାମ ଦ୍ୱାରା ସମସ୍ତେ ସୁସ୍ଥ ରହିପାରିବେ ବୋଲି ଦାସ କହିଛନ୍ତି। ଏଥିରେ ପଞ୍ଚାୟତ ସମିତି ସଭ୍ୟା ପ୍ରତିନିଧି ଭରତ ଦାସ, ବାନାମ୍ବର ଦାସ, ବାସୁଦେବ କର, ପୂର୍ଣ୍ଣଚନ୍ଦ୍ର କର, ପୀତାମ୍ବର ପାତ୍ର, ସୁଧାକର ପରିଡା, ବିରଞ୍ଚି ନାରାୟଣ ରାଉତ, କଳ୍ପତରୁ ତ୍ରିପାଠୀ, ଅକ୍ଷୟ ଭୂୟାଁ, ମାଧବାନନ୍ଦ ଜେନା, ସୁଶାନ୍ତ ସାହୁ, କୈଳାସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁଣ୍ଡ ପରିଚାଳନା କରିଥିଲେ।



# ଆମ ସ୍କୁଲ ଆମକୁ ଫେରେଇଦିଅ

**ଗୟାଶପୁର ବିଦ୍ୟାଳୟ ବନ୍ଦକୁ ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ**




ଓରତ-ଅଙ୍ଗୁଳଇ କେନ୍ଦ୍ରାପଡା ମୁଖ୍ୟ ରାସ୍ତା ଉପରେ ଛାତ୍ରୀଛାତ୍ର, ମହିଳା ଓ ଗ୍ରାମବାସୀ।

ମହାକାଳପଡ଼ା,୨୨।୮(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାଜଗଡ଼ ପଞ୍ଚାୟତ ସର୍ବପୁରାତନ ଗୟାଶପୁର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ସଂଖ୍ୟା ୪୦ରୁ କମ। ଏଥିପାଇଁ ଶିକ୍ଷା ବିଭାଗ ଉକ୍ତ ବିଦ୍ୟାଳୟକୁ ୨୦୨୦ରୁ ବନ୍ଦ କରିଥିଲେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା କହିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଗ୍ରାମର ୫୦ରୁ ଅଧିକ ପିଲା ନିକଟ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟକୁ ପଢିବାକୁ ଯାଉଥିଲେ। ସେଠାରେ ପରିବେଶ ଠିକ୍ ଠାକ୍ ନ ଥିବାରୁ ପିଲାମାନଙ୍କ ପାଠ ପଢିବା ପାଇଁ ଉଚିତ ମଣି ନ ଥିଲେ। ଗ୍ରାମବାସୀ, ଅଭିଭାବକ, ଛାତ୍ରୀଛାତ୍ର, ମହିଳାମାନେ ମିଳିତ ହୋଇ ସୋମବାର ହାତରେ ପ୍ଲା କାର୍ଡ ଧରି ଆମ ସ୍କୁଲକୁ ଆମକୁ ଫେରେଇ ଦିଅ ବୋଲି ସ୍ଲୋଗାନ ଦେବା ସହ ଓରତ-ଅଙ୍ଗୁଳଇ କେନ୍ଦ୍ରାପଡ଼ା ମୁଖ୍ୟ ରାସ୍ତାରୋକୋ କରି ବିକ୍ଷୋପ ପ୍ରଦର୍ଶନ କରି ଥିଲେ। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ମହାକାଳପଡ଼ା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଓ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାକାଳପଡ଼ା ଅତିରିକ୍ତ ତହସିଲଦାର ଗଗନ କୁମାର ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଣୀ ସୁରମା ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ବେହେରା ପ୍ରମୁଖ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ୭ ଦିନ ମଧ୍ୟରେ ବିଦ୍ୟାଳୟ ବନ୍ଦ ହେବା ସମ୍ପର୍କରେ ତଦନ୍ତ କରାଯିବ ବୋଲି ଉପସ୍ଥିତ ଶିକ୍ଷା ଅଧିକାରୀମାନେ କହିଥିଲେ। ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ବିଦ୍ୟାଳୟଟି ୧୮୮୫ ମସିହାରେ ପ୍ରତିଷ୍ଠା କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି।

## ଇମ୍ରାନଙ୍କୁ ଆଗୁଆ ଜାମିନ

ବରିଷ୍ଠ ପୋଲିସ ଅଧିକାରୀ, ଜଣେ ମହିଳା ବିଚାରପତିଙ୍କୁ ଖୋଲାଖୋଲି ଧମକ ଦେବା ସହ ସରକାରୀ ପ୍ରତିଷ୍ଠାନ ବିରୋଧରେ ମନ୍ତବ୍ୟ ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଆତଙ୍କବାଦୀ କାର୍ଯ୍ୟକଳାପ ନିରୋଧୀ ଆଇନରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେ କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରାଯିବା ଆଶଙ୍କା ଥିବାବେଳେ ସୋମବାର ସେ ଇସ୍‌ଲାମାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଗିରଫଦାରୀରୁ ମୁକ୍ତି ଦେବା ପାଇଁ ୨୫ ତାରିଖ ପର୍ଯ୍ୟନ୍ତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଜେଏନ୍‌ୟୁରେ ଛାତ୍ର-ସୁରକ୍ଷା କର୍ମୀ ସଂଘର୍ଷ

### ଏବିଭିପି ସଭାପତିଙ୍କ ସମେତ ୧୨ ଆହତ

ନୂଆଦିଲ୍ଲୀ,୨୨।୮: ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କ୍ୟାମ୍ପସ୍‌ରେ ସୋମବାର ବିକ୍ଷୋଭରତ ଛାତ୍ରଙ୍କୁ ସୁରକ୍ଷା କର୍ମୀ ମାଡ଼ ମାରିବାରୁ ଏବିଭିପି ସଭାପତି ଓ ଜଣେ ଦୃଷ୍ଟିଶକ୍ତି ହରାଇଥିବା ଛାତ୍ରଙ୍କ ସମେତ ୧୨ ଜଣ ଆହତ ହୋଇଛନ୍ତି। ବର୍ଷେ ହେଲା ଛାତ୍ରବୃତ୍ତି ଓ ଫେଲୋଶିପ୍ ପାଇ ନ ଥିବାରୁ ତୁରନ୍ତ ତାହା ପୈଠ କରାଯିବାକୁ ଦାବି କରି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ସେମାନେ ପ୍ରଶାସନିକ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିକ୍ଷୋଭକାରୀ ଛାତ୍ରୀଙ୍କୁ ମାଡ଼ ମାରିବା ଲାଗି ପ୍ରଶାସନ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିବା ଏବିଭିପି ସଭାପତି ରୋହିତ କୁମାର ଅଭିଯୋଗ କରିଛନ୍ତି।

### ଦୁର୍ନୀତି ମାମଲାରେ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଗିରଫ



ଚଣ୍ଡିଗଡ଼,୨୨।୮: ଏକ ଦୁର୍ନୀତି ମାମଲାରେ ଭିଜିଲାନ୍ସ ବ୍ୟୁରୋ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଭରତ ଭୂଷଣ ଆଶୁଙ୍କୁ ଗିରଫ କରିଛି। ଭରତ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଥିବାବେଳେ ଜାଲ୍ ରେଜିଷ୍ଟ୍ରେଶନ ନମ୍ବର ଥିବା ଗାଡ଼ିଗୁଡ଼ିକୁ ଖାଦ୍ୟଶସ୍ୟ ପରିବହନ ଲାଗି ଟେଣ୍ଡରକୁ ମଞ୍ଜୁରୀ ଦେଇଥିଲେ। ଅନ୍ୟପକ୍ଷରେ ପଞ୍ଜାବର ଏଏପି ସରକାର ରାଜନୈତିକ ଷଡ଼ଯନ୍ତ୍ର ପାଇଁ ଭିଜିଲାନ୍ସ ବ୍ୟୁରୋର ଅପବ୍ୟବହାର କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି।

### ସଙ୍ଗୀତ କାର୍ଯ୍ୟକ୍ରମ ବେଳେ ସଂଘର୍ଷ: ୭୦ ଆହତ

କୋଝିକୋଡ୍,୨୨।୮: କେରଳର କୋଝିକୋଡ୍ ବେଳାଭୂମିରେ ରବିବାର ରାତିରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ସଂଘର୍ଷ ଘଟି ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପାଣି ସଂଗ୍ରହ ଲାଗି ଜେଡିଟି ଇସ୍‌ଲାମ କଲେଜର ଏକ ବିଭାଗ ପକ୍ଷରୁ ସଙ୍ଗୀତ ଆସରର ଆୟୋଜନ କରାଯାଇଥିଲା। ସେଠାରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ଉପସ୍ଥିତ ଛାତ୍ରମାନେ ପୋଲିସ ଉପରକୁ ଟେକା ଓ ବାଲି ଫିଙ୍ଗିଥିଲେ। ଫଳରେ ପୋଲିସ ଉତ୍ତ୍ୟକ୍ତ ଲୋକ ଓ ଛାତ୍ରମାନଙ୍କୁ ଘଉଡ଼ାଇବାକୁ ଯାଇ ଲାଠିଚାଳନା କରିଥିଲା। ଆହତ ପୋଲିସ ଅଧିକାରୀ, ଛାତ୍ର ଓ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଜିଲାପାଳଙ୍କ ଚଷମା ଛଡ଼ାଇନେଲା ମାଙ୍କଡ଼

ମଥୁରା,୨୨।୮: ତୀର୍ଥକ୍ଷେତ୍ର ସହର ମଥୁରା ଓ ବୃନ୍ଦାବନରେ ମାଙ୍କଡ଼ମାନେ ପର୍ଯ୍ୟଟକଙ୍କୁ ହଇରାଣ କରିବା ସହ ସେମାନଙ୍କଠାରୁ ବିଭିନ୍ନ ଜିନିଷ ଝାମ୍ପିନେଇଥାନ୍ତି। ସେମାନଙ୍କୁ ଫଳ କିମ୍ବା ଫ୍ରୁଟ୍ ଡ୍ରିଙ୍କ୍ ଦେବା ପରେ ସେମାନେ ଜିନିଷ ଫେରାଇଥାନ୍ତି। ବୃନ୍ଦାବନରେ ଏକ ମାଙ୍କଡ଼ ମଥୁରା ଜିଲାପାଳ ନବୀନ ଚହଲଙ୍କ ଚଷମା ନେଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହୋଇଛି। ଜିଲାପାଳଙ୍କ ଚଷମା ଫେରାଇଦେବା ଲାଗି କେତେଜଣ ପୋଲିସ କର୍ମଚାରୀ ମାଙ୍କଡ଼ମାନଙ୍କୁ ଲାଞ୍ଚ ଯାଚିବା ପରେ ସେ ତାହା ଫେରାଇଦେଇଛି।

## ସ୍ୱାମୀ ହତ୍ୟା ପାଇଁ ସୁପାରି ଦେଇଥିଲେ ସ୍ତ୍ରୀ

# କେଚ୍‌ଅପ୍‌କୁ ରକ୍ତ କହି ଫଟୋ ପଠାଇଲେ କିଲର

ବେଙ୍ଗାଲୁରୁ, ୨୨।୮

କର୍ନାଟକରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ସୁପାରି ଦେଲେ। ସୁପାରିକିଲର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପହରଣ ମଧ୍ୟ କଲେ। ହେଲେ ହତ୍ୟା କରିବାକୁ ସେମାନଙ୍କ ସାହସ ହେଲାନି। ପରେ ଯୁବକଙ୍କ ଦେହସାରା କେଚ୍‌ଅପ୍(ଟମାଟୋ ସସ୍) ଢାଳି ତାହାକୁ ରକ୍ତ ବୋଲି କହି ମହିଳାଙ୍କ ନିକଟକୁ ସୁପାରି କିଲର ଫଟୋ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ଜଣାପଡ଼ିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ୨୬ ବର୍ଷୀୟା ଅନୁପଲ୍ଲବୀ ନବୀନ କୁମାରଙ୍କୁ ବିବାହ କରି ତାଙ୍କ ସହ ଦୋଡାବିଦାରକଲୁରେ ରହୁଥିଲେ। ହିମବନ୍ତ କୁମାର ନାମକ ଆଉ ଜଣେ ଯୁବକଙ୍କ ସହ ଅନୁପଲ୍ଲବୀଙ୍କ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ନବୀନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ନବୀନଙ୍କୁ ହତ୍ୟା କରିବାକୁ ହରିଶ, ନାଗାରାଜୁ ଏବଂ ମୁଗିଲାନ୍‌ଙ୍କୁ ସୁପାରି ଦେଇଥିଲେ। ୨ ଲକ୍ଷ ଟଙ୍କାରେ ଏହି ଡିଲ୍ ହୋଇଥିଲା। ସୁପାରି କିଲର ଅଗ୍ରିମ ୯୦ ହଜାର ଟଙ୍କା ନେଇଥିଲେ। ଜୁଲାଇ ୨୩ରେ ଅଭିଯୁକ୍ତମାନେ ନବୀନଙ୍କୁ ଅପହରଣ କରି ତାମିଲନାଡୁ ନେଇଯାଇଥିଲେ, କିନ୍ତୁ ହତ୍ୟା କରିବା ପାଇଁ ସେମାନେ ଡରିଥିଲେ। ପରେ ୩ ସୁପାରିକିଲର ନବୀନଙ୍କ ସହ ବନ୍ଧୁତା କରି ସେଠାରେ ପାର୍ଟି କରିଥିଲେ। ଅନୁପଲ୍ଲବୀଙ୍କ ଫୋନ୍ ଆସିବାରୁ ସେମାନେ ନବୀନଙ୍କ ଦେହସାରା କେଚ୍‌ଅପ୍ ଢାଳି ଦେଇଥିଲେ। ଏହାକୁ ରକ୍ତ ବୋଲି କହିବା ସହ ସେମାନେ ନବୀନଙ୍କୁ ମୃତ ଦର୍ଶାଇ ଅନୁପଲ୍ଲବୀଙ୍କ ନିକଟକୁ ଫଟୋ ପଠାଇଥିଲେ। ଏହି ଫଟୋକୁ ହିମବନ୍ତ ସତ ଭାବିଥିଲେ। ତେଣୁ ଧରାପଡ଼ିବା ଭୟରେ ହିମବନ୍ତ ଆତ୍ମହତ୍ୟା କରିଦେଇଥିଲେ। ସେପଟେ ନବୀନଙ୍କ ପରିବାର ପକ୍ଷରୁ ଅଗଷ୍ଟ ୨ରେ ନିଖୋଜ ଏତଲା ଦିଆଯାଇଥିଲା। ହେଲେ ନବୀନ ଅଗଷ୍ଟ ୬ରେ ଘରକୁ ଫେରି ସବୁ ଘଟଣା ବଖାଣିଥିଲେ। ଏଥିରେ ଅନୁପଲ୍ଲବୀଙ୍କ ମା' ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଉଭୟ ମା' ଝିଅଙ୍କ ସମେତ ୩ ସୁପାରି କିଲରଙ୍କୁ ଗିରଫ କରାଯାଇଛି।

### ଧରାପଡ଼ିବା ଭୟରେ ଆତ୍ମହତ୍ୟା କଲେ ମହିଳାଙ୍କ ପ୍ରେମିକ



## ତାଇୱାନରେ ଆମେରିକୀୟ ଗଭର୍ନର

ତାଇପେଇ, ୨୨।୮

ନିକଟରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ହାଇପ୍ରୋଫାଇଲ ତାଇୱାନ ଗସ୍ତ ପରେ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଥମି ନ ଥିବାବେଳେ ଇଣ୍ଡିଆନା ପ୍ରଦେଶର ଗଭର୍ନର ରବିବାର ସନ୍ଧ୍ୟାରେ ତାଇପେଇରେ ପହଞ୍ଚିଛନ୍ତି। ତାଇୱାନରେ ଏରିକ୍ ହୋଲକମ୍ବ୍‌ଙ୍କ ୪ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ସେ ସେମିକଣ୍ଡକ୍ଟର ଆମଦାନୀ ଉପରେ ତାଇୱାନ ସରକାରଙ୍କ ସହ ଆଲୋଚନା କରିବେ। ସେ ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ସମେତ ସେମିକଣ୍ଡକ୍ଟର ଶିଳ୍ପର ପ୍ରମୁଖ ପ୍ରତିନିଧିମାନଙ୍କୁ ଭେଟିବେ।

# ଅଟକିଯାଇଛି ୟୁକ୍ରେନୀୟଙ୍କ ସମୟ

- ରୁଷିଆ ଆକ୍ରମଣକୁ ୬ ମାସ
- ଅନିଶ୍ଚିତତାରେ ସମାଧାନ
- କିଭ୍‌ରେ ସ୍ୱାଧୀନତା ଦିବସ ରାଲି ବନ୍ଦ

କିଭ୍, ୨୨।୮



ୟୁକ୍ରେନ୍‌ର ଏକ ମୁକ୍ତାକାଶ ସାମରିକ ସଂଗ୍ରହାଳୟରେ ଧ୍ୱସ୍ତବିଧ୍ୱସ୍ତ ରୁଷୀୟ ଟ୍ୟାଙ୍କ ଉପରେ ଜଣେ ଝିଅ ଠିଆ ହୋଇଛନ୍ତି।

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣକୁ ୧୮୦ ଦିନ ବିତିଗଲାଣି। ହେଲେ ୟୁକ୍ରେନୀୟଙ୍କ ପାଇଁ ଏହି ୬ ମାସ ଯେପରି କେଉଁଠି ଅଟକିଯାଇଛି। ମାତ୍ର ୫ ମାସର ଶିଶୁକୁ ଧରି ପଡ଼ୋଶୀ ପୋଲାଣ୍ଡକୁ ଗତ ମାର୍ଚ୍ଚରେ ପଳାୟନ କରିଥିବା ୟୁକ୍ରେନୀୟ ମହିଳା ତାଇସିଆ ମୋକ୍ରୋଜୁବ୍ ଭାବିଥିଲେ ଅତିବେଶୀରେ ମେ' ସୁଦ୍ଧା ଯୁଦ୍ଧ ସରିଥିବ। ସେ ପୁଣି ଘରକୁ ଫେରିଆସିବେ। ହେଲେ ଇତିମଧ୍ୟରେ ତାଙ୍କ ଶିଶୁକୁ ୧୧ ମାସ ପୂରିଥିଲେ ବି ରୁଷିଆର ଆକ୍ରମଣ ଜାରି ରହିଛି। ଏବେ ବି ସେ ସ୍ୱାମୀ, ପରିବାରଠାରୁ ଦୂରରେ। ନା ସରିଛି ଯୁଦ୍ଧ ନା ପୂରଣ ହୋଇଛି ତାଙ୍କ ଆଶା। ଯୁଦ୍ଧ ଅନ୍ତ ହେବାର କୌଣସି ରାସ୍ତା ଫିଟିପାରି ନ ଥିବାରୁ ଏହା ଆଗକୁ କେତେଦିନ ଧରି ଚାଲିବ ତାହା ମଧ୍ୟ ଅନିଶ୍ଚିତତାରେ। ଏହି କାହାଣୀ କେବଳ ଜଣକର ନୁହେଁ। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଅନ୍ୟ ଦେଶକୁ ଜୀବନ ରକ୍ଷା ପାଇଁ ପଳାୟନ କରିଥିବା କୋଟିଏରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ଏବେ ଅନିଶ୍ଚିତତା ଭିତରେ ଜୀବନ କାଟୁଛନ୍ତି।

ଅପରପକ୍ଷେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଥମିବା ପରିବର୍ତ୍ତେ ଆହୁରି ଭୟଙ୍କର ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଆସନ୍ତା ୨୪ ତାରିଖରେ ୟୁକ୍ରେନ୍ ଏହାର ୩୧ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଥିବାବେଳେ ମସ୍କୋ ବଡ଼ଧରଣର ଆକ୍ରମଣ ଯୋଜନା କରିଥିବା ଆଶଙ୍କା କରାଯାଇଛି। ତେଣୁ ସମସ୍ତ ୟୁକ୍ରେନୀୟ ସତର୍କ ରହିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପରାମର୍ଶ ଦେଇଛନ୍ତି। ରାଜଧାନୀ କିଭ୍‌କୁ ରୁଷିଆ ଟାର୍ଗେଟ କରିପାରେ ବୋଲି କୁହାଯାଉଥିବାରୁ ଗୁରୁବାର ପର୍ଯ୍ୟନ୍ତ ସ୍ୱାଧୀନତା ଦିବସ ରାଲି ଉପରେ କଟକଣା ଲଗାଯାଇଛି। ଖର୍କିଭରେ କର୍ଫ୍ୟୁ ଜାରି ହୋଇଛି। ଦକ୍ଷିଣ ୟୁକ୍ରେନ୍‌ର କେତେକ ସହର ଉପରେ ରୁଷିଆ ମିଶାଇଲ, ରକେଟ୍ ମାଡ଼ ଜାରି ରଖିଛି। ଜାପୋରିଜିଝିଆ ନ୍ୟୁକ୍ଲିୟର ପ୍ଲାଣ୍ଟ ନିକଟରେ ମସ୍କୋ ବାରମ୍ବାର ଆକ୍ରମଣ କରୁଥିବାରୁ କୌଣସି ବଡ଼ ଧରଣର ଅଘଟଣ ଘଟିପାରେ ବୋଲି କିଭ୍ ଆଶଙ୍କା ବ୍ୟକ୍ତ କରିଛି। ଏହାର ମୁକାବିଲା ପାଇଁ କିଭ୍ ନିଜକୁ ପ୍ରସ୍ତୁତ କରୁଛି।

## ୟୁକ୍ରେନ୍ ସହରକୁ ରୁଷିଆରେ ମିଶ୍ରଣ ଯୋଜନା

ମସ୍କୋ, ୨୨।୮

ଡୋନେସ୍କ, ଲୁହନ୍‌ସ୍କ ସମେତ ପୂର୍ବ ଓ ଦକ୍ଷିଣ ୟୁକ୍ରେନ୍‌ର କେତେକ ସହର ତଥା ଅଞ୍ଚଳକୁ ରୁଷିଆ ନିଜ ସହ ମିଶାଇବାକୁ ଯୋଜନା କରୁଛି। ଶୀଘ୍ର ସେହି ଅଞ୍ଚଳଗୁଡ଼ିକରେ ଗଣଭୋଟ ହେବ ବୋଲି ରୁଷିଆର ଜାତୀୟ ଟିଭି ଚ୍ୟାନେଲରେ ରିପୋର୍ଟ ପ୍ରକାଶ ପାଇଛି। ଦକ୍ଷିଣ ୟୁକ୍ରେନ୍‌ର ଖେରସନ୍, ଜାପୋରିଜିଝିଆ ସମେତ ପୂର୍ବ ଭାଗକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିବାକୁ ରୁଷିଆ ଲାଗିଛି। ତେବେ ମସ୍କୋ କବ୍‌ଜାରେ ଥିବା ସ୍ଥାନରେ ଅନେକ ଚ୍ୟାଲେଞ୍ଜ ରହିଛି। ଶୀତଋତୁ ପାଖେଇ ଆସୁଥିବାରୁ ସେଠାରେ ଭିତ୍ତିଭୂମି ନିର୍ମାଣ, ଆତ୍ମରକ୍ଷା ଉଦ୍ୟମ କରୁଥିବା କିଭ୍ ସେନା ଆକ୍ରମଣରୁ ବର୍ତ୍ତିବା ଆଦି ରୁଷିଆ ପାଇଁ କଷ୍ଟକର ହେବ। ରୁଷିଆ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍‌ର ସହରଗୁଡ଼ିକ ଉପରେ କବ୍‌ଜା ଦୀର୍ଘଦିନ ପାଇଁ ସ୍ଥାୟୀ ହୋଇ ନ ପାରେ ବୋଲି ବିଶେଷଜ୍ଞଙ୍କ ମତ। ସେଠାରେ ଆଗକୁ ପ୍ରତିବାଦ ଦେଖିବାକୁ ମିଳିବ, ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବ, ସେଲିଂ, ମୋର୍ଟାର ମାଡ଼ ଆଦି ଜାରି ରହିବ। ତେଣୁ ଗଣଭୋଟରେ ରୁଷିଆ ସଫଳ ହେଲେ ବି ତାହା ମସ୍କୋ ପାଇଁ ବଡ଼ ମୁଣ୍ଡବଥାର କାରଣ ହେବ। ଅପରପକ୍ଷେ ରୁଷିଆ ଦ୍ରୁତ ଭିତ୍ତିରେ ନିଜ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍ ସହରର ବାସିନ୍ଦାଙ୍କୁ ନାଗରିକତ୍ୱ ପ୍ରଦାନ କରୁଛି। ଖେରସନ୍ ଏବଂ ଜାପୋରିଜିଝିଆରେ ରୁଷିଆ ଯାନବାହନ ପାଇଁ ଉଦ୍ଦିଷ୍ଟ ନମ୍ବର ପ୍ଲେଟ୍ କାର୍ ମାଲିକମାନଙ୍କୁ ଦିଆଯାଇଥିବା ଦେଖିବାକୁ ମିଳିଛି। ଏ ସବୁରେ ମସ୍କୋ ସଫଳ ହେଲେ ସମୁଦ୍ର କୂଳବର୍ତ୍ତୀ ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ୟୁକ୍ରେନ୍ ହରାଇବ।

## 'ଶାନ୍ତି ଚୁକ୍ତିରୁ ଦୂରେଇଛି କିଭ୍'



ଗେନାଡ ଗଟିଲୋଭ୍

କୂଟନୈତିକ ରାସ୍ତାରେ ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟିବା ନେଇ ରୁଷିଆ ଆଶା କରୁନାହିଁ। ଫଳରେ ଏହା ଭବିଷ୍ୟତରେ ଆହୁରି ଲମ୍ବିବା ଆଶଙ୍କା ଉପୁଜିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ଆଲୋଚନା ହୋଇପାରିବ ନାହିଁ ବୋଲି ଜାତିସଂଘରେ ସ୍ଥାୟୀ ପ୍ରତିନିଧି ଥିବା ରୁଷୀୟ କୂଟନୀତିଜ୍ଞ ଗେନାଡ ଗଟିଲୋଭ୍ କହିଛନ୍ତି। ଗତ ଏପ୍ରିଲରେ ମସ୍କୋ ଏବଂ କିଭ୍ କୌଣସି ସମାଧାନର ବାଟ ବାହାରକରିବାର ଅତି ନିକଟତର ହୋଇଥିଲେ। କିନ୍ତୁ ଆମେରିକା ଏବଂ ନାଟୋ ସହଯୋଗୀଙ୍କ କଥାରେ ୟୁକ୍ରେନ୍ ନିଜକୁ ଏଥିରୁ ଦୂରେଇ ରଖିଛି। ତେଣୁ ଆଗକୁ କୌଣସି କୂଟନୈତିକ ଆଲୋଚନାର ସମ୍ଭାବନା ଦେଖାଯାଉନାହିଁ ବୋଲି ସେ କହିଛନ୍ତି।

## ୧୮ ମାସରେ ଫେରିଲେଣି ୧,୫୦୦ ପାକ୍ ହିନ୍ଦୁ

### ମିଳୁନି ଭାରତୀୟ ନାଗରିକତ୍ୱ

ଜୟସାଲମେର,୨୨।୮

ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କ୍ଷେତ୍ରରେ ସରକାରଙ୍କ କଡ଼ା ନିୟମ କାନୁନ ଯୋଗୁ ବହୁସଂଖ୍ୟାରେ ପାକିସ୍ତାନୀ ହିନ୍ଦୁ ସେମାନଙ୍କ ଦେଶକୁ ଫେରିଗଲେଣି। ପାକିସ୍ତାନରେ ଅତ୍ୟାଚାର ସହି ନ ପାରି ଏହି ହିନ୍ଦୁ ପରିବାରଗୁଡ଼ିକ ଭାରତ ଚାଲିଆସିଥିଲେ। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ମଧ୍ୟରେ ସେମାନଙ୍କ ମଧ୍ୟରୁ ୩୩୪ ଜଣ ଶରଣାର୍ଥୀ ପାକିସ୍ତାନ ଫେରିଯାଇଛନ୍ତି। ୨୦୨୧ରୁ ଇତିମଧ୍ୟରେ ପ୍ରାୟ ୧,୫୦୦ ପାକିସ୍ତାନୀ ହିନ୍ଦୁ ଫେରିଯାଇଥିବା ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋହଳ ବ୍ୟବସ୍ଥା ଯୋଗୁ ହିନ୍ଦୁ ଶରଣାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାରତୀୟ ନାଗରିକତ୍ୱ ପାଇବା ନିମନ୍ତେ ଆବଶ୍ୟକ ଅନୁଷଙ୍ଗିକତା ପୂରଣ ଲାଗି ଅଧିକାଂଶ ହିନ୍ଦୁ ଶରଣାର୍ଥୀଙ୍କ ପାଖରେ ଟଙ୍କା ବା ସମ୍ବଳ ନାହିଁ। ତେଣୁ ସେମାନେ ପାକିସ୍ତାନ ଫେରିଯିବାକୁ ବାଧ୍ୟ ହେଉଥିବା ସୀମାନ୍ତ ଲୋକ ସଂଗଠନର ସଭାପତି ହିନ୍ଦୁ ସିଂ ସୋଧା କହିଛନ୍ତି। ଏଠାରେ ୧୦ରୁ ୧୫ ବର୍ଷ ହେଲା ରହିଥିବା ପ୍ରାୟ ୨୫,୦୦୦ ପାକିସ୍ତାନୀ ହିନ୍ଦୁ ଭାରତୀୟ ନାଗରିକତ୍ୱ ଚାହାନ୍ତି। ୨୦୦୪ ଓ ୨୦୦୫ରେ କ୍ୟାମ୍ପ କରାଯାଇ ପ୍ରାୟ ୧୩,୦୦୦ ପାକିସ୍ତାନୀ ହିନ୍ଦୁଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଇଥିଲା।

## ତ୍ରିରଙ୍ଗା ଧରିଥିବା ନିଯୁକ୍ତି ଆଶାୟୀଙ୍କୁ ଅତିରିକ୍ତ ଜିଲାପାଳଙ୍କ ମାଡ଼



ପାଟନା,୨୨।୮ : ବିହାରରେ ଶିକ୍ଷକ ନିଯୁକ୍ତି ବିଳମ୍ବକୁ ନେଇ ଶହ ଶହ ଆଶାୟୀ ସୋମବାର ପାଟନାରେ ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। ଏପରିକି ଜାତୀୟ ପତାକା ଧରିଥିବା ଜଣେ ନିଯୁକ୍ତି ଆଶାୟୀ ତଳେ ପଡ଼ିଯାଇଥିବାବେଳେ ତାଙ୍କୁ ପାଟନା ଅତିରିକ୍ତ ଜିଲାପାଳ କେ.କେ. ସିଂ ଲାଠିରେ ପିଟୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ପାଟନା ଜିଲାପାଳ ଚନ୍ଦ୍ରଶେଖର ସିଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି। ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗୋଟିଏ ଗୋଷ୍ଠୀ ପ୍ରାର୍ଥୀ ତୁରନ୍ତ ନିଯୁକ୍ତି ଦାବିରେ ରାଲିରେ ବାହାରିଥିବାବେଳେ ଡାକବଙ୍ଗଳା ଛକ ନିକଟରେ ଜନ ଅଧିକାର ପାର୍ଟିର କର୍ମୀମାନେ ସେମାନଙ୍କ ସହ ମିଶି ରାଜଭବନ ଅଭିମୁଖେ ଅଗ୍ରସର ହେବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଏତେସଂଖ୍ୟାରେ ଲୋକଙ୍କୁ ରାଜଭବନ ଆଡ଼େ ଯିବାକୁ ଦିଆ ନ ଯାଇ ସେମାନଙ୍କର ଏକ ୫ ଜଣିଆ ପ୍ରତିନିଧି ଦଳ ପଠାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ସମୟରେ ଉପଜିଲାପାଳ ଲାଠିରେ ଜଣେ ପ୍ରାର୍ଥୀଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ହେବା ପରେ ଉତ୍ତେଜନା ଦେଖାଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା ଓ ପାଣିମାଡ଼ କରିଥିଲା।

## ବିପଦରେ ଜମ୍ମୁ-କଶ୍ମୀରର ପରିଚୟ: ଫାରୁକ୍

ଶ୍ରୀନଗର,୨୨।୮(ପି.ଟି.)



- ଭୋଟର ତାଲିକାରେ ବାହାର ଲୋକଙ୍କୁ ସାମିଲ ହେବାକୁ ଦିଆଯିବ ନାହିଁ
- କେନ୍ଦ୍ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ପାଇଁ ବିଭିନ୍ନ ଦଳର ପ୍ରତିଜ୍ଞା

ଜମ୍ମୁ-କଶ୍ମୀର ଭୋଟର ତାଲିକାରେ ବାହାର ଲୋକଙ୍କୁ ସାମିଲ କରିବା ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ଏହାକୁ ସବୁ ପ୍ରକାରେ ବିରୋଧ କରାଯିବା ସହ କୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ସୋମବାର କହିଛନ୍ତି। ୯ଟି ଦଳର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାହାର ଲୋକଙ୍କୁ ଜମ୍ମୁ-କଶ୍ମୀରରେ ଭୋଟ ଅଧିକାର ଦେବା ଲାଗି ସରକାରଙ୍କ ନିଷ୍ପତ୍ତି ବିରୋଧରେ ଏକାଠି ହେବା ଲାଗି ଫାରୁକ୍ ୯ଟି ଦଳର ବୈଠକ ଡାକିଥିଲେ। ରାଜ୍ୟର ପରିଚୟ ଲିଭିଯିବାକୁ ଯାଉଛି। ଏଠାରେ ବସବାସ କରୁଥିବା ଡୋଗ୍ରା, କଶ୍ମୀରୀ ପହାରି ବା ଗୁଜ୍ଜର ଅଥବା ଶିଖ୍‌ମାନେ ସେମାନଙ୍କ ପରିଚୟ ହରାଇବେ। ବିଧାନସଭା ବାହାର ଲୋକଙ୍କ ହାତରେ ରହିବ। ଆମେ ଏହାର ବିରୋଧ କରୁଛୁ ବୋଲି ଫାରୁକ୍ କହିଛନ୍ତି।

ବୈଠକରେ ଏନ୍‌ସି ସମେତ କଂଗ୍ରେସ, ପିଡିପି, ଆୱାମୀ ନ୍ୟାଶନାଲ କନ୍‌ଫରେନ୍ସ, ଶିବସେନା, ସିପିଆଇ, ସିପିଆଇ(ଏମ୍), ଜେଡିୟୁ, ଅକାଳୀ ଦଳ ମାନ୍ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସଂଶୋଧିତ ଭୋଟର ତାଲିକାରେ ବାହାର ଭୋଟରଙ୍କ ନାଁ ରହିଥିବା କହି ଲୋକଙ୍କ ମନରେ ବିଷମଞ୍ଜି ବୁଣିବାକୁ ଏନ୍‌ସି, ପିଡିପି ଓ ଅନ୍ୟ ଦଳଗୁଡ଼ିକ ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି।

# ମହାପଞ୍ଚାୟତ ଲାଗି ଦିଲ୍ଲୀରେ ହଜାର ହଜାର ଚାଷୀ

ନୂଆଦିଲ୍ଲୀ,୨୨।୮(ପି.ଟି.)



ମହାପଞ୍ଚାୟତ ପାଇଁ ଦିଲ୍ଲୀର ଯନ୍ତରମନ୍ତରରେ ଚାଷୀ ଏକାଠି ହୋଇଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନ ଆଣିବା, କୃଷି ଋଣ ଛାଡ଼ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ କୃଷକ ସଂଗଠନ ପକ୍ଷରୁ ନୂଆଦିଲ୍ଲୀରେ ମହାପଞ୍ଚାୟତର ଡାକରା ଦିଆଯାଇଥିଲା। ଏଥିରେ ଯୋଗଦେବା ଲାଗି ବିଭିନ୍ନ ରାଜ୍ୟରୁ ହଜାର ହଜାର ଚାଷୀ ସୋମବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ପହଞ୍ଚିଛନ୍ତି। ପୂର୍ବରୁ କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ବର୍ଷେ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। କୃଷି ଆଇନକୁ ବିଭିନ୍ନ ମହଲରୁ ସମାଲୋଚନା କରାଯିବା ପରେ ୨୦୨୧ ନଭେମ୍ବରରେ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର କରି ନେଇଥିଲେ। ଏଥିସହିତ ଚାଷୀମାନଙ୍କ ବିଭିନ୍ନ ଦାବି ପୂରଣ ଲାଗି ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ହେଲେ ଏପର୍ଯ୍ୟନ୍ତ ସେମାନଙ୍କର ଦୀର୍ଘଦିନର ଦାବି ପୂରଣ ହୋଇ ନ ଥିବାରୁ ଚାଷୀମାନେ ପୁଣିଥରେ ରାଜଧାନୀରେ ଏକାଠି ହୋଇଛନ୍ତି। ଅଧିକାଂଶ ଚାଷୀ ସାଙ୍ଗରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଆସିଥିବାରୁ ସେମାନେ ପୁଣିଥରେ ଧାରଣାରେ ବସିବା ଆଶଙ୍କା କରାଯାଉଛି। ସେମାନେ ରାଜପଥର ବିଭିନ୍ନ ସ୍ଥାନରେ ବସିବା ସହ ପ୍ରତିଶ୍ରୁତି ପୂରଣ କରି ନ ଥିବା କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି।

ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କାରେ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସହରର ସମସ୍ତ ପ୍ରବେଶ ପଥରେ ପୋଲିସ ଏକାଧିକ ଲେୟର ବ୍ୟାରିକେଡ୍ କରିବା ସହ ଜାତୀୟ ରାଜଧାନୀରେ ପ୍ରବେଶ କରୁଥିବା ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଫଳରେ ସୀମାନ୍ତ ଅଞ୍ଚଳ ସିଙ୍ଘୁ, ଟିକ୍ରି ଏବଂ ଗାଜିପୁର ସମେତ ବିଭିନ୍ନ ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହୋଇଛି। ଏହା ବ୍ୟତୀତ ଦିଲ୍ଲୀ-ମିରଟ ଏକ୍ସପ୍ରେସୱେ, ପାଲାମ ଫ୍ଲାଇଓଭର, ଅରବିନ୍ଦ ମାର୍ଗ, ରିଙ୍ଗ୍ ରୋଡ (ଇନ୍ଦ୍ରପ୍ରସ୍ଥ ପାର୍କ ନିକଟ), ଗାଜିଆବାଦ-ୱାଜିରାବାଦ ରୋଡ୍ ଏବଂ ମୁନିର୍କା ରୋଡ୍‌ରେ ଗାଡ଼ିମୋଟର ଭିଡ଼ ଦେଖାଦେଇଛି।

ମହାପଞ୍ଚାୟତ ଲାଗି ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ସମେତ କର୍ନାଟକ, ମହାରାଷ୍ଟ୍ର, ଓଡ଼ିଶା ଓ କେରଳରୁ ଚାଷୀମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଆବଶ୍ୟକ ପଡ଼ିଲେ ରାଜଧାନୀରେ ରହିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିଥିବା ପଞ୍ଜାବର ମାଘ ନିବୋରି ନାମକ ଚାଷୀ କହିଛନ୍ତି। ସୁରକ୍ଷା କାରଣ ନେଇ କେତେକ ବିକ୍ଷୋଭକାରୀ ଚାଷୀଙ୍କୁ ଗାଜିପୁର ସୀମାରେ ଅଟକା ଯାଇଥିଲା। ଯାଞ୍ଚ ପରେ ସେମାନଙ୍କୁ ଯନ୍ତରମନ୍ତର ଯିବାକୁ ଅନୁମତି ଦିଆଯାଇଥିବା ପୂର୍ବ ଦିଲ୍ଲୀର ଡିସିପି ପ୍ରିୟଙ୍କା କଶ୍ୟପ କହିଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ଏବଂ କୌଣସି ଧନଜୀବନ ଯେପରି ହାନି ନ ହୁଏ, ସେଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ସ୍ୱତନ୍ତ୍ର କମିଶନର ଦେପେନ୍ଦ୍ର ପାଠକ କହିଛନ୍ତି। ଅନ୍ୟପକ୍ଷରେ ଯନ୍ତରମନ୍ତରରେ ପହଞ୍ଚିବା ପୂର୍ବରୁ ବିଭିନ୍ନ ସ୍ଥାନରେ ଚାଷୀମାନଙ୍କୁ ଅଟକାଯାଇଥିଲା ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା (ଅଣରାଜନୀତିକ)ର ନେତାମାନେ ଅଭିଯୋଗ କରିଛନ୍ତି।

### ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଧର୍ମଶାଳା,୨୨।୮(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣିପାଟିଆ ଗ୍ରାମର ରାଜକିଶୋର ମଲିକ (୩୨) । ରାଜକିଶୋର ରଙ୍ଗ ମିସ୍ତ୍ରୀ ଭାବେ କାମ କରନ୍ତି । ରବିବାର ସନ୍ଧ୍ୟାରେ ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଟଳିପଡିଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ସୋମବାର ବଡ଼ଚଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି ।

### ବଡ଼ଚଣାରେ ମିଳିତ ଅଭିଯୋଗ ଜନଶୁଣାଣି

ଚଣ୍ଡିଖୋଲ,୨୨।୮(ଡି.ଏନ.ଏ.): ବଡ଼ଚଣା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ୍ ୫୭୮ ଅଭିଯୋଗର ଶୁଣାଣୀ ହୋଇଥିଲା। ସେଥିମଧ୍ୟରୁ ୩୮୬ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ହୋଇଥିବାବେଳେ ୧୯୨ ଅନ୍ୟାନ୍ୟ ଅଭିଯୋଗ ଥିଲା। ସେଥିରୁ ୪୭ଟି ତତ୍କାଳ ସମାଧାନ କରାଯାଇଥିଲା। ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ଏବଂ ଅଭିଯୋଗକୁ କିପରି ତ୍ୱରିତ ସମାଧାନ କରାଯିବ । ତତ୍କାଳ ସ୍ୱଚ୍ଛତାର ସହ ନ୍ୟାୟ ପ୍ରଦାନ କରାଯିବ। ଏହାସହ ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ଦୂରତ୍ୱ କମିବା । ଖୁବ୍‌ଶୀଘ୍ର ସମସ୍ତ ଅଭିଯୋଗର ସମାଧାନ କରି ଉତ୍ତର ଦାୟୀ ରହିବା ଏହାର ଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ ମଲ୍ଲିକ କହିଥିଲେ। ଏହି ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ, ଜଳଯୋଗାଣ, ଜମିଜମା ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ୧୨ ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି ଆର , ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଦର୍ପଣ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ, ବିଡ଼ିଓ ଅଜିତ୍ ନାରାୟଣ ପ୍ରସାଦଗିରି, ଜିଲା ସମାଜ ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ବ୍ଲକସ୍ତରୀୟ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

### ଆନ୍ତର୍ଜାତିକ ମାନବିକ ଅଧିକାର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ଚଣ୍ଡିଖୋଲ,୨୨।୮(ଡି.ଏନ.ଏ.):ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଶନିବାର ସୁରକ୍ଷା କର୍ମୀମାନଙ୍କ ଦ୍ୱାରା ମାଡ଼ ଖାଇ ଆହତ ହୋଇଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ଆନ୍ତର୍ଜାତିକ ମାନବିକ ଅଧିକାର ପକ୍ଷରୁ ବଡ଼ଚଣା ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡ଼ାକ୍ତରଖାନା ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ରୋଗୀମାନେ ଯେଉଁଠି ନିରାପଦ ନୁହଁନ୍ତି ନିଜ ଜୀବନ ପ୍ରତି ବିପଦ ଆସୁଛି ତାହା ଏକ ସାଂଘାତିକ ଘଟଣା। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଆନ୍ତର୍ଜାତିକ ମାନବିକ ଅଧିକାର ସୁରକ୍ଷା ମଞ୍ଚର ଓଡ଼ିଶା ଶାଖା ସଭାପତି ସସ୍ମିତା ଦାସ, ସହଯୋଗୀ ନାରାୟଣ ବିଶ୍ୱାଳ, ପୁଷ୍ପଲତା ଦାସ, ସର୍ବେଶ୍ୱର ବାରିକ, ମାନସ ରଞ୍ଜନ ଖଣ୍ଡାଇ ପ୍ରମୁଖ ରବିବାର ବଡ଼ଚଣା ଥାନାଧିକାରୀଙ୍କୁ ଏହି ଦାବିପତ୍ର ଦେବା ସହିତ କିପରି ଆଗାମୀ ଦିନରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ କିପରି ସୁରକ୍ଷିତ ରହିବେ ସେଥିନେଇ ଆଲୋଚାନା କରିଥିଲେ। ଗୁରୁତର ଆହତ ହୋଇଥିବା ତାପସ ରଞ୍ଜନ ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ତୁରନ୍ତ ସମସ୍ତଙ୍କୁ ଗିରଫ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ନଚେତ୍ ଏ ନେଇ ଜାତୀୟ ମାନବିକ ଅଧିକାର କମିଶନରେ ଅଭିଯୋଗ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ସାଟେଲାଇଟ୍ ମାପଚୁପ ରଫାଦଫା ମସୁଧା

**ଯାଜପୁର ଅଫିସ,୨୨।୮**



- ଜରିମାନା ଆଦାୟ ଆକଳନରେ ଚଞ୍ଚକତା
- ଅନୁମୋଦନଠାରୁ ବହୁ ଗୁଣ କଳାପଥର ଲୁଟ
- ବିପୁଳ ରାଜସ୍ୱ ହରାଉଛନ୍ତି ସରକାର

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଶତାଧିକ ଖାଦାନରୁ ମୂଲ୍ୟବାନ୍ କଳାପଥର ଉଭୟ ଲିଜ୍‌ଧାରୀ ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଲୁଟି ନେଇଛନ୍ତି। ଗତ ମାର୍ଚ୍ଚରେ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଥିଲା। ଅନୁମୋଦନଠାରୁ ବହୁ ଗୁଣ କଳାପଥର ଉତ୍ତୋଳନ ଉପରେ ୨୦୧୫-୧୬ରୁ ୨୦୨୧-୨୨ ମଧ୍ୟରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଏହି ସମୟରେ ଯାଜପୁର ଜିଲାରେ ଟଙ୍କାଟିଏ ବି ଜରିମାନା ଆଦାୟ ହୋଇ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗତ ୧୨ ତାରିଖରେ ୪ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ଧର୍ମଶାଳା ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି। ତେବେ ଏନେଇ ପୂର୍ବରୁ ହୋଇଥିବା ସାଟେଲାଇଟ୍ ମାପଚୁପରେ ବି ରଫାଦଫା ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। କେତେଜଣ ଲିଜଧାରୀଙ୍କ ସହ ଭିତିରିଆ ବୁଝାମଣା କରି ଧାର୍ଯ୍ୟ ଜରିମାନା ପରିମାଣଠାରୁ ପ୍ରାୟ ୫୦% କମ୍ ନିର୍ଦ୍ଦେଶ ହୋଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଆଗକୁ ୮ ଲିଜ୍‌ଧାରୀଙ୍କ କଳାପଥର ଖାଦାନରୁ ଉତ୍ତୋଳନ ପରିମାଣ ଉପରେ ହେବାକୁ ଥିବା ସାଟେଲାଇଟ୍ ମାପଚୁପକୁ ମଧ୍ୟ ରଫାଦଫା କରିବାକୁ ମସୁଧା ଚାଲିଥିବା ଆଲୋଚନା ହେଉଛି।

ଯାଜପୁର ଜିଲା ଲଘୁଖଣିଜ ଦ୍ରବ୍ୟ ଲୁଟ୍‌ର ପ୍ରମୁଖ ଅଞ୍ଚଳ ପାଲଟିଛି। ବିଶେଷକରି ଧର୍ମଶାଳା ତହସିଲ ଅଞ୍ଚଳରୁ କଳାପଥର ଚୋରି ନେଇ ଏକାଧିକ ମାମଲା ରହିଛି। ତହସିଲ ପକ୍ଷରୁ ଡଙ୍କାରୀ ପାହାଡ଼ କଳାପଥର ଲୁଟ୍ ଅଭିଯୋଗରେ ୫୮.୬୨ କୋଟି ଏବଂ ଏନ୍‌ଜିଟି ପକ୍ଷରୁ ୨୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ମାମଲା, ଆରୁହା, ଲୁଣିବର ଇତ୍ୟାଦି କଳାପଥର ଲୁଟ୍ ଅଭିଯୋଗକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଧର୍ମଶାଳା ତହସିଲରେ ସମୁଦାୟ କଳାପଥର ଖାଦାନର ନିରପେକ୍ଷ ମାପଚୁପ କରାଗଲେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁମୋଦନଠାରୁ ଅଧିକ କଳାପଥର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି। ଏହିକ୍ରମରେ ୨୦୧୭-୧୮ରେ ପ୍ରହଲ୍ଲାଦ ଲେଙ୍କାଙ୍କୁ ରାହାଡ଼ପୁର କଳାପଥର ଖାଦାନର ୨୫ ଏକର ଖନନ ପାଇଁ ଲିଜ୍ ଦିଆଯାଇଥିଲା। ଏହି ୫ ବର୍ଷ ମଧ୍ୟରେ ଅନୁମୋଦିତ ୨୫ ଏକର ସ୍ଥଳେ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବରଡ଼ା ପାହାଡ଼ରୁ ପ୍ରହଲ୍ଲାଦ ଲେଙ୍କାଙ୍କୁ ୨.୫ ଏକର ଉତ୍ତୋଳନ ମଞ୍ଜୁରୀ ମିଳିଛି। କିନ୍ତୁ ସେଠାରେ ପ୍ରାୟ ୭ ଏକର ପୋଖରୀ ଭଳି ଖୋଳି ବହୁ ଗୁଣ କଳାପଥର ଉତ୍ତୋଳନ କରାଯାଇଛି। ଅଜିତ ସାହୁଙ୍କୁ ବରଡା ଖାଦାନରୁ ୬ ଏକର, ଗଙ୍ଗାଧର ଓଝାଙ୍କୁ ଲୁଣିବର ପାହାଡରୁ ୧୨.୫୦ ଏକର ଓ ରଙ୍ଗାଧର ପ୍ରଧାନଙ୍କୁ ୧୨.୫୦ ଏକର, ଅଞ୍ଜିରା ପାହାଡ଼ରୁ କୃଷ୍ଣଚନ୍ଦ୍ର ସାହୁଙ୍କୁ ୭.୫୦ ଏକର, ବାଜବାଟି ପାହାଡ଼ରୁ ଶ୍ରୀନିବାସ ଜେନାଙ୍କୁ ୫ ଏକର, ସୁଧାଂଶୁ ଜେନାଙ୍କୁ ୯ ଏକର ଓ ବିଶ୍ୱରଞ୍ଜନ ପରିଡ଼ାଙ୍କୁ ୭.୨୦ ଏକର ଅଞ୍ଚଳରୁ ଖନନ ଅନୁମତି ମିଳିଥିବାବେଳେ ସେଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଛି। ଗତ ମାସରେ ସାଟେଲାଇଟ ମାପଚୁପ ପରେ ଲିଜଧାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। କିଭଳି ଭାବେ ସାଟେଲାଇଟ୍ ମାପଚୁପକୁ ରଫାଦଫା କରିହେବ ସେ ନେଇ କେତେଜଣ ଲିଜ୍‌ଧାରୀ ପ୍ରଭାବଶାଳୀଙ୍କ ଦ୍ୱାରସ୍ଥ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଲିଜ୍ ଅବଧି ସରିବା ପରେ ସାଟେଲାଇଟ୍ ମାପଚୁପ ହେବ। ଯେଉଁମାନେ ଅନୁମୋଦନ ପରିମାଣଠାରୁ ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ତଦନୁସାରେ ଜରିମାନା ଆଦାୟ ନିର୍ଦ୍ଦେଶ ହେବ। ଏଥିରେ କୌଣସି ପ୍ରକାର ରଫାଦଫା ହେବା ଆଶଙ୍କା ନାହିଁ।

## ଚାଷୀ ସତ୍ୟାଗ୍ରହ ପାଇଁ ଯୁବଛାତ୍ର ସଙ୍ଗଠନର ରାଜ୍ୟ ପରିକ୍ରମା

**ଯାଜପୁର ସଦର,୨୨।୮(ଡି.ଏନ.ଏ.)**

ସୋମବାର ଯାଜପୁର ସହରରେ ନବ ନିର୍ମାଣ ଯୁବଛାତ୍ର ସଙ୍ଗଠନର ରାଜ୍ୟ ପରିକ୍ରମା ଯାତ୍ରା ପହଞ୍ଚିଥିଲା। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ବେକାର ସମସ୍ୟା , ରାଶନ , ଖଣି , ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି , ଚାଷୀ ପ୍ରତି ଅନ୍ୟାୟ ପ୍ରସଙ୍ଗରେ ସଙ୍ଗଠନର ଆବାହକ ମନଦ୍ୱର ଅଲ୍ଲିଙ୍କ ନେତୃତ୍ୱରେ ଯୁବଛାତ୍ର ଦଳ ପକ୍ଷରୁ ଗତ ୧୬ରୁ ଭୁବନେଶ୍ୱରରୁ ଏହି ଯାତ୍ରା ବାହାରିଛି । ଏହି ଅବସରରେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ କହିଛନ୍ତି, ଆସନ୍ତା ଅକ୍ଟୋବର ୧୪ରୁ ସାରା ରାଜ୍ୟରେ ଚାଷୀ ସତ୍ୟାଗ୍ରହ ଆରମ୍ଭ ହେବ। ଚାଷୀଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟବ୍ୟାପୀ ଏହା ଯାତ୍ରା ବାହାରିଛି । ଅଭିଯାତ୍ରୀଙ୍କୁ ବରିଷ୍ଠ କର୍ମୀ ବ୍ରହ୍ମାନନ୍ଦ ଦାସ , ଆଇନଜିବୀ ଅବ୍ଦୁଲ ସଲିମ୍ , ଯୁବକର୍ମୀ ଦିଲ୍ଲୀପ୍ ବେହେରା, ସ୍ମୃତିରଞ୍ଜନ ବେହେରା , ସୁବ୍ରତ ସାହୁ ପ୍ରମୁଖ ସ୍ୱାଗତ କରିଥିଲେ। ଯୁବଛାତ୍ର ପ୍ରତିନିଧି ଦଳର ସହଯୋଗୀମାନେ ଉଦ୍‌ବୋଧନ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ଯାଜପୁର ସଦର,୨୨।୮(ଡି.ଏନ.ଏ)**

ଯାଜପୁର ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାୟ ମଣ୍ଡପରେ ସ୍କୁଲର ସଭାପତି ନଟବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାମିଜୀ ଭାଷ୍ଣୁ ବ୍ରହ୍ମାନନ୍ଦ ଯୋଗଦେଇ ଅନୁଷ୍ଠାନର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଚର୍ଯ୍ୟାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ସଭାପତି ହରିହର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ଯୁବ ଆଇନଜୀବୀ ପାର୍ଥସାରଥୀ ରାୟ ଅନୁଷ୍ଠାନକୁ ଆଗେଇ ନେବା ପାଇଁ ସମସ୍ତଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ମହେଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନୃତ୍ୟ ନିର୍ଦ୍ଦେଶକ ୱାଜିଦଙ୍କ ଦ୍ୱାରା ପ୍ରଶିକ୍ଷଣ ନେଇଥିବା ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ରେଙ୍ଗାଲି ଡ୍ୟାମର ଗୋଟିଏ ଗେଟ୍ ଖୋଲା ଗଲା

**ଧର୍ମଶାଳା,୨୨।୮(ଡି.ଏନ୍.ଏ.)**

ବ୍ରାହ୍ମଣୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ସୋମବାର ରେଙ୍ଗାଲୀ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି । ଏହି ଗେଟ୍ ରେ ୩୫ ହଜାରରୁ ଉର୍ଦ୍ଧ୍ୱ କ୍ୟୁସେକ ପାଣି ଛଡା ଯାଉଛି । ସେହିପରି ବିଦ୍ୟୁତ୍ ଉତ୍ପାଦନ ଚ୍ୟାନେଲ ମାଧ୍ୟମରେ ନଦୀରେ ମୋଟ ୪୩ ହଜାର କ୍ୟୁସେକ ଜଳ ଛଡା ଯାଉଛି । ଗେଟ ମାଧ୍ୟମରେ ଆସୁଥିବା ଆସୁଥିବା ବନ୍ୟାଜଳ ଜେନାପୁର ଠାରେ ୨୪ରୁ ୨୬ଘଣ୍ଟା ମଧ୍ୟରେ ପହଞ୍ଚିବ । ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜେନାପୁରଠାରେ ଜଳପତନ ୫୯ ଫୁଟ ରହିଛି । ଡ୍ୟାମରୁ ଛଡା ଯାଇଥିବା ପାଣି ଏଠାରେ ପହଞ୍ଚିଲେ ବିପଦ ସଙ୍କେତଠାରୁ ୩ ଫୁଟ ତଳେ ପ୍ରବାହିତ ହେବ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୧୨୧.୫୦ ମିଟର ରହିଛି । ଏହି ଡ୍ୟାମରେ ସେକେଣ୍ଡକୁ ୬୮୦୦ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ୪୩ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ଜାରକା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ସେ କୁହନ୍ତି, ସ୍ଥାନୀୟ ଅଞ୍ଚଳରେ ୨ ଦିନ ହେବ ବର୍ଷା ନାହିଁ । ରେଙ୍ଗାଲି ଡ୍ୟାମ ଆଉ ଗୋଟିଏ ଗେଟ୍ ଖୋଲିଲେ ମଧ୍ୟ ବ୍ରାହ୍ମଣୀ ପ୍ରତି ବିପଦ ଆଶଙ୍କା ନାହିଁ ।

## ଜମିରୁ ନିଷ୍କାସନ ହେଇପାରୁନି ବନ୍ୟାଜଳ

**ସିଂହପୁର,୨୨।୮(ଡି.ଏନ.ଏ.)**

**୧୦ହଜାର ହେକ୍ଟର ଜମିର ଫସଲ ଉଜୁଡ଼ିବ**

ଯାଜପୁର ଜିଲା ବିଂଝାରପୁର ବ୍ଲକ ଅଧୀନ ୧୦ ପଞ୍ଚାୟତର ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ହୋଇପାରୁନାହିଁ । ଫଳରେ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁ ଚାଷ ଜମି ପଡିଆ ପଡିଥିଲା। ଚାଷୀମାନେ ରୁଆପୋତା ଆରମ୍ଭ ପରେ ଲଘୁଚାପ ବର୍ଷାରେ ଚାଷ ଜମି ବୁଡି ରହିଛି। ଫଳରେ ଧାନଗଛ ପଚି ନଷ୍ଟହେବାର ଆଶଙ୍କା ଦେଖାଦେଇଛି। ବରପଦାଠାରୁ ହଳୁପଡା ପର୍ଯ୍ୟନ୍ତ ବୋହିଯାଇଥିବା ଯୋକେଇ, ଜୁଣେଇ, ଖରିଆ, ଆମ୍ବ, ବେଙ୍ଗା ଓ ପାଟିଆ ନାଳ ବହୁ ବର୍ଷ ହେଲା ପୋତି ହୋଇଯାଇଛି। ବିଭିନ୍ନ ନାଳ କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି । ସେମାନେ ମାଛମାରିବାକୁ ବନ୍ଧ ବାନ୍ଧି ରଖିଛନ୍ତି । ଏପରିକି କେତେକ ସ୍ଥାନରେ ଆଡିବନ୍ଧ କରାଯାଇଥିବାରୁ ଜଳନିଷ୍କାସନ ହୋଇପାରୁନାହିଁ । ବରପଦାଠାରୁ ହଳୁପଡା ପର୍ଯ୍ୟନ୍ତ ୮ରୁ ଉର୍ଦ୍ଧ୍ୱ ସ୍ଲୁଇସ୍ ଗେଟ ଥିବା ବେଳେ ଗେଟର ଚାବି ବିଭାଗୀୟ ଅଧିକାରୀଙ୍କ ହେପାଜତରେ ରହୁ ନ ଥିବାରୁ ସେଗୁଡିକ ଠିକ୍ ସମୟରେ ଖୋଲାଯାଇ ପାରୁନାହିଁ। ଫଳରେ ଜଳନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ଏହକୁ ଗୁରୁତ୍ୱ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ବନ୍ଧବାଡକୁ ତୁରନ୍ତ ହଟାଯାଇ ୧୪୪ ଧାରା ଜାରି କରିବାକୁ ଗତ ପଞ୍ଚାୟତ ସମିତି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହା ପରେ ବି ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଚାଷଜମିରୁ ତୁରନ୍ତ ଜଳ ନିଷ୍କାସନ କରିବାକୁ କୃଷକ ନେତା ବୀରଭଦ୍ର ସାମଲ, ପ୍ରମୋଦ ସାମଲ, ରବିନ୍ଦ୍ର ଦାସ, ରବିନାରାୟଣ ସାମଲ, ସରୋଜ ମଲିକ, ସୁବାସ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।


ଚାଷ ଜମିରେ ବନ୍ୟା ଜଳ ଜମି ରହିଛି ।

## ନଦୀ ମଝିରୁ ଚୋରକୁ ଧରିଲେ ନୌସେନା କର୍ମଚାରୀ

**ବରୀ,୨୨।୮(ଡି.ଏନ.ଏ.)**

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନାରେ ଚୋରୀ ଅଭିଯୋଗରେ ଅଟକ ଥିବା ଜଣେ ଯୁବକ ଥାନାରୁ ଚମ୍ପଟ ମାରିଥିଲେ । ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଥିଲା । ହେଲେ ସ୍ଥାନୀୟ ଅଲିଆବାଦ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ତରୁଣ କୁମାର ଦାସ ବ୍ରାହ୍ମଣୀ ନଦୀକୁ ଡେଇଁ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ କାବୁ କରିବା ପରେ ପୋଲିସ ଜିମା ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ନୌସେନା କର୍ମଚାରୀ ଦାସ ଅବସର ପରେ ନିଜ ଗ୍ରାମରେ ଏକ ପୋଖରୀର ପୁନରୁଦ୍ଧାର କରି ସେଠାରେ ପିଲାମାନଙ୍କୁ ପହଁରା ଶିଖାଇବା ସହ ବିଭିନ୍ନ ଖେଳକୁଦ ଆୟୋଜନ କରୁଛନ୍ତି । ପ୍ରତି ରବିବାର ସକାଳେ ସେ ପିଲାମାନଙ୍କୁ ସାଇକେଲ ଚଳାଇବା ଉପରେ ପ୍ରଶିକ୍ଷଣ ଦେବା ସହିତ ସାଇକେଲରେ ଦୂର ଯାତ୍ରା କରିଥାନ୍ତି। ସୋମବାର ସେ ନିଜ ଗ୍ରାମର ୨ ନାବାଳକଙ୍କୁ ସାଇକେଲ ଚଳାଇବା ପ୍ରଶିକ୍ଷଣ ଦେବା ପାଇଁ ରାମଚନ୍ଦ୍ରପୁର ରାମେଶ୍ୱର ମନ୍ଦିର ଦେଇ ସଂଗ୍ରାମୀ ଭବନ ବରୀପାଳ ଅଞ୍ଚଳକୁ ଯାଇଥିଲେ। ସେଠାରୁ ଥାନା ରାସ୍ତା ଦେଇ ସେ ତିନିମୁହାଣୀ ପୋଲ ନିକଟକୁ ଯିବା ସମୟରେ ଜଣେ ଯୁବକ ଥାନାରୁ ବାହାରି ହଠାତ୍ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିବା ଦେଖିଥିଲେ। ପଛରେ ଆସୁଥିବା ପୋଲିସ କର୍ମଚାରୀ ଚୋର ଚୋର କହି ପାଟି କରୁଥିଲେ । ହେଲେ ଅଭିଯୁକ୍ତ ନଦୀରେ ପହଁରି ଚାଲିଯାଉଥିଲେ। କାଳବିଳମ୍ବ ନ କରି ତରୁଣ ନଦୀକୁ ଡେଇଁ ପଡ଼ିଥିଲେ। ଅଭିଯୁକ୍ତ ଯୁବକ ତରୁଣଙ୍କୁ ଦେଖି ୯ ନଦୀ ମଝିରେ ଥିବା ତଣ୍ଡି ବୁଦା ମୂଳେ ଲୁଚି ଯାଇଥିଲେ। ତରୁଣ ତାଙ୍କୁ ଖୋଜି ନଦୀ ଆରପଟ ହଳଦୀବସନ୍ତ ଗାଁ ମୁଣ୍ଡକୁ ପହଁରାଇ ନେଇଥିଲେ। ସେଠାରେ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ସୂଚନାଯୋଗ୍ୟ, ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ଆବାହକ ତଥା ଶିକ୍ଷକ ନେତା ଲୋକନାଥ ଦାସଙ୍କ ପୁଅ ହେଉଛନ୍ତି ତରୁଣ।


ତରୁଣ କୁମାର ଦାସ

## ଗାୟତ୍ରୀ ପରିବାର ପକ୍ଷରୁ ଆଧ୍ୟାତ୍ମିକ ସମ୍ମିଳନୀ

**ଯାଜପୁର ଟାଉନ,୨୨।୮(ଡି.ଏନ.ଏ.)**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ଓଡ଼ିଶା ଗାୟତ୍ରୀ ପରିବାର ପକ୍ଷରୁ ଯାଜପୁର ଗାୟତ୍ରୀ ଶକ୍ତି ପୀଠ ପରିସରରେ ଏକଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମଶତବାର୍ଷିକ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ଗାୟତ୍ରୀ ପରିବାର ଦ୍ୱାରା ସଂକଳ୍ପିତ ୫ସୂତ୍ରୀ ରଚନାତ୍ମକ ଆନ୍ଦୋଳନକୁ ବ୍ୟାପକ ରୂପେ ବିସ୍ତାର କରିବା ପାଇଁ ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ପଞ୍ଚସୂତ୍ରୀକାର୍ଯ୍ୟକ୍ରମ ଅନ୍ତର୍ଗତ ମନ୍ତ୍ର ଲିଖନ, ଗାୟତ୍ରୀମନ୍ତ୍ରର ଅଖଣ୍ଡ ଜପ, ପ୍ରତି ଘରେ ଯଜ୍ଞ, ଗର୍ଭୋତ୍ସବ, ସଂସ୍କାର ଓ ବୃକ୍ଷଗଙ୍ଗା ଅଭିଯାନକୁ ତ୍ୱରାନ୍ୱିତ କରିବା ନିମନ୍ତେ ମାର୍ଗ ଦର୍ଶନ ଦେଇଥିଲେ । ରମେଶ ଚନ୍ଦ୍ର ମିଶ୍ର, ପୀତବାସ ଦାଶ, ପ୍ରସନ୍ନ କୁମାର ପତି, ସୂର୍ଯ୍ୟ ନାରାୟଣ ମିଶ୍ର, ଶରତ କୁମାର ମିଶ୍ର, ହୃଷିକେଶ ଭାଇ, ବିପିନ ସୂତାର ପ୍ରମୁଖ ପରିଚାଳନା କରିଥିଲେ । ନିରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଥାନା ନିକଟ ୨ ମେଡିସିନ୍ ଦୋକାନରୁ ଚୋରି

**ଦଶରଥପୁର,୨୨।୮(ଡି.ଏନ.ଏ.)**

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ଅଧୀନ ମଙ୍ଗଳପୁର ବଜାରର ୨ ମେଡିସିନ୍ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଥାନାଠାରୁ ମାତ୍ର ୪ ଶହ ମିଟର ଦୂରରେ ଥିବା ସତ୍ୟଜିତ୍ ସାମଲଙ୍କ ସାଇରାମ ମେଡିସିନ୍ ଷ୍ଟୋର ଓ ଏହି ଦୋକାନକୁ ଲାଗିଥିବା ଅଜୟ କୁମାର ପଲେଇଙ୍କ ସାଇକୃପା ମେଡିସିନ୍ ଷ୍ଟୋରରୁ ରବିବାର ବିଳମ୍ବିତ ରାତିରେ ଦୁଇ ଦୋକାନରୁ ସମାନଭାବେ ଆଜ୍‌ବେଷ୍ଟସ୍ ଛପର ଭଙ୍ଗାଯାଇ ଚୋରି ହୋଇଛି । ସାଇରାମ ମେଡିସିନ୍ ଷ୍ଟୋରର ମାଲିକ ଦେଇଥିବା ଏତାଲାରେ ଦର୍ଶାଇଛନ୍ତି ତାଙ୍କ ଦୋକାନରୁ ନଗଦ ୧୭ ହଜାର ଟଙ୍କା ସହ ଦୋକାନରୁ ପ୍ରାୟ ୫୦ ହଜାର ଟଙ୍କାର ଔଷଧ ଚୋରି ଯାଇଛି । ଏହି ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍‌ରୁ ପୋଲିସ୍ ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ତଥ୍ୟ ପାଇଛି । ସେହିପରି ସାଇକୃପା ମେଡିସିନ୍ ଷ୍ଟୋରରୁ ଲାପ୍‌ଟପ୍, ନଗଦ ଅର୍ଥ ସହ ଲକ୍ଷାଧିକ ଟଙ୍କାର ଔଷଧ ଚୋରି ଯାଇଥିବା ଦୋକାନର ମାଲିକ ଏତାଲାରେ ଦର୍ଶାଇଛନ୍ତି । ଥାନାଠାରୁ ୪ ଶହ ମିଟର ଦୂର ଦୋକାନରୁ ଚୋରି ହୋଇଥିବାନେଇ ସ୍ଥାନୀୟ ଦୋକାନୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ୨୦ ନଂ. ଜାତୀୟ ରାଜପଥକୁ ୧ ଘଣ୍ଟା ଧରି ଅବରୋଧ କରିଥିଲେ । ମଙ୍ଗଳପୁର ଥାନା ଅଧିକାରିଣୀ ରୀନାରାଣୀ ସାହୁ ଚୋରକୁ ଧରିବାକୁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ଅପରାହ୍ନରେ ପୋଲିସ ସନ୍ଧାନୀ କୁକୁରକୁ ଧରି ୧୨ କିମି କୟାଁଗୋଲା ପୋଲ ଅତିକ୍ରମ କରି ଭଦ୍ରକ ଜିଲାର ବୋଡକ ପର୍ଯ୍ୟନ୍ତ ଯାଇଥିଲା । ଶେଷରେ ପୋଲିସ ନିରାଶ ହୋଇ ଫେରିଥିଲା ।

## ବନ୍ୟା ପାଇଁ ପ୍ରଶାସନିକ ଅବହେଳା ଦାୟୀ

**ଯାଜପୁର ଅଫିସ,୨୨।୮**

ବୈତରଣୀ ଓ ଏହାର ଶାଖା ନଦୀ କାଣିରେ ବନ୍ୟା ପାଇଁ ପ୍ରଶାସନ ଓ ସରକାର ହିଁ ଦାୟୀ। ସୋମବାର ଘାଇ ପରିଦର୍ଶନ ବେଳେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଏହି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବନ୍ୟା ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲାପାଳ ଏବଂ ଜଳସମ୍ପଦ ଓ ଡ୍ରେନେଜ ଆଦି ବିଭାଗ ମଧ୍ୟରେ ପ୍ରସ୍ତୁତି ବୈଠକ ବସିଥାଏ। କେଉଁଠି ନଦୀ ବନ୍ଧ ଦୁର୍ବଳ ରହିଛି, କେଉଁଠି ମରାମତିର ଆବଶ୍ୟକତା ରହିଛି, କେମିତି ପାଣି ନିଷ୍କାସନ ହେବ ସେସବୁ ନେଇ ଆଲୋଚନା ହୁଏ। ମାତ୍ର ପ୍ରଶାସନ ଓ ସରକାରଙ୍କ ବିଫଳତା ଯୋଗୁ ବୈତରଣୀରେ ବନ୍ୟା ଆସିଲେ କାଣୀ ନଦୀରେ ପ୍ରତ୍ୟକ ବର୍ଷ କେଉଁଠି ନା କେଉଁଠି ଘାଇ ସୃଷ୍ଟି ହେଉଛି। ବନ୍ୟା ହେବାପରେ ରିଲିଫ ବଣ୍ଟନ କିମ୍ବା ସହାୟତା ଯୋଗାଇବା ସରକାରଙ୍କ ଦାୟିତ୍ୱ। କିନ୍ତୁ ବନ୍ୟା ପୂର୍ବରୁ ବନ୍ଧଗୁଡ଼ିକୁ କିପରି ସୁରକ୍ଷା ଦିଆଯାଇ ଲୋକଙ୍କୁ ସୁରକ୍ଷିତ ରଖାଯାଇ ପାରିବ ତାହା ସରକାରଙ୍କ ପ୍ରଥମ କାର୍ଯ୍ୟ ବୋଲି କାନୁନଗୋ କହିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରିଆ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର, ଜିଲା ଉପସଭାପତି ଭରତ ଚନ୍ଦ୍ର ପରିଡା, ବରିଷ୍ଠ ନେତା ଦେବେନ୍ଦ୍ର ପଣ୍ଡା, ଇନ୍ଦ୍ରଜିତ ଦାସ, ସବ୍ୟସାଚୀ ଦାସ, ଚନ୍ଦ୍ର ନାରାୟଣ ଦାସ, ଛାତ୍ର କଂଗ୍ରେସ ସଭାପତି ଅନନ୍ତ କୁମାର ଦାସ, ଯୁବ କଂଗ୍ରେସ ନେତା ସନ୍ତୋଷ ବେହେରା, ଓବିସି ସେଲ୍ ସଭାପତି ପ୍ରଶାନ୍ତ ସାହୁ, ଦଳିତ ସେଲ୍ ସଭାପତି ଦୁଯ୍ୟୋଧନ ବେହେରା, ଯୁବନେତା ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କାଣୀନଦୀ ଘାଇ ଓ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଓ ଅନ୍ୟମାନେ ।

## ସଂକ୍ଷେପରେ

### ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ରିଲିଫ ବଣ୍ଟନ

କୁଜଙ୍ଗ,୨୨।୮(ଡି.ଏନ୍.ଏ.) କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତର ମଧୁପୁର ଗ୍ରାମରେ ସୋମବାର ବନ୍ୟା ବିପନ୍ନଙ୍କ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳ ସେବା ନିବୃତ୍ତ ସେନାନୀ ଆସୋସିଏଶନ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି। ରିଲିଫ ବଣ୍ଟନ ସମୟରେ ଶଙ୍କର ଷଡ଼ଙ୍ଗୀ, ପ୍ରଦୀପ ମୁଦୁଲି, ଭଞ୍ଜ କିଶୋର ବେହେରା, ପ୍ରଦୀପ କୁମାର ସ୍ୱାଇଁ, ଉତ୍ତମ ଚରଣ ସ୍ୱାଇଁ ଓ ଦେବାଶିଷ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ୟା, ଜଓ୍ୱାଦର କ୍ଷତିପୂରଣ ତୁରନ୍ତ ଦିଅ

ତିର୍ତ୍ତୋଲ,୨୨।୮(ଡି.ଏନ୍.ଏ): ନବ ନିର୍ମାଣ କୃଷକ ସଙ୍ଗଠନ ସଦସ୍ୟ ସୋମବାର ତିର୍ତ୍ତୋଲ ତହସିଲଦାର ସୁଜାତା ପାତ୍ରଙ୍କୁ ଭେଟି ବନ୍ୟା ଓ ବାତ୍ୟା ଜଓ୍ୱାଦର କ୍ଷତିପୂରଣ ତୁରନ୍ତ ଯୋଗାଇଦେବାକୁ ଦାବି କରିଥିଲେ। ସରକାରୀ ଘୋଷଣା ଅନୁଯାୟୀ ଏହାକୁ ପ୍ରଦାନ କରିବାକୁ ସେମାନେ କହିଥିଲେ। ସଙ୍ଗଠନର ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ନିତ୍ୟାନନ୍ଦ ସାହୁ, ଶରତ ଚନ୍ଦ୍ର ମଲ୍ଲ, ବିଷ୍ଣୁ ଦାସ, ଅଶୋକ ବାରିକ, ରଞ୍ଜନ ବିଶ୍ୱାଳ, ଦେବଦତ୍ତ ସାହୁ, ଶୁଭେନ୍ଦୁ ପଣ୍ଡା, କିଶୋର କୁମାର ଦାସ, ଗୌରହରି ସ୍ୱାଇଁ, ରାଜକିଶୋର ଦାସ ଓ ନରେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ

ବାଲିଆ,୨୨।୮(ସ୍ୱ.ପ୍ର.): ବିରିଡି ବ୍ଲକ ୨୨ମୌଜାସ୍ଥିତ ଅଲ୍ଲୀପଡା ଓ ଉତ୍ତରଶାସନର ସାମଲ ସାହିରେ ବନ୍ୟା ପାଣି ଏବେ ବି ଜମି ରହିଛି। ଏନେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଉକ୍ତ ଅଞ୍ଚଳ ଗସ୍ତ କରି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ ଦଳର ବ୍ଲକ ସଭାପତି ପ୍ରିୟବ୍ରତ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଦୀପକ ପଶାୟତ, ଅଶୋକ ଜେନା, ବିମଳ ସେଠୀ, ବଳରାମ ମଲ୍ଲିକ, ଲକି ସ୍ୱାଇଁ, ତିଲୋଚନ ପାତ୍ର, ସୁଭେନ୍ଦ୍ର ରାଉତରାୟ, ଲିଙ୍ଗରାଜ ରାଉତରାୟ, ସମୀର ଖୁଣ୍ଟିଆ, ଆର୍ତ୍ତତ୍ରାଣ ସାହୁ, ପ୍ରଶାନ୍ତ ବେଉରା ଓ କିଶୋର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ପୋଖରୀ ପୋତାହେବାରୁ ପାଣିଘେରରେ ୧୦୦ ପରିବାର

ପଟ୍ଟାମୁଣ୍ଡାଇ,୨୨।୮ (ସ୍ୱ. ପ୍ର.)


ପୋଖରୀସାହିରେ ପୋଖରୀ ପୋତା ହେବାରୁ ଲୋକମାନେ ପାଣି ଘେରରେ ରହିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଥିବା ପାରମ୍ପରିକ ଜଳାଶୟ ଅସ୍ତିତ୍ୱ ହରାଇବାକୁ ବସିଛି। ବ୍ଲକର ଶାସନ ପଞ୍ଚାୟତ ପୋଖରୀସାହିରେ ପୋଖରୀ ପୋତାହେବାରୁ ଶହେ ପରିବାର ପାଣିଘେରରେ ରହିଛନ୍ତି। ଏ ନେଇ ପଞ୍ଚାୟତବାସୀ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପାରମ୍ପରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର ପାଇଁ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ସରକାର ଅମୃତ ସରୋବର ଯୋଜନା କରିଛନ୍ତି। ହେଲେ ସରକାରୀ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି।

ଅଭିଯୋଗକାରୀଙ୍କ ମଧ୍ୟରୁ ଆଶିଷ କୁମାର ମଲ୍ଲିକ କୁହନ୍ତି, ଶାସନ ପଞ୍ଚାୟତ ପୋଖରୀସାହିରେ ଶହେରୁ ଊର୍ଦ୍ଧ୍ୱ ଦଳିତ ପରିବାର ବାସ କରୁଛନ୍ତି। ଗ୍ରାମର ରାସ୍ତା ଲଘୁଚାପଜନିତ ଲଗାଣ ବର୍ଷାରେ ବୁଡ଼ିଯାଇଛି। ଗ୍ରାମର ମଧ୍ୟସ୍ଥଳରେ ଥିବା ପୋଖରୀ ଜଳ ନିଷ୍କାସନର ଏକ ମାତ୍ର ମାଧ୍ୟମ ଥିବା ବେଳେ ତାହା ଚଳିତବର୍ଷ ଖରାଦିନେ ପୋତି ଦିଆଯାଇଛି। ଫଳରେ ବର୍ଷାଜଳ ନିଷ୍କାସନ ବାଟ ବନ୍ଦ ହୋଇଯିବାରୁ ପାଣି ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏଠାରେ ବସବାସ କରିଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିର ଲୋକମାନେ ପାଣି ନିଷ୍କାସନ ପାଇଁ ଦାବିକରି ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ଗ୍ରୀଷ୍ମଋତୁରେ ଲୋକମାନଙ୍କ ସ୍ନାନ, ଶୌଚ, ପଶୁପକ୍ଷୀଙ୍କ ବ୍ୟବହାର ପାଇଁ ଗାଁର ଲୋକମାନେ ପୋଖରୀ ପାଣି ଉପରେ ନିର୍ଭର କରିଥାଆନ୍ତି। ନିକଟରେ ଥିବା ବ୍ରାହ୍ମଣୀ ନଦୀରେ କୁମ୍ଭୀର ଭୟ ରହିଥିବାରୁ ସାହିବାସୀଙ୍କ ପୋଖରୀ ସାହା ଭରସା ଥିଲା। ଗ୍ରୀଷ୍ମ ଓ ବର୍ଷାଋତୁରେ ଏହି ପୋଖରୀ ସାହିବାସୀଙ୍କ ପାଇଁ ବରଦାନ ଥିବା ବେଳେ ପଞ୍ଚାୟତିରାଜ ବିଭାଗ କିପରି ପୋତିଦେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଲଘୁଚାପ ଲଗାଣବର୍ଷା ଯୋଗୁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଣି ଜମି ରହିଥିବାରୁ ବର୍ଷାଦିନେ ପିଲାମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଉଛି। ଏ ନେଇ ଗ୍ରାମର ମନୋଜ ମଳିକ, ଶରତ ମଳିକ, ବନ୍ଧୁ ମଳିକ, ବିଜୟ ମଳିକ, ଉତ୍ତମ ମଳିକ, କବିତା ମଳିକ, ସତ୍ୟଭାମା ମଳିକ, ସୁଚିତ୍ର ମଳିକ, କୋଇଲି ମଳିକ, ସଞ୍ଜୁ ମଳିକ, ଲତା ମଳିକ ପ୍ରମୁଖ ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓ ଓ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କୁ ପୋଖରୀର ପୁନଃ ଖୋଳାଯିବା ସହ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି।

ସାମାଜିକ କର୍ମୀ ପ୍ରତାପ ପାଢ଼ୀ କୁହନ୍ତି, ରାଜ୍ୟରେ ଯେଉଁଠି ଜଳ ସଙ୍କଟ ଦେଖାଯାଉଛି, ସେଠାରେ ଲୋକେ ପାନୀୟ ଜଳ ପାଇବାରେ ସମସ୍ୟା ହେଉଛି। ଅଗ୍ରାଧିକାର ଭିତ୍ତିରେ ପୋଖରୀ ଖୋଳାଯିବାକୁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ପ୍ରତ୍ୟେକ ଜିଲାରେ ୭୫ଟି ଲେଖାଏ

**ପଟ୍ଟାମୁଣ୍ଡାଇରେ ପାରମ୍ପରିକ ଜଳାଶୟ ଅସ୍ତିତ୍ୱ ହରାଇବ**

ଅମୃତ ସରୋବର କରିବାକୁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ପ୍ରତି ଜିଲାରେ ୭୫ଟି ଲେଖାଏ ପୋଖରୀ ଖୋଳାଯିବା ନେଇ ଜିଲାପାଳଙ୍କୁ ଜମି ଚିହ୍ନଟ କରି ତାଲିକା ଦେବାକୁ କୁହାଯାଇଛି। ସାରା ରାଜ୍ୟରେ ଏଭଳି ୨୨୫୦ଟି ପୋଖରୀ ବା ଅମୃତ ସରୋବର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପ କାମ ଏପ୍ରିଲ ୨୪ରେ ଆରମ୍ଭ କରିବା ସହ ୧୫ ଅଗଷ୍ଟ ୨୦୨୩ ସୁଦ୍ଧା ସାରିବାକୁ କୁହାଯାଇଛି। ମାତ୍ର ପୋଖରୀସାହିରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ପକ୍ଷରୁ ପୋଖରୀ ପୋତା ଯୋଜନା କାର୍ଯ୍ୟକାରୀ କରାଯାଇ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ଶୁଭାରମ୍ଭ କରାଯାଇଛି। ଏ ବାବଦରେ ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକଙ୍କୁ ପଚାରିବାରେ ପୋଖରୀସାହିରେ ଜଳ ନିଷ୍କାସନ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ଏହାର ସମାଧାନ ପାଇଁ ପୋଖରୀର ଦକ୍ଷିଣ ପାର୍ଶ୍ୱରେ କିଛି ଅଂଶ ପୋତି ଏକ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

### ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲା ଗଲା

ଧର୍ମଶାଳା,୨୨।୮(ଡି.ଏନ୍.ଏ.):

ଓଡ଼ିଶାର ଦ୍ୱିତୀୟ ବୃହତମ ବ୍ରାହ୍ମଣୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ନଦୀରେ ଦ୍ୱିତୀୟ ବନ୍ୟା ଆସିଛି। ସୋମବାର ପ୍ରାୟ ୧ଟା ସମୟରେ ଉପରମୁଣ୍ଡରେ ଥିବା ରେଙ୍ଗାଲୀ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି। ଏହି ଗେଟ୍‌ରେ ୩୫ ହଜାରରୁ ଊର୍ଦ୍ଧ୍ୱ କ୍ୟୁସେକ ପାଣି ଛଡା ଯାଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ଚ୍ୟାନେଲ ମାଧ୍ୟମରେ ନଦୀରେ ମୋଟ ୪୩ ହଜାର କ୍ୟୁସେକ ଜଳ ଛଡା ଯାଉଛି। ଗେଟ ମାଧ୍ୟମରେ ଆସୁଥିବା ବନ୍ୟାଜଳ ଜେନାପୁରଠାରେ ୨୪ଘଣ୍ଟା ମଧ୍ୟରେ ପହଞ୍ଚିବ। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜେନାପୁରଠାରେ ଜଳପତ୍ତନ ୫୯ ଫୁଟ ରହିଛି। ଡ୍ୟାମରୁ ଛଡା ଯାଇଥିବା ପାଣି ଏଠାରେ ପହଞ୍ଚିଲେ ବିପଦ ସଙ୍କେତଠାରୁ ୩ ଫୁଟ ତଳେ ପ୍ରବାହିତ ହେବ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୧୨୧.୫୦ ମିଟର ରହିଛି। ଏହି ଡ୍ୟାମରେ ସେକେଣ୍ଡକୁ ୭,୮୦୦ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ୪୩ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ଡ୍ୟାମର ଉପରମୁଣ୍ଡରେ ବର୍ଷା ହେଉଥିବାରୁ ଆଉ ଗୋଟିଏ ଗେଟ ଖୋଲିବାର ସମ୍ଭାବନା ରହିଛି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ଗେଟ୍ ଖୋଲିଲେ ମଧ୍ୟ ବ୍ରାହ୍ମଣୀ ପ୍ରତି ବିପଦ ଆଶଙ୍କା ନାହିଁ।

# ଦୁର୍ଦ୍ଦଶାରେ ପୁରୁଷୋତ୍ତମପୁର, ଢିଅବସୁପୁରର ଚାଷୀ

ଡେରାବିଶ, ୨୨।୮(ସ୍ୱ.ପ୍ର.)

ମହାନଦୀ ସିଷ୍ଟମରେ ବନ୍ୟାଜଳ ବୃଦ୍ଧି ପାଇ ଲୁଣା ଓ କରାଣ୍ଡିଆରେ ପାଣି ପ୍ରବାହିତ ହୋଇଥିଲା। ଏହି ବନ୍ୟାଜଳ ଡେରାବିଶ ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତ ପୁରୁଷୋତ୍ତମପୁର ଓ ବସୁପୁର ପଞ୍ଚାୟତ ଢିଅବସୁପୁର ଗ୍ରାମରେ ପ୍ରବେଶ କରିଥିଲା। ମାତ୍ର ବନ୍ୟାଜଳ ନ ଛାଡିବାରୁ ୨ଟି ଗ୍ରାମର ଲୋକମାନେ ଦୁର୍ଦ୍ଦଶା ଭିତରେ ଦେଇ ଗତି କରୁଛନ୍ତି। ଏବେ ବି ଗାଁ ଦାଣ୍ଡରେ ପାଣି ଜମି ରହିଛି। ଏଥିସହ ଏହି ଦୁଇଟି ଗ୍ରାମର ମୁଖ୍ୟ ଜୀବିକା ପନିପରିବା ଚାଷ ପାଣିରେ ବୁଡ଼ି ରହିବା ଫଳରେ ବହୁ ପଟି ନଷ୍ଟ ହୋଇଯାଇଛି।


ଚାଷ ଜମିରେ ଫସଲ ବନ୍ୟା ପାଣିରେ ବୁଡି ରହିଛି।

- ଲୁଣା ନଦୀରେ ବନ୍ୟାର ପ୍ରକୋପ କମୁଛି
- ହେକ୍ଟର ହେକ୍ଟର ପରିବା ଚାଷ ପାଣିରେ ବୁଡ଼ିରହିଛି

ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ କରି ଚାଷ କରିଥିବା ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ଏହି ବନ୍ୟାଜଳ ଚାଷଜମିରୁ ନିଷ୍କାସିତ ହେବାକୁ ଆହୁରି ୨ରୁ ୩ ଦିନ ଲାଗିବ ବୋଲି ଉତ୍ତମ କୁମାର ସ୍ୱାଇଁ କହିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବନ୍ୟା ପ୍ରଭାବିତ ୮୭ ଗର୍ଭବତୀ, ୩୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମିଳୁନି ଖାଦ୍ୟ

ମହାକାଳପଡ଼ା,୨୨।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକରେ ପ୍ରବାହିତ ମହାନଦୀ, ପାଇକା ଓ ଲୁଣା ନଦୀର ପ୍ରବାବିତ ବନ୍ୟା ଜଳ ପ୍ରବେଶ କରି ବିଭିନ୍ନ ସମସ୍ୟା ସୃଷ୍ଟି କରିଛି। କେଉଁଠି ମୁଠେ ଖାଇବାକୁ ମିଳୁନି ତ କେଉଁଠାରେ ପିଇବାକୁ ପାଣି ମୁନ୍ଦେ ମିଳୁନାହିଁ। ଗୋ ଖାଦ୍ୟ ମିଳୁ ନ ଥିବା ବେଳେ ୮୭ ଜଣ ଗର୍ଭବତୀ ମହିଳା ଓ ୩ଶହରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଖାଦ୍ୟ (ଛତୁଆ) ମିଳିନାହିଁ। ଅପରପକ୍ଷରେ ପ୍ରଭାବିତ ବନ୍ୟା ଜଳରେ ଘର ଦ୍ୱାର ବୁଡ଼ି ରହିଥିବା ବେଳେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକର ବନ୍ୟା ପ୍ରଭାବିତ ପଞ୍ଚାୟତଗୁଡ଼ିକ ମଧ୍ୟରେ ତିଖିରି, ଅମେଇପାଳ, ପାଟୁଲୀପଙ୍କ, ଟିକରପାଙ୍ଗା, ଗଡ଼ରୋମିତ, ତେରଗାଁ , ବଡକୁଳ, କରଞ୍ଜି, ବରକନ୍ଧା, ମହାକାଳପଡା ଆଦି ଅଞ୍ଚଳର ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଅତିରିକ୍ତ (ଛତୁଆ) ରିଲିଫ୍ ଖାଦ୍ୟ ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଶିଶୁ ମାନଙ୍କୁ ଝାଡ଼ା ଜ୍ୱର ହେଉଥିବା ଅଭିଯୋଗ ହୋଇଛି। ତେବେ ବନ୍ୟାଜଳ ହ୍ରାସ ପାଇଛି ସତ ଅନେକ ଲୋକ ଘର ଦ୍ୱାର ପ୍ରଭାବିତ ହୋଇଛି। ତୁରନ୍ତ ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଅତିରିକ୍ତ ରିଲିଫ୍ ଖାଦ୍ୟ (ଛତୁଆ) ବଣ୍ଟନ କରିବାକୁ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ କବିତା ମଳିକଙ୍କୁ ପଚାରିବାରେ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୮୭ ଜଣ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପାଇଁ ଅତିରିକ୍ତ ରିଲିଫ୍ ବଣ୍ଟନ ପାଇଁ ଜିଲାସ୍ତରରୁ କିଛି ଚିଠି ଆସିନାହିଁ ବୋଲି ସେ କହିଛନ୍ତି।


ଏଡିଏମ୍‌ଙ୍କୁ ଭାଗବତ ଟୁଙ୍ଗି ପ୍ରଚାର ସମିତିର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

# ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା ଅଫିସ, ୨୨।୮

ଭାଗବତ ଟୁଙ୍ଗି ପ୍ରଚାର ସମିତି କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଅନୁଦାନ ଯୋଗାଇ ଦେବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣାଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସମିତିର ସମ୍ପାଦକ ପ୍ରଦୀପ ସାହୁ କହିଛନ୍ତି, ଜିଲାର ୯ଟି ବ୍ଲକ ଅଧୀନରେ ଥିବା ୪୩୮ଟି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ୨୦୧୭ରେ ଅନୁଦାନ ଆସିଥିଲା। ଅଦ୍ୟାବଧି ଏହି ଅନୁଦାନ ଜିଲା ରାଜକୋଷରେ ପଡିରହିଛି। ଫଳରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଭାଗବତ ଟୁଙ୍ଗିଗୁଡିକର ଉନ୍ନତି ହୋଇପାରିନାହିଁ। ସ୍ଥାୟୀ ଗୃହ ନ ଥିବାରୁ ଭାଗବତ ପାରାୟଣ, ପ୍ରବଚନ ଓ ଆଲୋଚନାଚକ୍ର ପ୍ରଭୃତି କାର୍ଯ୍ୟକ୍ରମଗୁଡିକ ସୁଚାରୁରୂପେ ହୋଇପାରୁନାହିଁ। ଅନୁଦାନ ଅର୍ଥ ଖର୍ଚ୍ଚ ହୋଇ ନ ଥିବାରୁ ଅବଶିଷ୍ଟ ଟୁଙ୍ଗିଗୁଡିକ ଅନୁଦାନରୁ ବଞ୍ଚିତ ହେଉଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତି କାର୍ଯ୍ୟକର୍ତ୍ତା ବସନ୍ତ କୁମାର ବେହେରା, ନଗେନ୍ଦ୍ର ନାଥ ବରାଳ, ବିଷ୍ଣୁ ଚରଣ ଆଚାର୍ଯ୍ୟ, ସୁବ୍ରତ କୁମାର ସାମର୍ଥ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଧର୍ମଶାଳା,୨୨।୮(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣିପାଟିଆ ଗ୍ରାମର ରାଜକିଶୋର ମଳିକ (୩୨)। ରାଜକିଶୋର ରଙ୍ଗ ମିସ୍ତ୍ରୀ ଭାବେ କାମ କରନ୍ତି। ରବିବାର ସନ୍ଧ୍ୟାରେ ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଟଳିପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶିବିରରେ ୨୬୩ଜଣ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦ୍ରାପଡ଼ା ଅଫିସ,୨୨।୮:

ରାଜ୍ୟ ସରକାରଙ୍କ ଆଦେଶ ଅନୁଯାୟୀ, ୟୁଡିଆଇଡି ସାର୍ଟିଫିକେଟ ନ ଥିବା ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଜିଲା ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ଟାଉନହଲଠାରେ ଆରମ୍ଭ ହୋଇଥିବା ଶିବିର ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ପ୍ରଥମଦିନରେ ମୋଟ ୨୬୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଏ ସମ୍ପର୍କରେ ସାମାଜିକ ସଶକ୍ତୀକରଣ ବିଭାଗ ଜିଲା ଅଧିକାରୀ ପ୍ରଭାସ ଦାସ କହିଛନ୍ତି, ଆସନ୍ତା ସେପ୍ଟେମ୍ବର ୧ତାରିଖଠାରୁ ପୁରୁଣା ଭିନ୍ନକ୍ଷମ ସାର୍ଟିଫିକେଟରେ ଆଉ କୌଣସି ସରକାରୀ ସୁବିଧା ସେମାନେ ପାଇପାରିବେ ନାହିଁ। ପୁରୁଣା ପ୍ରମାଣପତ୍ର ଥିବା ଭିନ୍ନକ୍ଷମମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଅନ୍‌ଲାଇନରେ ଦରଖାସ୍ତ କରି ୟୁଡିଆଇଡି ସାର୍ଟିଫିକେଟ ହାସଲ କରିବା ନିତ୍ୟାନ୍ତ ଆବଶ୍ୟକ। ପ୍ରଥମ ଦିବସରେ ଶ୍ରବଣ ବିଭାଗର ୬୬ଜଣ, ଚକ୍ଷୁ ବିଭାଗର ୭୪ଜଣ, ଅସ୍ଥିଶଲ୍ୟ ଓ ଅନ୍ୟ ବିଭାଗର ମୋଟ ୨୩୬ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଇଥିଲା। ଶଲ୍ୟ ବିଭାଗର ଡା. ବୀରେନ୍ଦ୍ର କୁମାର ଦାସ ଓ ଡା. ଶ୍ରୀକାନ୍ତ କୁମାର ସ୍ୱାଇଁ, ଶ୍ରବଣ ବିଭାଗର ଡା. ବିଜୟ କୁମାର ଦାସ, ଚକ୍ଷୁ ବିଭାଗର ଡା. ଅଜୟ କୁମାର ସାହୁ, ଶିଶୁ ବିଭାଗର ଡା. କିଶୋର ଚନ୍ଦ୍ର ମିଶ୍ର ଓ ସହାୟକ ଭାବେ ଚନ୍ଦନ ବେହେରା, ସ୍ୱପ୍ନାମଞ୍ଜରୀ ଦାସ, ସତ୍ୟବ୍ରତ ଜେନା, ହେମନ୍ତ କୁମାର ନାୟକ, ଅଧିକାରୀ ରମାକାନ୍ତ ଦାଶ ପ୍ରମୁଖ ଶିବିରରେ ପରୀକ୍ଷା କରିଥିଲେ ବୋଲି ଜିଲା ଅଧିକାରୀ ଦାସ ସୂଚନା ଦେଇଛନ୍ତି।



ଶିବିରରେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ମରାମତିର ୬ ମାସରେ ଘେରିବନ୍ଧରେ ଗର୍ତ୍ତ

ପଟ୍ଟାମୁଣ୍ଡାଇ,୨୨।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ ଅଧୀନରେ ଥିବା ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ଘେରି ବନ୍ଧ ମରାମତି ପାଇଁ ବିଭାଗ ପକ୍ଷରୁ ଗତ ମାର୍ଚ୍ଚରେ ୪୮ ଲକ୍ଷ ୯୪ ହଜାର ବ୍ୟୟରେ ଖାଲଖମା ମରାମତି ସହ ଉପର ପିଚୁ କାର୍ଯ୍ୟ ହୋଇଥିଲା। ମାତ୍ର ନିର୍ମାଣ ସରିବାର ୬ ମାସ ମଧ୍ୟରେ ରାସ୍ତାରୁ ପିଚୁ ଉଠିବା ସହ ସମ୍ପୂର୍ଣ୍ଣ ରାସ୍ତାରେ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହାଦ୍ୱାରା ୬ ପଞ୍ଚାୟତର ୨୫ ହଜାର ଲୋକ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଆଲୋକ ଧଳ କହନ୍ତି, ଚଉଦକୁଲାଟରୁ ଘାଘରା ଭିତରେ ୨ କି.ମି., ଚଉଦକୁଲାଟଠାରୁ ନୀଳକଣ୍ଠପୁର ଘେରି ପର୍ଯ୍ୟନ୍ତ ୨ କିମି ରାସ୍ତା ଓ ନୀଳକଣ୍ଠପୁରରୁ ପଟ୍ଟାମୁଣ୍ଡାଇ ବାଇପାସ୍ ପର୍ଯ୍ୟନ୍ତ ୩ କିମି ରାସ୍ତା ଖାଲଖମାରେ ପରିଣତ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହାର ମରାମତି ପାଇଁ ସାଧାରଣରେ ଦାବି ହୋଇଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ରାସ୍ତାର ମରାମତି ଲାଗି ପ୍ରଥମ ପର୍ଯ୍ୟାୟରେ ନୀଳକଣ୍ଠପୁର ପାଖରୁ ପଟ୍ଟାମୁଣ୍ଡାଇ ବାଇପାସ୍ ପର୍ଯ୍ୟନ୍ତ ୩ କିମି ରାସ୍ତାକୁ ୧୯ ଲକ୍ଷ ବ୍ୟୟରେ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ପରେ ଦୁଇଟି ପର୍ଯ୍ୟାୟରେ ୪୮ ଲକ୍ଷ ୯୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏଥିସହ ଗତ ୧୦ ବର୍ଷ ମଧ୍ୟରେ ଏହି ରାସ୍ତା ମରାମତି ପାଇଁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ରାସ୍ତା ଅବସ୍ଥାରେ ସୁଧାର ଆସୁ ନ ଥିବା ବେଳେ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ହେଉଛି। ସେହିପରି ସାମାଜିକ କର୍ମୀ ବିଜୟ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ନିମନ୍ତେ ଏହି ରାସ୍ତା ଲେଉଟିଆ କିଆରି ପାଲଟିଛି। ପ୍ରତିବର୍ଷ ଏହି ରାସ୍ତା ମରାମତି ଆଳରେ କାମକୁ ଅତି ନିମ୍ନମାନର କରାଯାଇ ଅର୍ଥ ହରିଲୁଟ୍ କରାଯାଉଛି ବୋଲି ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରୁ ଷଣ୍ଢପଲ୍ଲୀ ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୩ କିମିରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଏବେ ଯାତାୟାତ ଅନୁପଯୋଗୀ


ବର୍ଷା ପରେ ରାସ୍ତାରେ ଖାଲ ଖମା।

**ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ**

ହୋଇପଡ଼ିଛି। ଏହି ଘେରିବନ୍ଧ ଉପରେ ଇନ୍ଦୁପୁର ପାଖରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ଏହି ରାସ୍ତାକୁ ଜଳସମ୍ପଦ ବିଭାଗ ଉପର ଠାଉରିଆ ଭାବେ ମରାମତି କରୁଛି। ଏ ସମ୍ପର୍କରେ ସହ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଏହି କାମ ସମ୍ପର୍କରେ ଅନୁଧ୍ୟାନ କରି ଏହାର ସମାଧାନ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୨ ବର୍ଷ ଧରି ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ନୀଳକଣ୍ଠପୁର, ହାଟପାଟଣା, ନୂଆପାଟଣା, ଚନ୍ଦନପୁର ସମେତ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୬ଟି ପଞ୍ଚାୟତର ଦୈନିକ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳର ଏହା ଅନ୍ୟତମ ମୁଖ୍ୟରାସ୍ତା ହୋଇଥିବାରୁ ଏହା ଗୁରୁତ୍ୱ ବହନ କରୁଛି। ତେବେ ଏହି ରାସ୍ତାକୁ ଠିକ୍ ଢଙ୍ଗରେ ମରାମତି କରାଗଲେ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଅଞ୍ଚଳର ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଆଇଜରର ଦ୍ୱିତୀୟ ସମାବର୍ତ୍ତନ ସମାରୋହ

ଗୋପାଳପୁର,୨୨।୮(ଡିଏନଏ)- ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟସ୍ଥ ଲଉଡ଼ି ଗାଁ ନିକଟରେ ଥିବା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଜର)ର ସୋମବାର ଦ୍ୱିତୀୟ ବର୍ଷ ସମାବର୍ତ୍ତନ ଉତ୍ସବ ସ୍ଥାୟୀ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତୋ ବାଗଚି, ସମ୍ମାନିତ ଅତିଥି ଭାବେ ବୋର୍ଡ ଅଫ୍ ଗର୍ଣ୍ଣୋନ୍ସ ଅଧକ୍ଷ ସୁଧୀର ଉତ୍ତମଲାଲ ମେହେଟ୍ଟା ଯୋଗଦେଇଥିଲେ। ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର କେ.ଭି. ଚାରି ଅଧକ୍ଷତା କରିଥିଲେ। ଉପନିର୍ଦ୍ଦେଶକ ପ୍ରଫେସର ଯୋଗେନ୍ଦ୍ର ଶର୍ମା, ଡେପୁଟି ଡାଇରେକ୍ଟର ତଥା ଡିନ୍ ପ୍ରଫେସର ଏସ୍ ଏନ ମିଶ୍ର, ରେଜିଷ୍ଟ୍ରାର ବି.ଜେ ଆଚାର୍ଯ୍ୟୁଲୁଙ୍କ ସମେତ ସମସ୍ତ ଅଧାପକ ଓ ଅଧାପିକାମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବାଗଚି ନିଜ ବକ୍ତବ୍ୟରେ ବ୍ରହ୍ମପୁର ଆଇଜରର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଇଜର ନିର୍ଦ୍ଦେଶକ ପ୍ରଫେସର ଚାରି ବ୍ରହ୍ମପୁର ଆଇଜରର ୩୬ଜଣ ଅଧାପକ ଏବଂ ୭୦୫ଜଣ ଛାତ୍ରୀଛାତ୍ରଙ୍କ ସହାୟତାରେ ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରରେ ମୁଖ୍ୟ ସ୍ରୋତକୁ ଆଣିବା ଆହ୍ୱାନପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆଇଜର ଏହି ଦିଗରେ ଯଥା ସମ୍ଭବ ଅଗ୍ରଗତି କରିପାରିଥିବା କହିଥିଲେ। ଏହି ଅବସରରେ ବିଏସ୍-ଏମଏସ୍‌ରେ ସ୍ନାତକ ହାସଲ କରିଥିବା ୬୨ ଜଣ ଛାତ୍ରୀଛାତ୍ରଙ୍କ ସମେତ ବାୟୋଲୋଜିକାଲ ସାଇନ୍ସରେ ସୁକନ୍ୟା ଚକ୍ରବର୍ତ୍ତୀ, ହରିଶ କୁମାର ସେନାପତି, ଫିଜିକାଲ ସାଇନ୍ସର ନବେନ୍ଦୁ ଶେଖର ମିଶ୍ର, ବିଦ୍ୟାଭୂଷଣ କୁଣ୍ଡୁ, ରିଶବ ସାଗର, କେମିକାଲ ସାଇନ୍ସରେ ସୌମ୍ୟ ଦଫାଦାର, ଏ.ଏସ. ସୂର୍ଯ୍ୟା, ମେଥେମେଟିକାଲ ସାଇନ୍ସର ସ୍ୱୟମ ଗୁପ୍ତା ପ୍ରମୁଖ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଡ଼ା. ମଞ୍ଜୁନାଥ ଓ ଧର୍ମେନ୍ଦ୍ର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

### ରାଇକିଆ ଆଦର୍ଶ ବିଦ୍ୟାଳୟ
### ଯୁକ୍ତ ୨ ବିଜ୍ଞାନ ନାମଲେଖା ଆରମ୍ଭ

ରାଇକିଆ ୨୨।୮(ଡି .ଏନ.ଏ.) - କନ୍ଧମାଳ ଜିଲା ରାଇକିଆ ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷଠାରୁ ଯୁକ୍ତ ୨ ବିଜ୍ଞାନ ବିଭାଗ ଆରମ୍ଭ ହୋଇଛି। ଏଥିପାଇଁ ବିଧିବଦ୍ଧ ଭାବେ ଶିକ୍ଷାନୁଷ୍ଠାନ ପକ୍ଷରୁ ନାମ ଲେଖିବା ପାଇଁ ଘୋଷଣା କରାଯାଇଛି। ଚଳିତ ମାସ ୧୭ ତାରିଖରୁ ୨୫ ମଧ୍ୟରେ ପଞ୍ଜିକରଣ କରିବାକୁ ତାରିଖ ଦିଆଯାଇଛି। ଚଳିତ ଶିକ୍ଷା ବର୍ଷରେ ବିଜ୍ଞାନ ପାଇଁ ୮୦ ସିଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ନିୟମିତ ଇ ଲାଇବ୍ରେରୀ, ସ୍ମାର୍ଟ କ୍ଲାସ୍ ରୁମ୍, ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି, ଆଇସିଟି ଲାବ ମଧ୍ୟ ନୂତନ ଭାବେ ଉପଲବ୍ଧ ରହିଛି।

### ସାହାରା ଇଣ୍ଡିଆ ଜମାକାରୀଙ୍କ ବିକ୍ଷୋଭ

ଭଞ୍ଜନଗର,୨୨।୮(ଡି.ଏନ.ଏ):ଭଞ୍ଜନଗର ଅଞ୍ଚଳର ସାହାରା ଇଣ୍ଡିଆ ଜମାକାରୀମାନେ ବାନ୍ଧିଥିବା ଟଙ୍କା ଫେରି ପାଇବା ଦାବିନେଇ ସୋମବାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବାନ୍ଧିଥିବା ଟଙ୍କା ତୁରନ୍ତ ନ ମିଳିଲେ ଆଗାମୀ ଦିନରେ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି କେତେକ ଜମାକାରୀ ପ୍ରକାଶ କରିଛନ୍ତି।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ରମ୍ଭା,୨୨।୮ -ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସଙ୍କୁଳରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ଏମ୍.ନରସିଂହ ସୁବୁଦ୍ଧି, ଉପସଭାପତି ସୁଦର୍ଶନ ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ସହ ସମ୍ପାଦକ ଶ୍ରୀନିବାସ ସାହୁ, କୋଷାଧକ୍ଷ ଡି. ପଦ୍ମଲୋଚନ ଆଚାରୀ, ସଦସ୍ୟା ଝୁଲି ମିଶ୍ର ଓ ସରିତା ସେଠୀ, ମହେନ୍ଦ୍ର କୁମାର ସେନାପତି, ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନ ଉପସ୍ଥିତ ରହି ବିଜ୍ଞାନ, ଗଣିତ ଓ ସଂସ୍କୃତି ଜ୍ଞାନ ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଞ୍ଚରେ ଅଂଶଗ୍ରହଣ କରିଥିବା ସଙ୍କୁଳ (ଛତ୍ରପୁର, ରମ୍ଭା, ଗଞ୍ଜାମ, ନରେନ୍ଦ୍ରପୁର, ଗୋପାଳପୁର, ଭଞ୍ଜବିହାର) ଅନ୍ତର୍ଗତ ଶିଶୁ ବିଦ୍ୟାମନ୍ଦିରର କୁନି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଶ୍ୟାମସୁନ୍ଦର ମହାପାତ୍ର, ଅମିତା କୁମାରୀ ଡାକୁଆ, ଦେବେନ୍ଦ୍ର ନାହାକ, କୃତ୍ତିବାସ ନାହାକ, ପ୍ରତୀକ୍ଷା ପାତ୍ର, ରୋଜାଲିନ୍ ମହାପାତ୍ର, ଅରବିନ୍ଦ ପ୍ରଧାନ, ଲୋକନାଥ ବେହେରା, ମଧୁସୂଦନ ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଜୟ କୁମାର ବେହେରା କୃତୀ ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀଙ୍କ ବିରୋଧ ପ୍ରଦର୍ଶନ



ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ କର୍ମଚାରୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି ।

**ଫୁଲବାଣୀ ଅଫିସ, ୨୨।୮**

ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କ ଦରମା ବୃଦ୍ଧି କରି ଆସୁଛନ୍ତି । ହେଲେ ସରକାର ଏ ଦିଗରେ ଅହେତୁକ ବିଳମ୍ବ କରୁଛନ୍ତି । ଫଳରେ କର୍ମଚାରୀମାନେ ସୋମବାର ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଦୂରାରୋଗ ଏଡ୍‌ସରେ ପୀଡ଼ିତ ରୋଗୀଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରି ଏହି ରୋଗ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିବା କର୍ମଚାରୀଙ୍କ ନ୍ୟାଯ୍ୟ ବେତନ ବୃଦ୍ଧି ୨୦୧୭ରୁ ଦାବି ହୋଇଆସୁଥିଲେ ହେଁ ଏହାକୁ ପ୍ରଦାନ କରାଯାଉନାହିଁ। କର୍ମଚାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଚଞ୍ଚକତା କରି କର୍ମଚାରୀଙ୍କ ପ୍ରାପ୍ୟ ବୃଦ୍ଧି କରୁନାହାନ୍ତି। ଫଳରେ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ପାତରଅନ୍ତର କରି କାର୍ଯ୍ୟରତ ଡାକ୍ତରମାନଙ୍କ ଦରମା ପ୍ରାୟ ଦୁଇ ଗୁଣ ବୃଦ୍ଧି ହୋଇଛି । ହେଲେ କର୍ମଚାରୀଙ୍କୁ ଅଣଦେଖା କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମଠାରୁ ବହୁ ପୁରୁଣା । କିନ୍ତୁ କର୍ମଚାରୀମାନଙ୍କୁ ଇପିଏଫ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବରିଷ୍ଠତା ଭତ୍ତା ଇତ୍ୟାଦିରୁ ବଞ୍ଚିତ କରାଯାଇଛି । ତେଣୁ ବେତନ ବୃଦ୍ଧି ସହ ସମସ୍ତ ଦାବିକୁ ତୁରନ୍ତ ପୂରଣ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଏ ନେଇ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଘ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ ଦେବାଶିଷ ମିଶ୍ର, ଗୋବିନ୍ଦ ଚନ୍ଦ୍ର ଜେନା, ନନ୍ଦ କିଶୋର କହଁର, ଉଲ୍ଲାସ ଚରଣ ସ୍ୱାଇଁ, ଲକ୍ଷ୍ମୀଧର ମଣ୍ଡଳ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ବିରୋଧ ପ୍ରଦର୍ଶନ କରିଥିଲେ ।

# ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି


ଉପଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ଭଞ୍ଜନଗର,୨୨।୮(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ସହାୟକ ଜିଲାପାଳ ଅଞ୍ଜଳି ମାଝି, ସୁନନ୍ଦ ଶେଖର ସାହାଣୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ଉପଖଣ୍ଡ ହସ୍ପିଟାଲର ଡାକ୍ତର ଅନିଲ କୁମାର ଚୌଧୁରୀ, ଭଞ୍ଜନଗର ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବିନୟ କୁମାର ସାହୁ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ମାନସିକ ସ୍ୱାସ୍ଥ୍ୟ ସହାୟତା ସମ୍ପର୍କିତ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ପାରଳାଖେମୁଣ୍ଡି,୨୨।୮ (ଡି.ଏନ୍.ଏ)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜଳ ବିଭାଜିକା ସମ୍ମିଳନୀ ସଭାଗୃହରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ପ୍ରଭା’ ନେତୃତ୍ୱରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱରର ପିକକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ସହଯୋଗରେ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧକ୍ଷା ଅଳକା ସାହୁ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇଥିଲେ। ପ୍ରଭାର ସମ୍ପାଦକ ଏ.ଆପ୍ପାରାଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ପିକକ ଅନୁଷ୍ଠାନ ତରଫରୁ ପ୍ରଶିକ୍ଷକ ଶୀତଲ ପଟ୍ଟନାୟକ ବିଭିନ୍ନ ପରିସ୍ଥିତିରେ ଉଦ୍ଧାର ହୋଇ ଆସୁଥିବା ଶିଶୁମାନଙ୍କର ମନକୁ ବୁଝି, ସେମାନଙ୍କୁ କିପରି ଯତ୍ନ ଓ ସୁରକ୍ଷା ଦିଆଯିବ ଏବଂ ସେମାନଙ୍କର ଭବିଷ୍ୟତ ପ୍ରତି ଧ୍ୟାନ ଦିଆଯିବ ତାହା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଭାବେ ଅଙ୍ଗନବାଡି କର୍ମୀ, ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରାମର୍ଶଦାତା, ମନସ୍ତତ୍ତ୍ୱବିତ୍, ପଞ୍ଚାୟତର ସଭ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ, ବିଆରସିସି, ସିଆର୍‌ସିସି, ୱାନଷ୍ଟପ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ, ଚାଇଲ୍ଡଲାଇନର ସଭ୍ୟ, ଶିଶୁ ଯତ୍ନ ଓ ସୁରକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନର ପରାମର୍ଶଦାତା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ସନ ଏଡର ଜିଲା ସଂଯୋଜକ ବିକାଶ କୁମାର ମେହେର, ୟୁଏନଏଫ୍‌ଏର ଜିଲା ସଂଯୋଜିକା ସଂଯୁକ୍ତା ତ୍ରିପାଠୀ, ଚାଇଲ୍ଡଲାଇନର ଜିଲା ସଂଯୋଜକ ନାଗେଶ୍ୱର ଚୌଧୁରୀ, ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଡି.ମଲ୍ଲିକ ଏବଂ ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜିକା ସୁସ୍ମିତା ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।

### ଜନ୍ମାଷ୍ଟମୀ ମହୋତ୍ସବ ଉଦ୍‌ଯାପିତ

**ଦିଗପହଣ୍ଡି,୨୨।୮(ଡି.ଏନ.ଏ.)**

ଦିଗପହଣ୍ଡି ସାନବ୍ରାହ୍ମଣ ସାହି ସ୍ଥିତ ଶ୍ରୀ ଗୋପୀନାଥ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧକ୍ଷା କେ .ପୂଜା, କେ .କୁନା, ପୂର୍ବତନ ନଗରପାଳ ଉଦୟନାଥ ସ୍ୱାଇଁ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ଭି .ରବି ନାରାୟଣ ରାଜୁ, ସାଂସଦ ପ୍ରତିନିଧି ନିରୁପମା ପଟ୍ଟନାୟକ, ବ୍ରହ୍ମପୁର କର୍ପୋରେଟର ସୁରେନ୍ଦ୍ର ମହାରଣା, ସନ୍ଥଶ୍ରୀ ଦେବଦତ୍ତ ମେକାପ, ଗୌରୀ ମହାରାଜ, ଗୋପାଳକୃଷ୍ଣ ମେକାପ, ସଞ୍ଜୟ ପାଣିଗ୍ରାହୀ, ଗିରୀଜା ନନ୍ଦନ ମେକାପ, କୁରେଶୁ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମାଳରେ ଅହିଂସା ରଥ, ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ

**ଫୁଲବାଣୀ ଅଫିସ, ୨୨।୮**

କନ୍ଧମାଳ ଜିଲାରେ ସୋମବାର ପହଞ୍ଚିଛି ଗାନ୍ଧିଜୀଙ୍କ ଅହିଂସା ରଥ । ପୂର୍ବାହ୍ନ ୧୦ଟାରେ ନୟାଗଡ ଜିଲା ବାଣୀଗୋଚ୍ଛା ଠାରେ ରଥକୁ କନ୍ଧମାଳ ଜିଲା ପ୍ରଶାସନ ନୟାଗଡ ଜିଲା ପ୍ରଶାସନଠାରୁ ଗ୍ରହଣ କରିଛି । ଜିଲାର ଖଜୁରୀପଡାରେ ରଥକୁ କନ୍ଧମାଳ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବିଡିଓ, ବ୍ଲକ ଅଧକ୍ଷାଙ୍କ ସମେତ ଅନ୍ୟ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ ସ୍ୱାଗତ ଜଣାଇଛନ୍ତି । ଏହି ଅବସରରେ ଦୁଇଟି ସ୍ଥାନରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ସେଠାରୁ ଫୁଲବାଣୀ ଯିବା ବାଟରେ ପ୍ରଥମେ ପିରିକୁଡୀ ଏବଂ ପରେ ଗୁଦାରୀ ପଞ୍ଚାୟତ ସମ୍ମୁଖରେ ରଥକୁ ସ୍ୱାଗତ କରାଯାଇଥିଲା । ଏହାପରେ ଫୁଲବାଣୀ ଏଫସିଆଇ ଛକରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ରହି ରଥକୁ ସ୍ୱାଗତ କରି ଗାନ୍ଧି ସ୍ମୃତି ଭବନ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ବକ୍ତାମାନେ ଗାନ୍ଧିଜୀଙ୍କ ଜୀବନ କାଳ ମଧ୍ୟରେ ସତ୍ୟର ଯେଉଁ ପ୍ରୟୋଗ କରିଛନ୍ତି ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବିଧବା ପତ୍ନୀ ତିଳୋତ୍ତମା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ୨୪ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲାରେ ପରିକ୍ରମା କରିବ।

# ଏନ୍‌ଏସିର ଦୁଇ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୁଗୁଡା,୨୨।୮(ଡି.ଏନ.ଏ.)**

ବୁଗୁଡା ଏନ୍‌ଏସିର ଦୁଇ ଜଣ କର୍ମଚାରୀ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବା ଯୋଗୁଁ ସେମାନଙ୍କୁ ସୋମବାର ପୌରକର୍ମଚାରୀ ସଂଘ ଓ ପ୍ରଶାସନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବଦଳି ହୋଇଥିବା ରମେଶ ଚନ୍ଦ୍ର ସାହୁ ଓ ଗୋଲକ ବିହାରୀ ପ୍ରଧାନ ଦୁଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧକ୍ଷା ଗୀତାଞ୍ଜଳି ପାଢୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ବଦଳି ହୋଇଥିବା କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ଏନ୍‌ଏସି ଅଧକ୍ଷ ଓ ଉପାଧକ୍ଷାଙ୍କ ଦ୍ୱାରା ଓଡ଼ିଶା ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଲଗୁଣ୍ଠା ସହରର ଦୁଇଟି ପିତଳ ମାଛ ଉପହାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ପିତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ, ରଞ୍ଜନ ପ୍ରଧାନ, ବିରଞ୍ଚିନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଦୁଇ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ

# ରାଣୀଙ୍କ ଜୟନ୍ତୀରେ ୨୫୧ ୟୁନିଟ ରକ୍ତ ସଂଗ୍ରହ

**ଖଲ୍ଲିକୋଟ,୨୧।୮(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତେନ୍ତୁଳିଆପଲ୍ଲି ଗ୍ରାମରେ ରବିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଖଲ୍ଲିକୋଟ ରାଣୀ ଭି.ସୁଜ୍ଞାନ କୁମାରୀ ଦେଓଙ୍କ ୮୫ତମ ଜନ୍ମ ବାର୍ଷିକୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବ୍ଲକ ଉପାଧକ୍ଷା ଭାରତୀ ମହାରଣାଙ୍କ ସ୍ୱାମୀ କାଲୁରାମ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ସାବତ, ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରି ବେହେର, ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ମୀନତି ମଞ୍ଜରୀ ନାଏକ, ପ୍ରଶ୍ନ ଆଚାର୍ଯ୍ୟ, ମହେଶ୍ୱର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ସାସମଲ, ରାଜୁ ତରେଇ, ରାଘବ ଗୌଡ଼, ୧୧ନଂ ଜିଲା ପରିଷଦ ସଭ୍ୟ ସୋନମ ପଲେଇ, କିଶୋର ପଲେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ରକ୍ତଦାନ ଶିବିରରେ ୨୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ତେନ୍ତୁଳିଆପଲ୍ଲୀ ଗ୍ରାମର ସାମାଜିକ କର୍ମୀ ଅଚ୍ୟୁତ ସ୍ୱାଇଁ, ଆଦିତ୍ୟ ପଲେଇଙ୍କ ସମେତ ବହୁ ଯୁବକ ଏହି କାର୍ଯ୍ୟ ପରିଚାଳନା କରିଥିଲେ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ


ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟବୃନ୍ଦ।

**ବ୍ରହ୍ମପୁର ଅଫିସ,୨୨।୮**

### ବରିଷ୍ଠ ନାଗରିକଙ୍କୁ ଟ୍ରେନ୍ ଭଡ଼ା ରିହାତି ଉଚ୍ଛେଦ ଦୁର୍ଭାଗ୍ୟଜନକ

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୋମବାର ବିଜିପୁରଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ମହାରଣା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରଶାନ୍ତ କୁମାର ଶତପଥୀ ଓ ପ୍ରମୋଦ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ପୂର୍ବରୁ ଟ୍ରେନ୍ ଭଡ଼ାରେ ମହିଳାଙ୍କ କ୍ଷେତ୍ରରେ ୫୦% ଓ ପୁରୁଷଙ୍କ କ୍ଷେତ୍ରରେ ୪୦% ରିହାତି ମିଳୁଥିଲା। କିନ୍ତୁ ବର୍ତ୍ତମାନ ରେଳ ବିଭାଗ ପକ୍ଷରୁ ଏହି ରିହାତି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି। ଏହା ବରିଷ୍ଠ ନାଗରିକଙ୍କ ଟ୍ରେନ୍‌ରେ ଯାତ୍ରା କ୍ଷେତ୍ରରେ ବାଧକ ସାଜିଥିବା ସଂଘ କହିଛି। ଶିଳ୍ପପତି ଓ ବ୍ୟବସାୟୀଙ୍କୁ କୋଟି କୋଟି ଟଙ୍କା ଛାଡ଼ କରୁଥିବାରୁ ରାଷ୍ଟ୍ରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। କିନ୍ତୁ ବରିଷ୍ଠ ନାଗରିକଙ୍କ ଲାଗି ଟ୍ରେନ୍ ଟିକେଟରେ ରିହାତି ପୁନଃ ପ୍ରଚଳନ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଘ ପ୍ରକାଶ କରିଛି। ଏଣୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଟ୍ରେନ୍ ଯାତ୍ରାରେ ରିହାତି ବ୍ୟବସ୍ଥା ଲାଗୁ ପାଇଁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘ ଯୁଗ୍ମ ସମ୍ପାଦକ ସୀମାଞ୍ଚଳ ପତିଙ୍କ ସମେତ ରବି ନାରାୟଣ ସାବତ ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ଖଲ୍ଲିକୋଟ,୨୨।୮(ଡି.ଏନ.ଏ.)**

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ସୋମବାର ଖଲ୍ଲିକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଖଲ୍ଲିକୋଟ ଓ ପୁରୁଷୋତ୍ତମପୁର ଏନଏସିର ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଏହି ବୈଠକରେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧକ୍ଷ ଦୈତାରି ବେହେରା, ଏନଏସି ଅଧକ୍ଷ ନିରଞ୍ଜନ ବେହେରା, ସହରାଞ୍ଚଳ ଉନ୍ନୟନ ସଂସ୍ଥା ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ମନ୍ତ୍ରୀ ଉଷା ଦେବୀଙ୍କ ବ୍ୟକ୍ତିଗତ ସଚିବ ଏସ କେ ଜମିରୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ଖଲ୍ଲିକୋଟ ନଗରପାଳ ନିରଞ୍ଜନ ବେହେରା ଏନଏସିରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଖଲ୍ଲିକୋଟ ଏନଏସିରେ ତହସିଲଦାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତେଣୁ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀଙ୍କୁ ଏଠାରେ ନିଯୁକ୍ତି ଦେବା ପାଇଁ ଅଧକ୍ଷ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେଲା କଲ୍ୟାଣ ମଣ୍ଡପ ନିର୍ମାଣ ଅଧାପନ୍ତରିଆ ହୋଇରହିଛି। ଏହା ସମ୍ପୂର୍ଣ୍ଣ ପାଇଁ ଅଧିକ କୋଟିଏ ଟଙ୍କା ଆବଶ୍ୟକ, ପୁରୀ ଢାଞ୍ଚାରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ଅର୍ଥ ଆବଶ୍ୟକ, ଏନଏସିର ନୂତନ ଅଫିସ ବିଲ୍ଡିଂ ଓ ଷ୍ଟାଫ କ୍ୱାର୍ଟର ଆବଶ୍ୟକତା, ଖଲ୍ଲିକୋଟ ମେଡ଼ିକାଲର ଉନ୍ନତିକରଣ, ବସଷ୍ଟାଣ୍ଡର ଉନ୍ନତି କରଣ ପାଇଁ ଅର୍ଥର ଆବଶ୍ୟକତା ଆଦି ଦାବି କରିଥିଲେ ଅଧକ୍ଷ। ସେହିପରି ସାଲିଆ ପ୍ରକଳ୍ପରେ ଖଲ୍ଲିକୋଟ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଜଳ ଯୋଗାଣ ପାଇଁ ଖଲ୍ଲିକୋଟ ଏନଏସି ଦେଇ ପାଇପ ବିଛାଯିବ। ଯୋଗାଇବାକୁ ଥିବା ଜଳରୁ ୧୧ ହଜାର ଜଳ ବଳକା ରହୁଥିବାରୁ ଏହି ଜଳ ଏନଏସି ବାସିନ୍ଦାଙ୍କୁ ଯୋଗାଇବା ପାଇଁ ଦାବି କରିଥିଲେ। ଖଲ୍ଲିକୋଟ ମାନାପଲ୍ଲୀ ୮ କିମି ରାସ୍ତାକୁ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଗଲେ ଏହି ରାସ୍ତାର ଉନ୍ନତି ସମ୍ଭବ ହୋଇପାରିବ ବୋଲି ଅଧକ୍ଷ ନିରଞ୍ଜନ ବେହେରା କହିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳରେ ତାରାତାରିଣୀ ମନ୍ଦିର, ଯଉଗଡ଼ ଭଳି ପର୍ଯ୍ୟଟନ ସ୍ଥଳୀ ରହିଥିବାରୁ ଏଠାକୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏକ ଯାତ୍ରୀନିବାସର ଆବଶ୍ୟକତା ରହିଛି ବୋଲି ଏନଏସି ନିର୍ବାହୀ ଅଧିକାରୀ କହିଥିଲେ। ଏନଏସି କାର୍ଯ୍ୟାଳୟରେ ସ୍ଥାନ ଅଭାବ ଯୋଗୁଁ ଏନଏସିର ନୂତନ ବିଲ୍ଡିଂର ଆବଶ୍ୟକତା ରହିଛି। ନୂତନ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥର ଆବଶ୍ୟକତା ଅଛି। ପ୍ରବଳ ବର୍ଷା ହେଲେ ଋଷିକୂଲ୍ୟା ନଦୀରେ ବଢି ପାଣି ଆସି ଗାଁ ଗୁଡିକରେ ପଶୁଥିବାରୁ ନଦୀରେ ଗାର୍ଡୱାଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ ପୁରୁଷୋତ୍ତମପୁର ଏନଏସି ନିର୍ବାହୀ ଅଧିକାରୀ। ଏହାପରେ ମନ୍ତ୍ରୀ ଲଙ୍ଗଳେଶ୍ୱରରେ ଅର୍ବାନ ଯୋଜନାରେ ନିର୍ମିତ ମିଶନ ଶକ୍ତିର ଉଦ୍ୟମତା ଦକ୍ଷତା ବିକାଶ କେନ୍ଦ୍ରର ନୂତନ ଗୃହକୁ ଉଦଘାଟନ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅଧିକାରୀ।

**ଆର୍‌ଡିଙ୍କ ହାତରେ ଟ୍ରଷ୍ଟର ଦାୟିତ୍ୱ**

**ନୂଆଦିଲ୍ଲୀ:** ରାକେଶ ଝୁନଝୁନୱାଲାଙ୍କ ମୃତ୍ୟୁ ପରେ ତାଙ୍କର ସମ୍ପତ୍ତି କିଏ ସମ୍ଭାଳିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ବର୍ତ୍ତମାନର ଖବର ଅନୁସାରେ ରାକେଶ ଝୁନଝୁନୱାଲାଙ୍କ ସମ୍ପତ୍ତି ତାଙ୍କର ଅତି ଘନିଷ୍ଠ ବନ୍ଧୁ, ଗୁରୁ ତଥା ବ୍ୟବସାୟୀ-ନିବେଶକ ରାଧାକ୍ରିଷନ ଦମାନୀ ବା ଆରଡି ବୁଝିବେ। ଏପରି କି ରାକେଶ ଝୁନଝୁନୱାଲାଙ୍କ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟୀ ମଧ ଦମାନୀ ହୋଇଛନ୍ତି। ସେହିଭଳି ଝୁନଝୁନୱାଲାଙ୍କ ଅତି ଘନିଷ୍ଠ ସହଯୋଗୀ କଲ୍ପରାଜ ଧାରାଂଶୀ ଏବଂ ଅମଲ ପାରିଖ ଅନ୍ୟ ଦୁଇ ଟ୍ରଷ୍ଟୀ ଭାବେ ସାମିଲ ରହିଛନ୍ତି। ଅପରପକ୍ଷରେ ଫୋର୍ବସର ଆକଳନ ଅନୁସାରେ ୫.୮ ବିଲିୟନ ଡଲାରର ସମ୍ପତ୍ତି ସହ ଝୁନଝୁନୱାଲା ଭାରତର ୪୮ତମ ଧନୀ ବ୍ୟକ୍ତି ଏବଂ ତାଙ୍କର ଲିଷ୍ଟେଡ୍ ହୋଲଡିଂର ବର୍ତ୍ତମାନ ମୂଲ୍ୟ ୩୦,୦୦୦ କୋଟି ଟଙ୍କା ହେବ।

# ୪.୨ ଟ୍ରିଲିୟନ ଟଙ୍କା କାରବାର କରିଛି ଅଟୋ କମ୍ପୋନେଣ୍ଟ ସେକ୍ଟର



ନୂଆଦିଲ୍ଲୀ,୨୨।୮

ଭାରତୀୟ ଅଟୋ କମ୍ପୋନେଣ୍ଟ ଇଣ୍ଡଷ୍ଟ୍ରି ୨୦୨୧-୨୨ ରେ ସର୍ବାଧିକ ୪.୨ ଟ୍ରିଲିୟନ ଟଙ୍କା କାରବାର କରିଛି। ଏପରି କି ଗତ ଆର୍ôଥିକ ବର୍ଷରେ ରପ୍ତାନି ଏବଂ ପରବର୍ତ୍ତୀ ମାର୍କେଟରେ ଦୃଢ଼ ପ୍ରଦର୍ଶନ ଯୋଗୁ ୨୩% ଅଭିବୃଦ୍ଧି ପଞ୍ଜୀକରଣ କରିଛି ବୋଲି ସୋମବାର ଶିଳ୍ପ ସଂସ୍ଥା ଅଟୋମୋଟିଭ କମ୍ପୋନେଣ୍ଟ୍ ମାନ୍ୟୁଫାକ୍‌ଚର୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ଏସିଏମ୍‌ଏ) ପକ୍ଷରୁ କୁହାଯାଇଛି। ଏକ ଭର୍ଚୁଆଲ୍ ଖବରଦାତା ସମ୍ମିଳନୀରେ ଏସିଏମ୍‌ଏ କହିଛି ଯେ, ୨୦୨୧-୨୨ରେ ଅଟୋ ପାର୍ଟସର ଆମଦାନୀ ୩୩% ବୃଦ୍ଧି ଘଟିଛି, ସେହି ସମୟ ମଧ୍ୟରେ ରପ୍ତାନି ମଧ ୪୩% ବୃଦ୍ଧି ପାଇଛି। ଏପରି କି ୨୦୨୧-୨୨ରେ ଭାରତରେ ଅଟୋ କମ୍ପୋନେଣ୍ଟ ଇଣ୍ଡଷ୍ଟ୍ରି ୧.୪୧ ଟ୍ରିଲିୟନ ଟଙ୍କା ମୂଲ୍ୟର ଉପାଦାନ ରପ୍ତାନି କରିଥିଲା ବେଳେ ସମାନ ବର୍ଷରେ ମଧ ୧.୩୬ ଟ୍ରିଲିୟନ ଟଙ୍କା ମୂଲ୍ୟର ଅଟୋ ପାର୍ଟସ ଆମଦାନୀ ହୋଇଥିଲା ବୋଲି ସୂଚନା ମିଳିଛି। ମୋଟ ଅଟୋ ଉପାଦାନଗୁଡ଼ିକର ଆମଦାନୀ ମଧ୍ୟରୁ ପ୍ରାୟ ୩୦% ଚାଇନାରୁ ଆସିଛି ଏବଂ ଏହାକୁ ଏକ ନମ୍ବର ସ୍ଥାନ ଦେଇଛି। ଭାରତ ପାଇଁ ଅଟୋ ପାର୍ଟସର ୨ୟ ବୃହତ୍ତମ ଉତ୍ସ ହେଉଛି ଜର୍ମାନୀ, ଯାହା ପ୍ରାୟ ୧୧% ବୋଲି ଏସିଏମ୍‌ଏ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୩୨% ରପ୍ତାନିରେ ଉତ୍ତର ଆମେରିକା ୪୬% ଅଭିବୃଦ୍ଧି ହାସଲ କରିଛି। ୟୁରୋପ ୩୧% ଏବଂ ଏସିଆ ୨୫% କରି ଯଥାକ୍ରମେ ୩୯% ଏବଂ ୪୦ % ବୃଦ୍ଧି ପାଇଛନ୍ତି। ଗତ ଆର୍ଥିକ ବର୍ଷରେ ରପ୍ତାନି ହୋଇଥିବା ପ୍ରମୁଖ ସାମଗ୍ରୀଗୁଡ଼ିକ ମଧ୍ୟରେ ଡ୍ରାଇଭ୍ ଟ୍ରାନ୍ସମିଶନ୍ ଏବଂ ଷ୍ଟିଅରିଂ, ଇଞ୍ଜିନ୍ ଉପାଦାନ, ବଡି, ଚେସିସ, ସସ୍‌ପେନସନ ଏବଂ ବ୍ରେକ୍ସ ଆଦି ରହିଛି। ୨୦୨୧-୨୨ରେ ଅଟୋ କମ୍ପୋନେଣ୍ଟଗୁଡ଼ିକର ପରବର୍ତ୍ତୀ ମାର୍କେଟର କାରବାର ୭୪,୨୦୩ କୋଟି ଟଙ୍କା ଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୧୫% ଅଭିବୃଦ୍ଧି ଘଟିଛି। ୨୦୨୧-୨୨ରେ ପରବର୍ତ୍ତୀ ମାର୍କେଟର କାରବାର ପୂର୍ବ-ମହାମାରୀ ସ୍ତର ଅତିକ୍ରମ କରିଥିଲା, କାରଣ ରାସ୍ତାରେ ଅଧିକ ଯାନବାହନର ଦୀର୍ଘ ସମୟ ବ୍ୟବହାର ଫଳରେ ସେକେଣ୍ଡହାଣ୍ଡର ଚାହିଦା ବୃଦ୍ଧି, ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଏବଂ ଅନଲାଇନ୍ ରିଟେଲର ପରି ନୂତନ ବିକ୍ରୟ ଚ୍ୟାନେଲ ଏବଂ ମଲ୍ଟି ବ୍ରାଣ୍ଡ ଆଉଟଲେଟ୍ ବୃଦ୍ଧି ପାଇଥିବା ଏସିଏମ୍‌ଏ ମତବ୍ୟକ୍ତ କରିଛି।

# ପିଏନ୍‌ବି ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ଭୁବନେଶ୍ୱର,୨୨।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଅଞ୍ଚଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବନ୍ୟା ପ୍ରଭାବିତ ନିମାପଡା ଏବଂ ଗୋପ ଅଞ୍ଚଳର ଲୋକମାନଙ୍କୁ ୧୦୦୦ ପ୍ୟାକେଟ୍‌ର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ରିଲିଫ ସହାୟତା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନବି ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀଙ୍କ ଉପସ୍ଥିତିରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମାପଡାଠାରେ ରିଲିଫ୍ ଭ୍ୟାନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପ-ଅଞ୍ଚଳ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତ, ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଚିରଞ୍ଜନ ପୃଷ୍ଟି, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ମାର୍କେଟିଂ ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।




୭ମ ଜନ୍ମଦିନର ଶୁଭେଚ୍ଛା



AKSHITA ANANYA (Tisu)
ରଘୁନାଥପୁର, ନନ୍ଦନକାନନ
"ଜନମ ଦିନର ଶୁଭ ଅବସରେ ଠାକୁରେ ଦିଅ ଆଶିଷ, ପୁଷ୍ପିତ ହେଉ ତୋ ଚଲାପଥ ଝରୁଥାଉ ଓଠୁ ହସ"
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଅଜା, ଆଈ, ମିକୁନି ମାଉସୀ, ବାବା, ମାମା ବନ୍ଧୁ ଓ ପରିବାରବର୍ଗ
ଧ-୭୩୮୬୦

# ଆର୍‌ଆର୍‌ବି ପରୀକ୍ଷା ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୨।୮

ରେଳବାଇ ନିଯୁକ୍ତି ବୋର୍ଡ (ଆର୍‌ଆର୍‌ବି) ପରୀକ୍ଷା ପାଇଁ ଆଶାୟୀ ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନେଇ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏପରି କି ବିଭିନ୍ନ ସହରରେ କମ୍ପ୍ୟୁଟରୀକୃତ (ସିବିଟି) ପରୀକ୍ଷା ହେବାକୁ ଯାଉଥିବାରୁ ଆର୍‌ଆର୍‌ବି ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ରେଳପଥ ଯୋଜନା କରିଛି। ହାତିଆ-କଟକ ପରୀକ୍ଷା ବିଶେଷ ଟ୍ରେନ ୦୮୦୪୬-୦୮୦୪୫ ହାତିଆ-କଟକ-ହାତିଆ ପରୀକ୍ଷା ସ୍ପେଶାଲ୍ ହାତିଆରୁ ଅଗଷ୍ଟ ୨୨ ଏବଂ ୨୪ ଅପରାହ୍ନ ଘ.୪.୫୦ମି.ରେ ଛାଡ଼ିବାକୁ ଥିବାବେଳେ ଫେରିବା ମାର୍ଗରେ ଏହା କଟକଠାରୁ ଅଗଷ୍ଟ ୨୩ ଓ ୨୫ ରାତ୍ର ଘ.୯.୪୦ମି.ରେ ଛାଡି ହାତିଆ ଯାତ୍ରା କରିବ। ଏହି ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ହାତିଆ ଓ କଟକ ମଧ୍ୟରେ ରାଉରକେଲା, ଝାରସୁଗୁଡା, ସମ୍ବଲପୁରସିଟି, ଅନୁଗୋଳ ଓ ଢେଙ୍କାନାଳ ଷ୍ଟେଶନରେ ରହଣି କରିବାକୁ ଥିବାବେଳେ ଏଥିରେ ୨ଟି ଏସି-୩ ଟାୟାର୍, ୪ଟି ସ୍ଲିପର୍ କ୍ଲାସ୍, ୩ଟି ୨ୟ ଶ୍ରେଣୀ ଚେୟାର୍ କାର୍, ୫ଟି ସାଧାରଣ ୨ୟ ଶ୍ରେଣୀ ଏବଂ ୨ଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଆଦି ଉପଲବ୍ଧ ରହିଛି।

# ଜେସିବି ଇଣ୍ଡିଆ ସହ ୟୁବିଆଇର ଚୁକ୍ତିପତ୍ର ସ୍ୱାକ୍ଷର




ଭୁବନେଶ୍ୱର,୨୨।୮

ଜେସିବି ଗ୍ରାହକମାନଙ୍କୁ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ପ୍ରଦାନ କରିବା ପାଇଁ ଜେସିବି ଇଣ୍ଡିଆ ଲିଃ (ଜେସିବି) ସହ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛି। ଏହି ଅଂଶୀଦାରି ଅଧୀନରେ ୟୁବିଆଇ ଏବଂ ଜେସିବି ଉଭୟ ନିଜ ନିଜର ସମ୍ବଳକୁ ଏକାଠି କରିବାକୁ ଏବଂ ପାରସ୍ପରିକ ଲାଭ ପାଇଁ ପରସ୍ପର ସହ ଯୋଡ଼ି ହୋଇ ରହିବା ଲାଗି ସହମତି ପ୍ରକାଶ କରିଥିଲେ। ଫଳରେ ବ୍ୟାଙ୍କର ବ୍ୟାପକ ଉପସ୍ଥିତି ସାରା ଦେଶରେ ଥିବା ଜେସିବି ମେଶିନ୍‌ର କ୍ରେତାମାନଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବାକୁ ୟୁବିଆଇ ଜେସିବି ଇଣ୍ଡିଆକୁ ସାହାଯ୍ୟ କରିବ। ଜେସିବି ଇଣ୍ଡିଆ ଭାରତରେ ନିର୍ମାଣ ସମ୍ବନ୍ଧୀୟ ଉପକରଣଗୁଡ଼ିକର ସବୁଠାରୁ ବଡ଼ ନିର୍ମାତା ସହ ଗ୍ଲୋବାଲ ଜେସିବି ଗ୍ରୁପ୍ ୟୁକେର ଅଂଶ ଅଟେ। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ଉଭୟ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ (ଏମ୍‌ଏସ୍‌ଏମ୍‌ଇ) ସି.ଏମ୍. ମିନୋଚା ଏବଂ ଜେସିବି ଇଣ୍ଡିଆ ଲିମିଟେଡ୍‌ର ଆସୋସିଏଟ ଭାଇସ୍ ପ୍ରେସିଡେଣ୍ଟ ଏବଂ ମୁଖ୍ୟ ରିଟେଲ ଫାଇନାନ୍ସ ଅନୁଜ ତୋମାରଙ୍କ ମଧ୍ୟରେ ଉକ୍ତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା।

# ଠକାମି ଏସ୍‌ଏମ୍‌ଏସ୍ ପ୍ରତି ସାବଧାନ

ଭୁବନେଶ୍ୱର,୨୨।୮

ବିଦ୍ୟୁତ୍ ଗ୍ରାହକଙ୍କ ବିରୋଧରେ ଘଟୁଥିବା ସାଇବର ଠକାମିର ବର୍ଦ୍ଧିତ ସଂଖ୍ୟାକୁ ବିଚାରକୁ ନେଇ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏଭଳି ଅସାଧୁ ତତ୍ତ୍ୱଙ୍କ ବିରୋଧରେ ପୁଣି ଥରେ ପରାମର୍ଶବଳୀ ଜାରି କରାଯାଇଛି। ଏହି ଅସାଧୁ ତତ୍ତ୍ୱମାନେ ଏସ୍‌ଏମ୍‌ଏସ୍ ଜରିଆରେ ବିଦ୍ୟୁତ୍ ସଂଯୋଗ କାଟିବା ଲାଗି ଧମକ ଦେଇ ଗ୍ରାହକମାନଙ୍କୁ ନିଜର ଠକାମି ଜାଲରେ ଫସାଇବାକୁ ଉଦ୍ୟମ କରୁଛନ୍ତି। ବିଦ୍ୟୁତ୍ ଯୋଗାଣ କିମ୍ବା ବିଚ୍ଛିନ୍ନକୁ ନେଇ କୌଣସି ସ୍ପଷ୍ଟୀକରଣ ଦରକାର ଥିଲେ ୨୪ଘଣ୍ଟିଆ ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୯୧୨-୧୮୦୦୩୪୫୭୧୨୨ରେ ଯୋଗାଯୋଗ କରିବାକୁ ଡିସ୍‌କମ୍ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସାଇବର୍ ଠକମାନେ ପୂର୍ବ ମାସ ବିଦ୍ୟୁତ୍ ଦେୟ ପଇଠ ହୋଇ ନ ଥିବା ବାହାନା କରି ସେହିଦିନ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିବା ଲାଗି ଧମକ ଦେଇ ଗ୍ରାହକଙ୍କ ପାଖକୁ ମେସେଜ୍ ପଠାଉଛନ୍ତି।

# ଜେଏସ୍‌ପିକୁ ୨ଟି ବର୍ଗରେ ଜାତୀୟ ସିଏସ୍‌ଆର୍ ପୁରସ୍କାର


ଶାଲୁ ଏବଂ ନବୀନ ଜିନ୍ଦଲ।

ଭୁବନେଶ୍ୱର,୨୨।୮

କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟ ନିମନ୍ତେ ଭାରତ ସରକାରଙ୍କ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ ଜାତୀୟ ସିଏସ୍‌ଆର୍ ପୁରସ୍କାର-୨୦୨୦ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସ୍‌ପି)କୁ ଦୁଇଟି ବର୍ଗରେ ବିଜେତା ଘୋଷଣା କରାଯାଇଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ପ୍ରେସ ବିଜ୍ଞପ୍ତି ଅନୁଯାୟୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଆକାଂକ୍ଷା ଜିଲା-ଦୁର୍ଗମ ଅଞ୍ଚଳରେ ସିଏସ୍‌ଆର୍ (ପୂର୍ବ ଜୋନ) ଏବଂ ଜାତୀୟ ପ୍ରାଥମିକତା କ୍ଷେତ୍ରରେ ଅବଦାନ (ଦିବ୍ୟାଙ୍ଗଙ୍କୁ ସହାୟତା) ଶ୍ରେଣୀରେ ବିଜେତା ଭାବେ ମନୋନୀତ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଭାରତର ୩ ପ୍ରତିଷ୍ଠିତ ଅନୁଷ୍ଠାନ, ଇଣ୍ଡଷ୍ଟ୍ରି ଓ ବାଣିଜ୍ୟ ଚାମ୍ବର ଏବଂ ଗୋଷ୍ଠୀ ସମୂହଙ୍କ ସହ ସିଧାସଳଖ କଥାବାର୍ତ୍ତା ପରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଏକ ତିନି ପର୍ଯ୍ୟାୟ ଚୟନ ପ୍ରକ୍ରିୟା ପରେ ଜେଏସ୍‌ପି ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି।

ଏ ସମ୍ପର୍କରେ ଜେଏସ୍‌ପିର ଚେୟାରମ୍ୟାନ ନବୀନ ଜିନ୍ଦଲ କହିଛନ୍ତି, ଲୋକଙ୍କ ସହଭାଗିତା ତଥା ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେଇ ଶିଳ୍ପାୟନ ମାଧ୍ୟମରେ ଆମେ ସାମଗ୍ରିକ ବିକାଶ ନିମନ୍ତେ କାର୍ଯ୍ୟ କରିବାରେ ବିଶ୍ୱାସ କରୁ। ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ନିମନ୍ତେ ସିଏସ୍‌ଆର୍ ମାଧ୍ୟମରେ ଆମେ ବିଭିନ୍ନ ବହୁମୁଖୀ ସାମାଜିକ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛୁ। ଏହି ପୁରସ୍କାର ନିଶ୍ଚିତ ଭାବେ ଆମ ପାଇଁ ଏକ ବଡ ସ୍ୱୀକୃତି ଏବଂ ଆମ ପାଇଁ ସର୍ବଦା ଜନସାଧାରଣ ହିଁ ପ୍ରଥମ।

## ଫୁର୍‌ସତ୍

# ସାଇକେଲ ପ୍ରିୟ ଦେଶ ନେଦରଲ୍ୟାଣ୍ଡସ୍

**ୱାଶିଂଟନ:** ବିଶ୍ୱର ସବୁଠାରୁ ବାଇକ୍ ଫ୍ରେଣ୍ଡଲି ସିଟି ତାଲିକାର ଶୀର୍ଷରେ ନେଦରଲ୍ୟାଣ୍ଡସ୍‌ର ୟୁଟ୍ରେଚ୍ ସହର ରହିଛି। ଚଳିତ ବର୍ଷ ଗ୍ଲୋବାଲ ବାଇସାଇକେଲ ଇନ୍‌ଡେକ୍ସ ବିଶ୍ୱର ୯୦ ସହରକୁ ତାଲିକାଭୁକ୍ତ କରିଛନ୍ତି। ସହରରେ ବାଇସାଇକେଲ ବ୍ୟବହାରକାରୀଙ୍କ ସଂଖ୍ୟାକୁ କେନ୍ଦ୍ର କରି ଏହି ସୂଚୀ ପ୍ରସ୍ତୁତ କରାଯାଇଛି। ଏଥିସହ ଅପରାଧ, ସୁରକ୍ଷା, ନିର୍ମାଣ, ପାଣିପାଗ, ବାଇକ୍ ଶେୟାରିଂ ଇଭେଣ୍ଟ ଏବଂ ବାଇସାଇକେଲ ନେଇ ଜଡ଼ିତ ସମାରୋହକୁ ଦୃଷ୍ଟିରେ ରଖି ଏହି ତାଲିକା ପ୍ରସ୍ତୁତ। ୟୁରୋପ ଏହି ସୂଚୀରେ ଆଗରେ ରହିଛି। ଏହାର ମୁଖ୍ୟ କାରଣ ଏଠାରେ ଉନ୍ନତ ପ୍ରଣାଳୀରେ ବାଇ ସାଇକେଲମାନ ତିଆରି କରାଯାଉଛି। ଆମେରିକା ଟପ୍ ୨୦ରେ ନ ଥିବାବେଳେ ବୋଷ୍ଟନ. ନ୍ୟୁୟର୍କ, ୱାଶିଂଟନ ଡିସି, ଲସ୍ ଆଞ୍ଜେଲ୍ସ ଆଦି ସହରର ନାମ ତାଲିକାରେ ଅନ୍ତର୍ଭୁକ୍ତ ରହିଛି।



ବିଶ୍ୱର ବାଇକ୍ ଫ୍ରେଣ୍ଡଲି ସିଟି ମଧ୍ୟରୁ ନେଦରଲ୍ୟାଣ୍ଡସ୍‌ର ୟୁଟ୍ରେଚ୍‌ର ନାମ ସର୍ବାଗ୍ରେ ରହିଛି। ଏହି ସହରର ମୋଟ ଜନସଂଖ୍ୟାର ୫୧ ପ୍ରତିଶତ ଲୋକ ସାଇକେଲ ବ୍ୟବହାର କରନ୍ତି। ଦ୍ୱିତୀୟ ସ୍ଥାନରେ ରହିଛି ଜର୍ମାନୀର ମୁଷ୍ଟର ସହର। ପ୍ରତିବର୍ଷ ବାଇ-ସାଇକେଲକୁ ନେଇ ଜର୍ମାନରେ ସବୁଠାରୁ ଅଧିକ ଇଭେଣ୍ଟ କରାଯାଉଥିବାବେଳେ ସାଇକେଲ ଚଳାଇବା ପାଇଁ ଦେଶବାସୀଙ୍କୁ ପ୍ରୋତ୍ସାହନ ଯୋଗାଯାଉଛି। ସେହିପରି ବେଲଜିୟମର ଅଣ୍ଟୱେରପ୍ ସିଟି ତୃତୀୟ ସ୍ଥାନ ଅଧିକାର କରିଛି। ଏଠାରେ କମ୍ ମୂଲ୍ୟରେ ବାଇସାଇକେଲ ମିଳିଥାଏ। ଏଥିସହ ସହର ସାରା ବାଇକ୍ ଶେୟାରିଂ ସିଷ୍ଟମ ଥିବାବେଳେ ସାଇକେଲ ଚାଳକଙ୍କ ପାଇଁ ସହରରେ ୪ ହଜାର ସ୍ୱତନ୍ତ୍ର ରାସ୍ତା ତିଆରି କରାଯାଇଛି। ସେହିପରି ଡେନମାର୍କର କୋପେନହାଗେନ୍ ସହର, ନେଦରଲ୍ୟାଣ୍ଡସ୍‌ର ଆମଷ୍ଟରଡାମ, ସ୍ୱିଡେନର ମାଲମୋ, ଚାଇନାର ହାଙ୍ଗଜହାଓ ଏବଂ ସୁଇଜରଲ୍ୟାଣ୍ଡସ୍‌ର ବର୍ନ ସହରର ନାମ ଉକ୍ତ ତାଲିକାର ଟପ୍ ୧୦ରେ ରହିଛି।



# ଫିଲ୍ମ ଫେୟାରରୁ କଙ୍ଗନା ବାଦ୍

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଫିଲ୍ମ ଫେୟାର ଆୱାର୍ଡରୁ ବାଦ୍ ପଡ଼ିଛନ୍ତି। ଫିଲ୍ମ 'ଥଲାଇଭି' ପାଇଁ ତାଙ୍କ ନାମ ଶ୍ରେଷ୍ଠ ଅଭିନେତ୍ରୀ ଲାଗି ମନୋନୀତ କରାଯାଇଥିଲା। କିନ୍ତୁ ଫିଲ୍ମ ଫେୟାର ଏବେ କଙ୍ଗନାଙ୍କ ନାମ ହଟାଇ ଦେଇଛି। ଫିଲ୍ମ ଫେୟାର କଙ୍ଗନାଙ୍କୁ ବାରମ୍ବାର ଫୋନ୍ କରି ହଇରାଣ କରୁଥିବା ନେଇ ସେ ଏକ ପୋଷ୍ଟ ଶେୟାର କରିବା ସହ କୋର୍ଟରେ ଏ ନେଇ ଅଭିଯୋଗ କରିବେ ବୋଲି କଙ୍ଗନା କହିଛନ୍ତି। ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଫିଲ୍ମ ଫେୟାର ନିଜ ପ୍ରତିକ୍ରିୟା ରଖିଛି। ୩୦ରେ ହେବାକୁ ଥିବା ଫିଲ୍ମ ଫେୟାର ସମାରୋହରେ ଯୋଗ ଦେବା ଲାଗି କଙ୍ଗନାଙ୍କୁ ନିମନ୍ତ୍ରଣ କରାଯିବାର ଥିଲା। ସେଥିଲାଗି ନାୟିକାଙ୍କୁ ଫୋନ୍ ଯୋଗେ ଠିକଣା ମଗାଯାଇଥିଲା।

# କାର୍ ଚଳାଉଛନ୍ତି ମୂଷା

ୱାଶିଂଟନ୍




ଆମେରିକାର ରିଚ୍‌ମଣ୍ଡ ୟୁନିଭର୍ସିଟିରେ ମୂଷାମାନେ କାର୍ ଚଳାଉଛନ୍ତି। ମନୁଷ୍ୟମାନେ ବ୍ୟବହାର କରୁଥିବା କାର୍ ନୁହେଁ ବରଂ ପ୍ଲାଷ୍ଟିକ୍ ଖୋଳାରେ ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରକାର କାର୍‌କୁ ମୂଷାମାନେ ଚଳାଉଥିବାର ଦେଖିବାକୁ ମିଳିଛି। ଯାନ ଚଳାଇବାର କଳା ମୂଷାଙ୍କ ପାଖରେ ରହିଛି। ୟୁନିଭର୍ସିଟିରେ କାର୍ଯ୍ୟରତ ଅଧ୍ୟାପକ କେଲି ଲାମ୍ବର୍ଟ ଏହି ବିଶେଷ ପ୍ରକାର କାର୍ ତିଆରି କରିଛନ୍ତି। ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ବକ୍ସରେ ତିଆରି ହୋଇଥିବା ଏହି କାରର ତଳ ଅଂଶ ଆଲୁମିନିୟମ୍‌ରେ ତିଆରି ହୋଇଛି। କାର୍ ଭିତରେ ୩ଟି କପର୍ ବାର୍ ରହିଛି। ଏହି ବାର୍‌ଗୁଡ଼ିକୁ ଛୁଇଁବାମାତ୍ରେ କାର୍ ଷ୍ଟାର୍ଟ ହୋଇଯାଏ। ବାମ ପାର୍ଶ୍ୱରେ ଥିବା ବାର୍‌କୁ ଛୁଇଁବା ଦ୍ୱାରା କାର୍‌ଟି ବାମ ଓ ଡାହାଣ ବାର୍ ଦ୍ୱାରା ଡାହାଣ ପାଖକୁ ଯାଇଥାଏ। ମୋଟ ଭାବେ ୬ ମାଈ ଏବଂ ୪ ଅଣ୍ଡିରା ମୂଷାକୁ ଏଥିରେ ସାମିଲ କରାଯାଇଛି। ୪ ସ୍କୋୟାର୍ ମିଟର ପରିମିତ ସ୍ଥାନରେ ମୂଷାଙ୍କ ପାଇଁ ସ୍ୱତନ୍ତ୍ର ପ୍ରକାର ବାଟ ତିଆରି କରାଯାଇଛି। ବାର୍‌ଗୁଡ଼ିକ ଛୁଇଁବା ପାଇଁ ମୂଷାଙ୍କୁ ଖାଦ୍ୟର ଲୋଭ ଦେଖାଯାଉଛି। ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରକାର ରୁଟର ବିଭିନ୍ନ ଭାଗରେ ଖାଦ୍ୟ ରଖାଯାଉଛି। କାର୍ ଚଳାଇବାରେ ମୂଷାଙ୍କ ଅନୁଭୂତି ବିଷୟରେ ଜାଣିବା ପାଇଁ ଗବେଷକମାନେ ଏହି ସ୍ୱତନ୍ତ୍ର ଧରଣର ଗବେଷଣା କରୁଥିବା କୁହାଯାଉଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ଦୀପିକା ପାଢ଼ୀ
ହିଣ୍ଡାଲ୍‌କୋ, ରିଭର ସାଇଡ୍ କଲୋନୀ, ହୀରାକୁଦ୍
ଆବିର୍ଭାବ: ୨୮।୧୧।୧୯୭୩
ତିରୋଧାନ: ୧୩।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
(ବଡ଼ପୁଅ) ଅଭିଷେକ ପାଢ଼ୀ, (ସାନପୁଅ) ଅଭିଜିତ୍ ପାଢ଼ୀ, (ସ୍ୱାମୀ) କ୍ରିଷ୍ଣା ପାଢ଼ୀ, ଶୋକସନ୍ତପ୍ତ: ପାଢ଼ୀ ପରିବାର, ଡଃ ସଂଯୁକ୍ତା ତ୍ରିପାଠୀ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୩୨୭

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ବୈଷ୍ଣବ ଚରଣ ପଣ୍ଡା
ଦାନପୁର (ଡେରାବିଶ) କେନ୍ଦ୍ରାପଡ଼ା
ଆବିର୍ଭାବ: ୦୪।୧୦।୧୯୪୨
ତିରୋଧାନ: ୧୨।୦୮।୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷ ପଣିଆ, ଦୂରଦୃଷ୍ଟି ସମ୍ମାନ ବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତି ହୋଇ ରହିବ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୩୨୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ଶାନ୍ତିଲତା ପ୍ରଧାନ
(ଅବସରପ୍ରାପ୍ତ ମୁଖ୍ୟ ଶିକ୍ଷୟିତ୍ରୀ)
ଏଲ୍-୮୮, ପି.କେ. ଆର୍.ଆଇ.ଟି. କଲୋନୀ, ପୁରୀ
ଆବିର୍ଭାବ: ୦୧।୦୪।୧୯୩୮
ତିରୋଧାନ: ୨୩।୦୮।୨୦୨୦
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ଏବେବି ଆପଣଙ୍କ କଥା ସବୁ ସମୟରେ ମନେ ପଡ଼େ। ଆପଣଙ୍କର ସ୍ଥାନ ଅପୂରଣୀୟ। ଆପଣଙ୍କ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦା ସର୍ବଦା ମନେରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ରାମଚଣ୍ଡୀଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ସରିତା ବିଦ୍ୟାଧର (ରୁବି)- ବୋହୂ ପ୍ରୀତିନନ୍ଦା ବିଦ୍ୟାଧର (ନେହା)- ନାତୁଣୀ, ବନ୍ଧୁ ଓ ସମସ୍ତ ପରିବାରବର୍ଗ।
ଧ-୭୩୭୧୫

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସୁଲୋଚନା ଭଞ୍ଜ
ମୀନାବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୯୩୮
ତିରୋଧାନ: ୧୩।୦୮।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ନିର୍ମଳ, ବୋହୂ: ଜୟନ୍ତୀ, ଝିଅ: ପ୍ରେମ, ଝୁନା, ମୁନି, ଜ୍ୱାଇଁ: ନରେନ୍ଦ୍ର, ସଞ୍ଜୟ, ନାତିନାତୁଣୀ- ପିଙ୍କି, ମିଜୁଲ, ନିଜୁଲ, ଡିମ୍ପଲ, ନିତୁଲ, ଡାତୁଲ, ନାତୁଣୀବୋହୂ: ମାମା, ଅଣନାତି ନାତୁଣୀ- ଲିପନ, ଲୋସନ ଏବଂ ବନ୍ଧୁ ପରିବାରବର୍ଗ।
ଧ-୭୪୦୦୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତି ପ୍ରିୟା ପଟ୍ଟନାୟକ
ଆଇନଜୀବୀ ଓ ସମାଜସେବିକା
ମାତୃ ଭବନ, କଟକ ରୋଡ଼, ଭୁବନେଶ୍ୱର
ଆବିର୍ଭାବ : ୦୬.୦୧.୧୯୫୫
ତିରୋଧାନ : ୦୪.୦୯.୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା, ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ଶୂନ୍ୟସ୍ଥାନ କେବେ ମଧ ପୂରଣ ହେବନାହିଁ ଏହା ହିଁ ସତ୍ୟ। ତୁମର କର୍ତ୍ତବ୍ୟନିଷ୍ଠା, ଭଲପାଇବା ଓ ଆଶୀର୍ବାଦ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ, ମହାପ୍ରଭୁ ଜଗନ୍ନାଥ ଓ ମା ବୁଢ଼େଶ୍ୱରୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ସ୍ୱାମୀ - ପ୍ରଶାନ୍ତ (ଫକୁ),
ଝିଅ ଜ୍ୱାଇଁ : ପ୍ରଜ୍ଞା, ମୁନା, ପ୍ରାଚୀ, ଅରୁଣ, ପୂଜା,
ନାତୁଣୀ-ଗୁନ୍ ଗୁନ୍, ଟୁକ୍ ଟୁକ୍, ସାଇବା ଓ ପରିବାରବର୍ଗ
ଧ-୧୩୩୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମଞ୍ଜୁଲତା ବେହେରା
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ: ତା୨୧।୦୨।୧୯୭୩ରିଖ
ତିରୋଧାନ: ତା୧୩।୦୮।୨୦୨୨ରିଖ
ତୁମର ବିୟୋଗରେ ଆମେ ସମସ୍ତେ ଗଭୀର ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆଜିର ଏହି ଏକାଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପରମ ପ୍ରେମମୟ, ବିଶ୍ୱଠାକୁର, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନିହାର, ଚିଣ୍ଟୁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୩୨୯



ଫ୍ୟାଶନ

# ବର୍ଷାଦିନେ ଦିଶିବେ ଷ୍ଟାଇଲିଶ୍

**ସୁନ୍ଦର ଦେଖାଯିବା ସହିତ ଆରାମଦାୟକ ଅନୁଭବ ପାଇଁ ବର୍ଷାଦିନେ ଠିକ୍ ପୋଷାକ ଚୟନ କରିବା ନିହାତି ଆବଶ୍ୟକ। ତେଣୁ ଏହି ଋତୁରେ କେଉଁ ଫାବ୍ରିକର ପୋଷାକ ପିନ୍ଧିବେ ଜାଣିରଖନ୍ତୁ...**

➤ବର୍ଷାଦିନେ ଶୀଘ୍ର ଶୁଖିଯାଉଥିବା ଭଳି ଫାବ୍ରିକ ବ୍ୟବହାର କରନ୍ତୁ। କିନ୍ତୁ ଟ୍ରାନ୍ସପରେଣ୍ଟ ଫାବ୍ରିକ ପିନ୍ଧନ୍ତୁ ନାହିଁ। କାରଣ ବର୍ଷାରେ ସାମାନ୍ୟ ଓଦା ହୋଇଗଲେ ଅଶ୍ୱସ୍ତିବୋଧ କରିବେ।

➤ବର୍ଷାଦିନେ ଶର୍ଟ ଷ୍ଟାଇଲ୍ ବହୁତ ଭଲ। ତେଣୁ ଆଙ୍କେଲ ଲେନ୍ଥ କିମ୍ବା ଥ୍ରି ଫୋର୍ଥ ଲେଗିଙ୍ଗ୍‌ସ ସହିତ କୁର୍ତ୍ତି ପିନ୍ଧିପାରିବେ।

➤ବ୍ରାଇଟ୍ ଏବଂ ବୋଲ୍ଡ କଲରର ପୋଷାକ ଏହି ଋତୁରେ ବେଶ୍ ଭଲ ଲାଗିବ।

➤ଏହି ଋତୁରେ ଟ୍ରାନ୍ସପରେଣ୍ଟ ଲଙ୍ଗ୍ ରେନ୍‌କୋଟ୍ ପିନ୍ଧନ୍ତୁ, ବହୁତ ସୁନ୍ଦର ସୁନ୍ଦର ଏବଂ ଫ୍ୟାଶନେବଲ୍ ଲାଗିବ।

➤ବର୍ଷାଦିନେ ଶିଫନ୍, ଲାଇଲନ୍ ଏବଂ ସିଲ୍କ ଫାବ୍ରିକ୍ ମଧ୍ୟ ପିନ୍ଧିବା ଆରାମଦାୟକ। ଏହି ଫାବ୍ରିକର ପୋଷାକ ବର୍ଷାଦିନେ ଓଦା ହୋଇଗଲେ ଖୁବ୍ ଶୀଘ୍ର ଶୁଖିଯାଇଥାଏ। ଶିଫନ୍ ଫାବ୍ରିକର ଡ୍ରେସ୍ ବହୁତ ହାଲ୍‌କା ଏବଂ ମୁଲାୟମ ହୋଇଥିବାରୁ ପିନ୍ଧିବାକୁ ମଧ୍ୟ ବହୁତ ଆରାମଦାୟକ ହୋଇଥାଏ। ସୁନ୍ଦର ପ୍ରିଣ୍ଟେଡ୍ ଶିଫନ ଫାବ୍ରିକର ପୋଷାକ ଦେଖିବାକୁ ବି ବହୁତ ଭଲ ଲାଗିଥାଏ।

➤ବର୍ଷାଦିନେ ଡେନିମ୍‌ର ଫାବ୍ରିକ୍ ପିନ୍ଧିବା ଆଦୌ ଉଚିତ ନୁହେଁ ବୋଲି ଅନେକେ ଭାବନ୍ତି। କିନ୍ତୁ ଡେନିମ୍ ପିନ୍ଧିବାର ବି କିଛି ସୁବିଧା ନିଶ୍ଚୟ ରହିଛି। ଏହା ପିନ୍ଧିବାକୁ ଆରାମଦାୟକ ହେବା ସହ ସହଜରେ ଖରାପ ହୋଇ ନ ଥାଏ। କାରଣ ଏହି ଫାବ୍ରିକରେ ଦାଗ ସହଜରେ ଲାଗି ନ ଥାଏ। ତେଣୁ ବେଳେବେଳେ ଏହି ଫାବ୍ରିକ ପିନ୍ଧିଲେ ବି ଫ୍ୟାଶନେବଲ ଲାଗିଥାଏ।



➤କର୍ଟନର ପୋଷାକକୁ ଏଭରଗ୍ରିନ୍ ଫାବ୍ରିକ୍ କୁହାଯାଏ। ତେଣୁ ବର୍ଷାଦିନେ ଏହି ଫାବ୍ରିକର ପୋଷାକ ପିନ୍ଧିବା ବହୁ ଆରାମଦାୟକ। ଏହି ପୋଷାକ ବର୍ଷାଦିନେ ଓଦା ହୋଇଗଲେ ବି ଶରୀରରେ ଲାଗିଯାଏ ନାହିଁ ଏବଂ ଓଦା ହେବା ପରେ ଏହା ମଧ୍ୟ ଶୀଘ୍ର ଶୁଖିଥାଏ। ବର୍ଷାଦିନେ କର୍ଟ ମେକ୍ସି ଡ୍ରେସ୍, ସ୍କର୍ଟ, ଟପ୍ ଓ କୁର୍ତ୍ତା ବହୁତ ଲାଗିବ।

# ହୋମ୍ ମ୍ୟାନେଜର

**କିଏ କହେ କଞ୍ଜୁସ୍ ତ କିଏ କହେ ମିତବ୍ୟୟୀ। କିନ୍ତୁ ସାମ୍ପ୍ରତିକ ବଜାର ସ୍ଥିତିକୁ ଦେଖି ଏବେ ସତର୍କ ହୋଇଛନ୍ତି ସେମାନେ। ଆବଶ୍ୟକତା ଦେଖି କିଣାକିଣି କରିବାକୁ ପଡୁଛି। ଏମିତି ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ କରି ଘର ବଜେଟକୁ ସଜାଡ଼ି ସେମାନେ ହୋଇ ପାରିଛନ୍ତି ପ୍ରକୃତ ହୋମ୍ ମ୍ୟାନେଜର...**

ଦରବୃଦ୍ଧି ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ତେଣୁ ଘର ଚଳାଇବା ପାଇଁ ବହୁ କ୍ଷେତ୍ରରେ କମ୍ପ୍ରୋମାଇଜ୍ କରିବାକୁ ପଡୁଛି ଗୃହିଣୀମାନଙ୍କୁ। କେଉଁ ସ୍ଥାନରେ କିଣାକିଣି ନ କରି କିମ୍ବା କମ୍ କିଣି ଘର ଚଳାଇବାକୁ ଚେଷ୍ଟା କରୁଛନ୍ତି। ଯେଉଁଥିପାଇଁ ତାଙ୍କୁ ଦେଖିଚାହିଁ ହିସାବନିକାଶ କରିବାକୁ ପଡୁଛି। ଦେଖିବାକୁ ଗଲେ ଖର୍ଚ୍ଚ କରିବା ଯେତିକି ଜରୁରୀ, ସଞ୍ଚୟ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଖର୍ଚ୍ଚ ଆଉ ସଞ୍ଚୟ ମଧ୍ୟରେ ତାଳମେଳ ରକ୍ଷା କରିବା ହେଉଛି ବଜେଟ ପରିଚାଳନା। ଏ କଥାକୁ ହୃଦୟଙ୍ଗମ କରି ଚଳିବା ପାଇଁ ହେଲେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦେବାକୁ ହେବ ଜାଣିବା ନିହାତି ଦରକାର।

### ଆବଶ୍ୟକତାକୁ ପ୍ରାଥମିକତା

ଘରଖର୍ଚ୍ଚ ପାଇଁ କେଉଁ ସବୁ କ୍ଷେତ୍ରରେ ଖର୍ଚ୍ଚ କରିବା ନିହାତି ଆବଶ୍ୟକ ସେସବୁର ତାଲିକା ତିଆରି କରନ୍ତୁ। ଏମିତିକି ଆବଶ୍ୟକତା ଅନୁସାରେ ଘରର ମାସିକ ଖର୍ଚ୍ଚ ହିସାବ କରି ବଳକା ଅର୍ଥକୁ ସେଭିଂ କରି ଦିଅନ୍ତୁ। ଖୁସିରେ କୌଣସି ଜିନିଷ କିଣାକିଣି କରିବାକୁ ଯାଉଥିଲେ ଆଉଥରେ ଭାବିବା ଦରକାର।

### ଖର୍ଚ୍ଚକାଟକୁ ଗୁରୁତ୍ୱ

ଦରଦାମ ବୃଦ୍ଧି ସମୟରେ କିଭଳି ଖର୍ଚ୍ଚକାଟ କରିବେ ସେଥିପାଇଁ ଗୃହିଣୀମାନେ ହିଁ ସବୁବେଳେ ହିସାବନିକାଶ ଚଳାଇଥାନ୍ତି। ତେଣୁ ଏହି ଦୃଷ୍ଟିରୁ ବିଚାରକରି କେଉଁ ସବୁ ଜିନିଷକୁ ବାଦ୍ ଦେଇ ଚଳିହେବ ସେ ନେଇ ବିଚାର କରନ୍ତୁ। ବିଶେଷକରି କେଉଁ ଖର୍ଚ୍ଚକୁ ବାଦ୍ ଦେଲେ ପରିବାରରେ କାହା ଉପରେ ସେଭଳି ବିଶେଷ ପ୍ରଭାବ ପଡିବ ନାହିଁ ସେକଥା ବିଚାର କରିବାକୁ ହେବ। ତେଣୁ ଏଭଳି ପରିଚାଳନା କରି ନିଶ୍ଚିତଭାବେ ଖର୍ଚ୍ଚକାଟ କରିହେବ।

### ସଞ୍ଚୟ ପାଇଁ ସାଲିସ୍

ଏବେକାର ବଜାରସ୍ଥିତିକୁ ଲକ୍ଷ୍ୟକଲେ ଖାଦ୍ୟସାମଗ୍ରୀରେ ଅତ୍ୟଧିକ ଦରବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧା ପାଲଟିଛି। ତେଣୁ ବାଧହୋଇ କେତେକ ଜିନିଷ କିଣିବା କ୍ଷେତ୍ରରେ ଶପିଂବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ସାଧାରଣତଃ ମହିଳାମାନେ ଶପିଂ ପ୍ରିୟ। ଏମିତିକି ଅନେକ ସମୟରେ ମନ ଖୁସି କରିବା ପାଇଁ ଶପିଂ କରିବାକୁ ପସନ୍ଦ କରନ୍ତି। କିନ୍ତୁ କୌଣସି ଆବଶ୍ୟକତା ନ ଥିଲେ ମାର୍କେଟ ଯିବା ଉଚିତ ନୁହେଁ। ଆଉ ଯଦି ବି କୌଣସି କାମରେ ମାର୍କେଟ ଯିବାକୁ ହୁଏ ତେବେ କେବଳ ଜରୁରୀ ସାମଗ୍ରୀ କିଣିବା ନେଇ ସତର୍କ ରୁହନ୍ତୁ। ନିଜ ଶପିଂର ମୋହ ଉପରେ ସଂଯମତା ରକ୍ଷା କରିବାକୁ ହେବ।

### ଲାଇଫ୍ ଷ୍ଟାଇଲ ପରିବର୍ତ୍ତନ

ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସମୟରେ ପରିବାର ଉପରେ ଆର୍ଥିକ ବୋଝକୁ କମ୍ କରିବା ପାଇଁ ହେଲେ ନିଜ ଲାଇଫ ଷ୍ଟାଇଲ୍‌ରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଅର୍ଥାତ୍ କେହି ଯଦି ଅନାବଶ୍ୟକ ଖର୍ଚ୍ଚ ଅଧିକ କରୁଥିବେ ତେବେ ନିୟନ୍ତ୍ରଣ କରିବାକୁ ହେବ। ନଚେତ୍ ଏହି ଲାଇଫ୍ ଷ୍ଟାଇଲ୍ ପାଇଁ ବଜେଟ ପୂରା ବିଗିଡ଼ିଯିବ।









## କ'ଣ କରନ୍ତି ଏମାନେ

### କିଣିବା କମ୍ କରିଦେଇଛି

ଏବେ ତ ସବୁ ଜିନିଷର ଦାମ୍ ବହୁତ ବଢ଼ିଯାଇଛି। ତେଣୁ ପରିବାପତ୍ର କିଣିବାବେଳେ ଦେଖିଚାହିଁ କିଣିବାକୁ ପଡୁଛି। କେତେକ ପରିବା ଯେଉଁଠି ଏକାବେଳକେ କେଜିଏରୁ ଅଧିକ କିଣା ହେଉଥିଲା ଏବେ ଅଧାକେଜି କିଣୁଛି। ସପ୍ତାହକୁ ପରିବା ପାଇଁ ମୁଁ ଯେତିକି ବଜେଟ ରଖିଥାଏ ସେତିକିରେ ହିଁ କିଣୁଛି। ତେଣୁ ରୋଷେଇ କରିବାବେଳେ ଆଡଜଷ୍ଟ କରିଦେଉଛି।

*–ସୌଦାମିନୀ ବାରିକ, ଗୃହିଣୀ, ଜାଗୁଲା, ଧାମରା, ଭଦ୍ରକ*

### ଶପିଂ ମଲ୍ ଯାଉନି

ପ୍ରତି ମାସରେ ମୁଁ ଶପିଂ ମଲ୍‌କୁ ଯାଉଥିଲି। କିନ୍ତୁ ଏବେ ମୋର ଏଇ ଅଭ୍ୟାସ ବନ୍ଦ କରିଦେଇଛି। କାରଣ ଶପିଂ ମଲ୍‌ରେ ବିଭିନ୍ନ ଜିନିଷ ଦେଖିଲେ ମୋର କିଣିବାକୁ ଭାରି ଇଚ୍ଛା ହୁଏ। ସେଥିପାଇଁ ଏବେ ମୁଁ ଶପିଂ ମଲ୍ ଯିବା ହିଁ ବନ୍ଦ କରିଦେଇଛି। କେବଳ ଆବଶ୍ୟକ ଜିନିଷ ହିଁ କିଣାକିଣି କରୁଛି।

*–ଅମିତା ବିଶ୍ୱାଳ, ଗୃହିଣୀ, ଗରଗାଲି, ଯାଜପୁର*

### ସବୁ ଖର୍ଚ୍ଚକୁ ଜଗୁଛି

ଗ୍ୟାସ୍ ଖର୍ଚ୍ଚ ହେଉ କି ଇଲେକ୍ଟ୍ରି ବିଲ୍ କିମ୍ବା ଘରର ଅନ୍ୟାନ୍ୟ ଖର୍ଚ୍ଚ, ସବୁ ଉପରେ ନଜର ରଖିବାକୁ ପଡୁଛି। ସବୁକ୍ଷେତ୍ରରେ କିପରି ଖର୍ଚ୍ଚ କମ୍ କରିହେବ ସେଥିପାଇଁ ସବୁବେଳେ ଯଥାସମ୍ଭବ ଚେଷ୍ଟା କରିଥାଏ। ସେଥିପାଇଁ ତ ବିଭିନ୍ନ ଉପାୟ ଚିନ୍ତାକରି କାମ କରିଥାଏ। ଅନେକ ସମୟରେ ମୁଁ ଘର ତିଆରି ସହଜ ଆଉ ହେଲ୍‌ଦି ଜଳଖିଆ ତିଆରି କରିଥାଏ। ବାହାରୁ ଖାଦ୍ୟ ଅର୍ଡର କରିବା କି ବୁଲାବୁଲି କରି ବାହାରେ ପାର୍ଟି କରିବା ଏବେ ପ୍ରାୟ ବନ୍ଦ କରିଦେଇଛି।

*–ଗୀତାଞ୍ଜଳି ଦାଶ, ଗୃହିଣୀ, କପାସିରା, ସୁବର୍ଣ୍ଣପୁର*

### ମାର୍କେଟ ରେଟ୍ ଅନୁସାରେ ଖର୍ଚ୍ଚ କରେ

ଘରର ବିଭିନ୍ନ ଛୋଟ ଛୋଟ ଦିଗ ପ୍ରତି ସଚେତନ ରହିଲେ ସବୁ ଗୃହିଣୀ ଖର୍ଚ୍ଚକାଟ କରିପାରିବେ। ଆଉ ସହଜରେ ଦରଦାମ୍ ବୃଦ୍ଧିର ମୁକାବିଲା କରିପାରିବେ। ତେଣୁ ଘର ଭିତରେ ବିଭିନ୍ନ ଦିଗରୁ ଆଉ ମାର୍କେଟ ଅବସ୍ଥା ଉଭୟ ପ୍ରତି ସବୁବେଳେ ସତର୍କ ରହିଥାଏ। କେଉଁ ସମୟରେ କିଭଳି ସମସ୍ତଙ୍କୁ ଖୁସି କରି ଖର୍ଚ୍ଚ କମ୍ କରିହେବ ସେନେଇ ଭାବିଚିନ୍ତି କାମ କରେ।

*–ରାନୁ ମହାନ୍ତି, ଗୃହିଣୀ, ଗଡେଇପୋଖରୀ, ଘଣ୍ଟେଶ୍ୱର, ଭଦ୍ରକ*



ଗୀତାଞ୍ଜଳି



ଅମିତା



ରାନୁ



ସୌଦାମିନୀ

## ଖାଦ୍ୟରୁଚି

# ମୁଗ ଡାଲି ଦୋସା

**ଆବଶ୍ୟକ ସାମଗ୍ରୀ:** ମୁଗଡାଲି– ଅଧା କପ୍, ଚାଉଳ– ୩ ବଡ଼ ଚାମଚ, ପିଆଜ– ୧ଟି, ଟମାଟୋ– ୧ଟି, ସିଝା ଆଳୁ– ୨ଟି, ସୋରିଷ–୧ ଚାମଚ, କଞ୍ଚାଲଙ୍କା– ୨ଟି, ଭୃସଙ୍ଗ ପତ୍ର– ଅଳ୍ପ, ହଳଦୀ– ଅଧା ଚାମଚ, ଧନିଆ ପତ୍ର କଟା– ୨ ଚାମଚ, ତେଲ ଓ ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ– ମୁଗଡାଲି ଓ ଚାଉଳକୁ ପ୍ରଥମେ ୫ ରୁ ୬ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ମୁଗଡାଲିକୁ ଭଲଭାବେ ଧୋଇ ଚାଉଳ ଓ କଞ୍ଚାଲଙ୍କା ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁରୁ ଚୋପା ଛଡ଼ାଇ ସେଥିରେ ଲୁଣ ପକାଇ ଚକଟିଦିଅନ୍ତୁ। ଏବେ ଗ୍ୟାସ୍ ଉପରେ କଡ଼େଇ ବସାଇ ସେଥିରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ସୋରିଷ ଫୁଟାଇ ଭୃସଙ୍ଗପତ୍ର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏହାପରେ ପିଆଜକୁ କାଟି ସେଥିରେ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଯିବା ପରେ ଟମାଟୋ ପକାଇ କିଛି ସମୟ ଭାଜନ୍ତୁ। ପରେ ଆଳୁ ଚକଟା ପକାଇ ମିଶାନ୍ତୁ। ଏବେ ଦୋସା ପାଇଁ ଷ୍ଟଫିଂ ପ୍ରସ୍ତୁତ ହୋଇଗଲା।

ଏବେ ତାୱାରେ ମୁଗଡାଲିର ବଟା ମିଶ୍ରଣକୁ ପକାଇ ଦୋସା ଭଳି କରି ଦିଅନ୍ତୁ। କିଛି ସମୟ ପରେ ସେଥିରେ ଆଳୁ ଷ୍ଟଫିଂକୁ ଦେଇ ଭାଙ୍ଗି ଦିଅନ୍ତୁ। ଏବେ ମୁଗଡାଲିର ଏହି ଦୋସାକୁ ନଡ଼ିଆ ଚଟଣି, ଟମାଟୋ ଚଟଣି, ଧନିଆ ଚଟଣି ସହ ପରଷନ୍ତୁ।



# କଫିରୁ ମିଳିବ ସୁନ୍ଦର ତ୍ୱଚା



**କଫି ବ୍ୟବହାର କରି ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି କରାଯାଇପାରିବ। ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ତ୍ୱଚାର କଳାଦାଗ ଦୂରକରିବା ସହିତ ଉଜ୍ଜ୍ୱଳତା ବୃଦ୍ଧି କରିଥାଏ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ ...**

➤କଫିକୁ ଫେସ୍ ମାସ୍କଭାବେ ବ୍ୟବହାର କରାଯାଇପାରିବ। ଏଥିପାଇଁ ୨ବଡ଼ ଚାମଚ କଫି ଗୁଣ୍ଡରେ ୨ ବଡ଼ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ଥଣ୍ଡାପାଣିରେ ମୁହଁ ଧୋଇ ଦିଅନ୍ତୁ।

➤କଫିକୁ ଫେସ୍ ସ୍କ୍ରବ୍‌ଭାବେ ବ୍ୟବହାର କରିବା ପାଇଁ ଏହାର ଏକ ପେଷ୍ଟ ତିଆରି କରନ୍ତୁ। ଏଥିପାଇଁ ୨ ବଡ଼ ଚାମଚ କଫି ପାଉଡର ସହିତ ୧ ବଡ଼ ଚାମଚ ଅଲିଭ୍ ଅଏଲ୍ ଭଲଭାବେ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଗୋଲାକାରରେ ଘଷନ୍ତୁ। ୫ ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

➤କଫି ଏକ ସୁନ୍ଦର ଆଇ ମାସ୍କ ମଧ୍ୟ। ତେଣୁ ଆଖି ତଳେ ଏହାକୁ ଲଗାଇପାରିବେ। ଏଥିପାଇଁ କଫି ଗୁଣ୍ଡରେ ସମାନ ମାତ୍ରାରେ ଅଲିଭ୍ ଅଏଲ୍ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ଆଖି ତଳେ ଲଗାଇ ୧୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ଆଖିତଳର ଦାଗ ଓ କୁଞ୍ଚନ କମ୍ ହୋଇଯିବ।

➤ଅତ୍ୟଧିକ ଟାଣ ଖରାରୁ ଫେରିବା ପରେ ଆଖି ଲାଲ୍ ହୋଇ ଥିଲେ କଫି ବ୍ୟବହାର କରିହେବ। ଏଥିପାଇଁ ଫ୍ରିଜ୍‌ରୁ ଏକ କପ୍ ଥଣ୍ଡା ପାଣି ଆଣନ୍ତୁ। ଏଥିରେ କଫିକୁ ଗୁଣ୍ଡକରି ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଏକ ପତଳା ସୂତା କପଡ଼ାକୁ ଭିଜାଇ ବାହାର କରି ଦିଅନ୍ତୁ। କପଡ଼ାକୁ ଚିପୁଡ଼ି ଆଖି ଉପରେ ଲଗାଇ ରଖନ୍ତୁ। ଏହିପରି ବାରମ୍ବାର କରିବା ପରେ ଆଖିକୁ ବେଶ୍ ଆରାମ ଲାଗିବ ଓ ଆଖି ସୁନ୍ଦର ଦେଖାଯିବ।

ସୌନ୍ଦର୍ଯ୍ୟ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୩/୨୦୨୨ Bhubaneswar, Tuesday, August 23/ 2022

# ନିର୍ଦ୍ଦେଶନାମାରେ ପରିବର୍ତ୍ତନ କଲେ ସୁପ୍ରିମକୋର୍ଟ

- ଏଆଇଏଫ୍ଏଫ୍ ନିର୍ବାଚନ ଏକ ସପ୍ତାହ ଘୁଞ୍ଚିଲା
- ଭୋଟିଂରେ ଭାଗନେବେ ୩୬ ପ୍ରତିନିଧି

ନୂଆଦିଲ୍ଲୀ, ୨୨।୮ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଉପରୁ ଯେପରି ବାସନ୍ଦ ଦଣ୍ଡ ଉଠିବ ଏବଂ ଭାରତ ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ କରିପାରିବ ତାହାକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ସୋମବାର କର୍ମକର୍ତ୍ତା ନିର୍ବାଚନ ସଂକ୍ରାନ୍ତ ତାଙ୍କ ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରିଛନ୍ତି। କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ହାତରୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍)ର ପରିଚାଳନା ଭାର ପ୍ରତ୍ୟାହୃତ କରିଛନ୍ତି। ଏହାସହିତ ଏଆଇଏଫ୍ଏଫ୍‌ର ନିର୍ବାଚନ ପ୍ରକ୍ରିୟାକୁ ଆଉଥରେ ମୂଳରୁ ଆରମ୍ଭ କରିବା ସହିତ ଏକ ସପ୍ତାହ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଅକ୍ଟୋବରରେ ବିଶ୍ୱକପ୍ ହେବାକୁ ଥିବା ବେଳେ ଏହା ପୂର୍ବରୁ ଭାରତ ଉପରୁ ବାସନ୍ଦ ହଟାଇବାକୁ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ମେ’ ୧୮ରେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅନିଲ ଆର. ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଏବଂ ପୂର୍ବତନ ଭାରତୀୟ ଫୁଟବଲ କ୍ୟାପ୍‌ଟେନ ଭାସ୍କର ଗାଙ୍ଗୁଲିଙ୍କୁ ନେଇ ସିଓଏ ଗଠନ କରିଥିଲେ କୋର୍ଟ। ଅଢ଼େଇ ବର୍ଷ ହେବ ବେଆଇନ ଭାବେ ଏଆଇଏଫ୍ଏଫ୍‌ର କାର୍ଯ୍ୟଭାର ସମ୍ଭାଳୁଥିବା ପ୍ରଫୁଲ୍ଲ ପଟେଲଙ୍କ ସ୍ଥାନରେ ସିଓଏକୁ କାର୍ଯ୍ୟଭାର ଦିଆଯାଇଥିଲା। ତେବେ ସିଓଏ ପକ୍ଷରୁ ଖେଳାଳି ଏବଂ ନିର୍ବାଚିତ ସଦସ୍ୟଙ୍କୁ ଭୋଟିଂ ଅଧିକାର ପ୍ରଦାନ କରାଯିବା ନିଷ୍ପତ୍ତିକୁ ଫିଫା ପକ୍ଷରୁ ତୃତୀୟ ପକ୍ଷ ହସ୍ତକ୍ଷେପ ଭାବରେ ବିବେଚନା କରାଯାଇଥିଲା। ଏଆଇଏଫ୍ଏଫ୍‌କୁ ବାସନ୍ଦ କରାଯିବା ସହ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ନେଇ ମଧ୍ୟ ଆଶଙ୍କା ଉପୁଜିଥିଲା। ରବିବାର ସନ୍ଧ୍ୟାରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଫିଫାର ସମସ୍ତ ସର୍ତ୍ତ ମାନିନେବା ନେଇ ଏକ ଯାଚିକା ଦାଖଲ କରାଯାଇଥିଲା। ଫଳରେ ସୋମବାର ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ମଧ୍ୟ ଏହା ଆଧାରରେ ରାୟ ପ୍ରଦାନ କରିଥିଲେ। ପୁନର୍ବାର ଆରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାବେଳେ ପୂର୍ବତନ ଖେଳାଳିଙ୍କ ଭୋଟିଂ ଅଧିକାର ମଧ୍ୟ ରଦ୍ଦ କରାଯାଇଛି। ସେହିପରି ୩୬ ଜଣ ପୂର୍ବତନ ଖେଳାଳିଙ୍କ ପରିବର୍ତ୍ତେ ମାତ୍ର ୬ ଜଣ ପୂର୍ବତନ ଖେଳାଳିଙ୍କୁ ଏହି ବୋର୍ଡରେ ସାମିଲ କରାଯିବ। ଏହା ମଧ୍ୟରେ ୪ ପୁରୁଷ ଏବଂ ୨ ଜଣ ମହିଳା ଖେଳାଳି ସାମିଲ। ଏହା ମଧ୍ୟରୁ ଜଣେ ଖେଳାଳିଙ୍କ ପାଖରେ ଭୋଟିଂ ଅଧିକାର ରହିବ। ତେବେ ନିଜ ନିଷ୍ପତ୍ତିକୁ ନେଇ ଖଣ୍ଡପୀଠ ସନ୍ତୁଷ୍ଟ ନ ଥିବା କହିଥିଲେ। ଏହି ରାୟର କୌଣସି ତର୍କ ନାହିଁ, ତେବେ ବର୍ତ୍ତମାନର ପରିସ୍ଥିତି ଅନୁସାରେ ଏପରି ନିଷ୍ପତ୍ତି ନିଆଯାଇଛି। ଭବିଷ୍ୟତରେ ଏହା ଉପରେ ପୁନର୍ବିଚାର କରାଯିବାର ସମ୍ଭାବନା ରହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ରବିବାର ସନ୍ଧ୍ୟାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦାଖଲ କରାଯାଇଥିବା ଯାଚିକାରେ ମେ’ ୧୮ ଓ ଅଗଷ୍ଟ ୩ରେ କୋର୍ଟ ନିଜର ନିଷ୍ପତ୍ତିକୁ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଆଇଏଫ୍ଏଫ୍‌ର ଦୈନନ୍ଦିନ ପରିଚାଳନାଭାର କାର୍ଯ୍ୟକାରୀ ସାଧାରଣ ସମ୍ପାଦକଙ୍କୁ ନ୍ୟସ୍ତ କରାଯାଇଛି। ସେହିପରି ସିଓଏ ଏଆଇଏଫ୍ଏଫ୍‌ର ସମ୍ବିଧାନ ପ୍ରସ୍ତୁତ କରିସାରିଥିବା ବେଳେ ଏଥିରେ ସହଯୋଗ କରିବା ପାଇଁ ବରିଷ୍ଠ ଆଡଭୋକେଟ୍ ଗୋପାଳ ଶଙ୍କର ନାରାୟଣନଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ସମଗ୍ର ବିଶ୍ୱରେ ଫିଫାର ନିୟମ ଏକପ୍ରକାର। ତୃତୀୟ ପକ୍ଷ ହସ୍ତକ୍ଷେପକୁ ନେଇ ଏହାର ନିଷ୍ପତ୍ତି କଠୋର। ଏହା ଦ୍ୱାରା ଭାରତକୁ ଦୁଇଟି କ୍ଷତି ହେବ। ପ୍ରଥମତଃ ଭାରତ ବିଶ୍ୱକପ୍ ଆୟୋଜନ କ୍ଷମତା ହରାଇବ ଏବଂ ଦ୍ୱିତୀୟତଃ ବିଭିନ୍ନ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ଖେଳିବାରୁ ଦଳ ବଞ୍ଚିତ ହେବ। ନିର୍ବାଚନ ପ୍ରକ୍ରିୟାକୁ ଏକ ସପ୍ତାହ ଘୁଞ୍ଚାଇ ଦିଆଯାଇଥିବା ବେଳେ କେବଳ ୩୬ ପ୍ରତିନିଧି (୩୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆସୋସିଏଶନ ପ୍ରତିନିଧି+୧ ପୂର୍ବତନ ଖେଳାଳି) ଭୋଟିଂରେ ଅଂଶଗ୍ରହଣ କରିପାରିବେ। ରିଟର୍ନିଂ ଅଫିସର ଉମେଶ ସିହ୍ନା ଓ ତାପସ ଭଟ୍ଟାଚାର୍ଯ୍ୟଙ୍କୁ ନେଇ କୌଣସି ପକ୍ଷଙ୍କ ଆପତ୍ତି ନ ଥିବାରୁ ଉଭୟ ସମାନ ଦାୟିତ୍ୱରେ ରହିବେ। ପୂର୍ବରୁ ଏଆଇଏଫ୍ଏଫ୍‌ର ପରିଚାଳନା କମିଟି ସଦସ୍ୟଙ୍କ ସଂଖ୍ୟା ୧୭ ରହିଥିବା ବେଳେ ଚଳିତ ବର୍ଷ ଏହାକୁ ୨୩କୁ ବଢ଼ାଯିବ ବୋଲି ଖଣ୍ଡପୀଠ ଆଦେଶ ଦେଇଛନ୍ତି।

## ହକି ଇଣ୍ଡିଆ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ନିଯୁକ୍ତ

ନୂଆଦିଲ୍ଲୀ, ୨୨।୮ (ପି.ଟି.)

ହକି ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଅକ୍ଟୋବର ୯ରେ ହେବ। ଏଥିପାଇଁ ବିହାର ସରକାରଙ୍କ ପୂର୍ବତନ ନିର୍ବାଚନ ଅଧିକାରୀ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ମିଳିଛି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ଓ ବର୍ତ୍ତମାନ ଦେଶରେ ଖେଳର ପରିଚାଳନା ଦାୟିତ୍ୱରେ ରହିଥିବା କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଯୁକ୍ତି ଦିଆଯାଇଛି। ବୈଠକରେ ଏଫ୍ଆଇଏଚ୍‌ର କାର୍ଯ୍ୟନିର୍ବାହୀ ସଭାପତି ସିଫ୍ ଅହମଦ, ସିଇଓ ଥିଏରୀ ୱିଲ୍ ଏବଂ ସିଓଏର ସଦସ୍ୟଗଣ ଜଷ୍ଟିସ୍ ଅନିଲ ଆର୍ ଡାଭେ, ଏସ୍‌ୱାଇ କୁରେଶୀ ଓ ଜାଫର ଇକ୍‌ବାଲ ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହକି ଇଣ୍ଡିଆ ବର୍ତ୍ତମାନ ସିଓଏ ଅଧୀନରେ କାର୍ଯ୍ୟ କରୁଛି। ହକିଇଣ୍ଡିଆ ସସ୍‌ପେଣ୍ଡ ସମ୍ଭାବନାକୁ ଯେପରି ଏଡ଼ାଇ ଦେଇହେବ ତାହାର ଏକ ସମାଧାନ ସୂତ୍ର ବାହାର କରିବା ଲାଗି ଏଫ୍ଆଇଏଚ୍‌ର ଦୁଇଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସିଥିଲା। କୋର୍ଟଙ୍କୁ ତୃତୀୟ ପକ୍ଷ ଭାବେ ବିବେଚନା କରେ ନାହିଁ ବୋଲି ଏଫ୍ଆଇଏଚ୍ ସ୍ପଷ୍ଟ କରିଥିଲା। ଖେଳର କୌଣସି ଜାତୀୟ ମହାସଂଘରେ ତୃତୀୟ ପକ୍ଷର ହସ୍ତକ୍ଷେପ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଜାନୁୟାରୀ ୧୩ରୁ ୨୯ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ବିଶ୍ୱକପ୍ ଆୟୋଜନ କରାଯାଇଛି। ଠିକଣା ସମୟରେ ଗାଇଡ୍‌ଲାଇନ୍ ଅନୁସାରେ କର୍ମକର୍ତ୍ତା ନିର୍ବାଚନ କରାଯାଇ ନ ଥିବାରୁ ଏଫ୍ଆଇଏଚ୍ ଦ୍ୱାରା ହକି ଇଣ୍ଡିଆ ସସ୍‌ପେଣ୍ଡ ହେବାର ଆଶଙ୍କା ଦେଖା ଦେଇଥିଲା।



ଜିମ୍ବାୱେ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ୍ ଜିତିବା ପରେ ଟ୍ରଫି ସହ ଭାରତୀୟ ଦଳ।

## କାର୍ଲସେନ୍‌ଙ୍କୁ ହରାଇ ପ୍ରଜ୍ଞାନନ୍ଦ ଦ୍ୱିତୀୟ

**ମାୟାମି, ୨୨।୮ (ପି.ଟି.):** ଏଫ୍‌ଟିଏକ୍ସ କ୍ରିପ୍ଟୋ କପ୍ ଚେସ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ୪-୨ରେ ବିଶ୍ୱର ନମ୍ବର ୱାନ୍ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି। କାର୍ଲସେନଙ୍କ ବିପକ୍ଷରେ ବିଜୟ ସତ୍ତ୍ୱେ ୧୭ ବର୍ଷୀୟ ଖେଳାଳି ଫାଇନାଲ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ନରୱେ ଖେଳାଳି ଅଧିକ ସ୍କୋର କରିଥିବାରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ପ୍ରତିଯୋଗିତାରେ ମୋଟ ୧୬ ପଏଣ୍ଟ ଅର୍ଜନ କରିଥିବା ବେଳେ ଭାରତର ସ୍ୱଳ୍ପବୟସ୍କ ପ୍ରତିଭା ୧୫ ପଏଣ୍ଟ ପାଇଛନ୍ତି। ଅନ୍ୟ ଜଣେ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ଅଲିରେଜା ଫିରୋଜା ଭାରତୀୟ ଖେଳାଳିଙ୍କ ସହ ସମାନ ୧୫ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ପୂର୍ବରୁ ସେ ପ୍ରଜ୍ଞାନନ୍ଦଙ୍କଠାରୁ ପରାସ୍ତ ହୋଇଥିବାରୁ ତାଙ୍କୁ ତୃତୀୟ ସ୍ଥାନ ମିଳିଛି। ଫାଇନାଲ ରାଉଣ୍ଡର ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଫିରୋଜା ୨.୫-୧.୫ରେ ଆରୋନିଆନଙ୍କୁ, କୁଆଙ୍ଗ ଲିମ୍ ଲି (ଚାଇନା) ହାନ୍ସ ନିମାନଙ୍କୁ ଏବଂ ପୋଲାଣ୍ଡର ଜାନ୍ କ୍ରିଷ୍ଟୋଫ୍ ୨.୫-୦.୫ରେ ଅନିଶ ଗିରିଙ୍କୁ ହରାଇ ଦେଇଛନ୍ତି। ଆମେରିକାନ ଫିନାଲେ ଅଫ୍ ଚାମ୍ପିୟନ୍ସ ଚେସ୍ ଟୁର୍ ଅନ୍ତର୍ଗତ ଏହି ଅଲ୍-ପ୍ଲେ-ଅଲ୍ ଟୁର୍ନାମେଣ୍ଟ ୮ଜଣ ଖେଳାଳିଙ୍କୁ ନେଇ ହୋଇଥିଲା। ପ୍ରତିଟି ମ୍ୟାଚ୍‌ରେ ୪ଟି ଲେଖାଏଁ ରାପିଡ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଯଦି ୨-୨ରେ ଡ୍ର ରୁହେ ତେବେ ବ୍ଲିଜ ଟାଇବ୍ରେକରର ବ୍ୟବସ୍ଥା ରହିଥିଲା।

**ଫାଇନାଲ ଷ୍ଟାଣ୍ଡିଂ:** ୧- ମାଗ୍ନସ କାର୍ଲସେନ୍ (୧୬ ମ୍ୟାଚ ପଏଣ୍ଟ), ୨-ଆର. ପ୍ରଜ୍ଞାନନ୍ଦ (୧୫), ୩- ଅଲିରେଜା ଫିରୋଜା (୧୫)।




# ଭାରତର ସିରିଜ୍ ସୁଇପ୍

ହରାରେ, ୨୨।୮ (ପି.ଟି.)


ଶତକ ହାସଲ ପରେ ଶୁବମନ ଗିଲ୍।

ଓପ୍‌ନର ଶୁବମନ ଗିଲ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍ ଜିତିବା ସହ ଜିମ୍ବାୱେ ବିପକ୍ଷ ସିରିଜ୍‌କୁ ସୁଇପ୍ କରିଛି। ଭାରତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୮୯ ରନ୍ କରିଥିଲା। ଜବାବରେ ସିକନ୍ଦର ରାଜାଙ୍କ ଲଢୁଆ ଶତକ ସତ୍ତ୍ୱେ ଜିମ୍ବାୱେ ୪୯.୩ ଓଭରରେ ୨୭୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ଘରୋଇ ଦଳ ବିଜୟଠାରୁ ୧୩ ରନ୍ ଦୂରରେ ରହିଥିଲା।

କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଭାରତ ଟସ୍ ଜିତିଥିବା ବେଳେ ପ୍ରଥମଥର ପାଇଁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଶିଖର ଧାୱନ(୪୦) ଓ ଅଧିନାୟକ ଲୋକେଶ ରାହୁଲ(୩୦) ପ୍ରଥମ ଉଇକେଟରେ ୬୩ ରନ୍ ଯୋଡ଼ିଥିଲେ। ପ୍ରଥମେ ରାହୁଲ ଓ ୧୯ ରନ୍ ବ୍ୟବଧାନରେ ଧାୱନ ପାଭିଲିୟନ ଫେରିଥିଲେ। ଚତୁର୍ଥ ଉଇକେଟରେ ଶୁବମନ ଗିଲ୍(୧୩୦) ଓ ଇଶାନ୍ କିଶନ୍(୫୦) ୧୪୦ ରନ୍ ଭାଗୀଦାରି ଗଢ଼ି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ୯୭ ବଲ୍ ଖେଳି ୧୫ ଚୌକା ଓ ୧ ଛକା ସହିତ ଗିଲ୍ ୧୩୦ ରନ୍ କରି ପାଭିଲିୟନ୍ ଫେରିଥିଲେ। ଜିମ୍ବାୱେ ମାଟିରେ ସର୍ବକନିଷ୍ଠ ବ୍ୟାଟର ଭାବେ ଶତକ ହାସଲ କରି ସେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। କିଶନ ୬୧ଟି ବଲ୍ ଖେଳି ୬ ଚୌକା ମାରିଥିଲେ। ତେବେ ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ବିଫଳତା କାରଣରୁ ଭାରତ ୩୦୦ ରନ୍ ସ୍ପର୍ଶ କରିବାରେ ଅସମର୍ଥ ରହିଥିଲା। ଜିମ୍ବାୱେ ପକ୍ଷରୁ ବ୍ରାଡ ଇଭାନ୍ସ ୫ ଉଇକେଟ ସଫଳତା ପାଇଥିବା ବେଳେ ଲ୍ୟୁକ୍ ଜଙ୍ଗୱେ ଓ ଭିକ୍ଟର ନାୟୁଚି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।।

୨୯୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଜିମ୍ବାୱେକୁ ମ୍ୟାଚର ତୃତୀୟ ଓଭରରେ ପ୍ରଥମ ଝଟକା ଦେଇଥିଲେ ଦୀପକ ଚହର। ଇନୋସେଣ୍ଟ କାଇଆ ୬ ରନ୍ କରି ଆଉଟ ହୋଇଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ ଅନ୍ୟତମ ଓପ୍‌ନର କାଇଟାନୋ। ସିନ୍ ୱିଲିୟମ୍ସ(୪୫) ଓ ଟୋନି ମୁନିଓଙ୍ଗା(୧୫)ଙ୍କ ମଧ୍ୟରେ ୭୫ ରନ୍‌ର ଭାଗୀଦାରି ହୋଇଥିଲେ ହେଁ ମାତ୍ର ୨ ରନ୍ ବ୍ୟବଧାନରେ ଉଭୟ ପାଭିଲିୟନ୍ ଫେରିଥିଲେ। ଗୋଟିଏପଟେ ସିକନ୍ଦର ରାଜା(୧୧୫) ଇନିଂସ ସମ୍ଭାଳିବାକୁ ପ୍ରୟାସ କରୁଥିବା ବେଳେ ଅନ୍ୟପାର୍ଶ୍ୱରୁ ଗୋଟିଏ ପରେ ଗୋଟିଏ ଉଇକେଟ ପଡ଼ିଚାଲିଥିଲା। ଦଳୀୟ ସ୍କୋର ୧୬୯ରେ ଲ୍ୟୁକ୍ ଜଙ୍ଗୱେ(୧୪) ସପ୍ତମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହେବା ପରେ ରାଜା ଆକ୍ରମଣ ଆରମ୍ଭ କରିଥିଲେ। ବ୍ରାଡ୍ ଇଭାନ୍ସ(୨୮)ଙ୍କୁ ସାଥିକରି ମାତ୍ର ୧୨.୧ ଓଭରରେ ଯୋଡ଼ିଥିଲେ ୧୦୪ ରନ୍। ୯୫ ବଲ୍ ଖେଳି ୯ ଚୌକା ଓ ୩ ଛକା ସହିତ ୧୧୫ ରନ୍ କରିଥିବା ରାଜା ମ୍ୟାଚ୍‌ର ୪୯ତମ ଓଭରରେ ଆଉଟ ହେବା ସହିତ ଜିମ୍ବାୱେର ବିଜୟ ଆଶା ମଉଳି ଯାଇଥିଲା। ଭାରତ ପକ୍ଷରୁ ଆଭେଶ ଖାନ୍ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଦୀପକ ଚହର, କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ମିଳିଥିଲା ୨ଟି ଲେଖାଏ ଉଇକେଟ। ସିକନ୍ଦର ରାଜାଙ୍କ ପ୍ରାଇଜ୍ ଉଇକେଟ୍‌ଟି ଶାର୍ଦ୍ଦୂଳ ଠାକୁରଙ୍କ ଖାତାକୁ ଯାଇଥିଲା। ଶୁବମନ ଗିଲଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୮୯/୮(ଶୁବମନ ଗିଲ୍-୧୩୦, ଇଶାନ କିଶନ-୫୦, ଶିଖର ଧାୱନ-୪୦, ବ୍ରାଡ ଇଭାନ୍ସ-୫/୫୪)। ଜିମ୍ବାୱେ ୪୯.୩ ଓଭରରେ ୨୭୬/ଅଲ୍‌ଆଉଟ (ସିକନ୍ଦର ରାଜା-୧୧୫, ସିନ୍ ୱିଲିୟମ୍ସ-୪୫, ଆଭେଶ୍ ଖାନ୍-୩/୬୬, ଅକ୍ଷର ପଟେଲ-୨/୩୦, କୁଲଦୀପ ଯାଦବ-୨/୩୮)।




## ପଦକ ବିଜେତା ଓଡ଼ିଶା ସନ୍ତରଣକାରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ହୋସଙ୍ଗାବାଦ୍‌ଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ୧୬ ବର୍ଷରୁ କମ୍ ସନ୍ତରଣ ସିରିଜ୍‌ରେ ସଫଳତା ହାସଲ କରି ଓଡ଼ିଶାର ପ୍ରତିଯୋଗୀମାନେ ସୋମବାର ଭୁବନେଶ୍ୱର ଫେରିଛନ୍ତି। ବିମାନବନ୍ଦରରେ ପହଞ୍ଚିବା ପରେ କଳିଙ୍ଗ ଆକ୍ୱାଟିକ୍ସ କ୍ଲବ୍ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ସନ୍ତରଣକାରୀମାନେ ଏହି ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଭଦ୍ରା ଶତପଥୀ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିମାନବନ୍ଦରରେ କଳିଙ୍ଗ ଆକ୍ୱାଟିକ୍ସ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ଚାରୁଶ୍ରୀ ବେହୁରା, ସାଧାରଣ ସମ୍ପାଦକ ଅମର ମହାନ୍ତି, ଯୁଗ୍ମ ସମ୍ପାଦକ ମନୋଜ ରାୟ, କୋଷାଧ୍ୟକ୍ଷ ସୁବ୍ରତ ଦାସ୍, କାର୍ଯ୍ୟନିର୍ବାହୀ ସଦସ୍ୟ ସୁଜାତା ଶତପଥୀ, ଲଳିତେନ୍ଦୁ ପତି, ଲିପ୍‌ସା ରାଉତ, ଦେବାଶିଷ ପଣ୍ଡା, ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ହୋସଙ୍ଗାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ୧୬ ବର୍ଷରୁ କମ୍ ସନ୍ତରଣ ସିରିଜ୍‌ରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀଙ୍କୁ ସୋମବାର ଭୁବନେଶ୍ୱରରେ ସମ୍ବର୍ଦ୍ଧନା ଦିଆଯାଉଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ